

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

**The Dhwani Pratidhwani**

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ରବିବାର ୦୩ ଅଗଷ୍ଟ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 03 August 2025

Vol.No. 36 ■ No.204 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଛି

ବାର୍ଷିକ ସଂଖ୍ୟା

ସାଗରିକା

ଏବେଠାରୁ

ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...

website : sagarika.in.net


# ଟ୍ରମ୍ପଙ୍କ ଟାରିଫ୍ ନେଇ ମୋଦୀଙ୍କ ଜବାବ: ଭାରତ ହେବ ବିଶ୍ୱର ତୃତୀୟ ଅର୍ଥନୀତି; ଋଷଠାରୁ କିଣିବ ତେଲ



ନୂଆଦିଲ୍ଲୀ,୨/୮ : ସବୁବେଳେ ଚର୍ଚ୍ଚାକୁ ରହିବାକୁ, ବିଶ୍ୱର ଧ୍ୟାନ ଆକର୍ଷଣ କରିବାକୁ ବୋଧହୁଏ ଚାହାନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । କେବେ ଭିତ୍ତିହୀନ ଦାବି କରନ୍ତି ତ ପୁଣି କେବେ ପ୍ରଶଂସା ସାଉଁଟିବାକୁ ଯାଇ ଯୁଦ୍ଧ ମଧ୍ୟସ୍ଥତାର କଥା କୁହନ୍ତି । ଏହା ଭିତରେ ପୁଣି ଭାରତକୁ ନେଇ ବଡ଼ ବୟାନ ଦେଇଛନ୍ତି ଡୋନାଲ୍ଡ ଟ୍ରମ୍ପ। ଟାରିଫ ଲାଗୁ ପରେ ରୁଷଠୁ ଭାରତ ଅଶୋଧିତ ତୈଳ ଆମଦାନୀ ବନ୍ଦ କରିଥିବା ଦାବି କରୁଥିବାବେଳେ ଟ୍ରମ୍ପଙ୍କୁ ଜବାବ ଦେଇଛି ଏମଇଏ। ଭାରତର ବୟାନ ରୁଷଠୁ ଭାରତ ତୈଳ ଆମଦାନୀ ବନ୍ଦ କରିନି । ଭାରତ କୌଣସି ପରିସ୍ଥିତିରେ କାହାରି ଚାପରେ ରହେନି । ବଜାରରେ କ'ଣ ଉପଲବ୍ଧ ଏବଂ ବିଶ୍ୱର ପରିସ୍ଥିତି ଅନୁସାରେ ଦେଶ ନିଷ୍ପତ୍ତି ନେଇଥାଏ। ଗତ ୩ ସପ୍ତାହ ହେବ ଭାରତ ରୁଷଠୁ କୌଣସି ପ୍ରକାର ଇନ୍ଧନ ଆମଦାନୀ କରୁନଥିବା ଏକ ରିପୋର୍ଟ ପ୍ରକାଶ ପାଇଥିଲା । ଯାହାକୁ ଖଣ୍ଡନ କରିଛି ଭାରତ । ଅନ୍ୟପଟେ ଗବେଷଣା ପ୍ରତିଷ୍ଠାନ ଗ୍ଲୋବାଲ୍ ଟ୍ରେଡ୍ ରିସର୍ଚ୍ଚ ଇନିସିଏଟିଭ୍ ବା ଜିଟିଆରଆଇ ପରାମର୍ଶଇଭାରତ ରୁଷଠୁ ଅଶୋଧିତ ତେଲ କିଣିବା ବନ୍ଦ ନକରୁ । ଆମେରିକାର ଚାପର ବଶବର୍ତ୍ତୀ ହେବା ଉଚିତ ନୁହେଁ । ଏହାକୁ ପ୍ରତିରୋଧ କରିବା ଉଚିତ । ଭାରତ ମୁଦ୍ରାସ୍ଫୀତି ନିୟନ୍ତ୍ରଣ ଓ ଅସ୍ଥିର ବିଶ୍ୱ ପରିବେଶରେ ଆର୍ଥିକ ସ୍ଥିରତା ବଜାୟ ରଖିବାରେ ସାହାଯ୍ୟ କରିବ । ବନ୍ଧୁତା ରକ୍ଷା କରିବାରେ ଭାରତ ପରି କେହି ହେବନି ଏକଥା ରୁଷ ବେଶ୍ ଭଲଭାବେ ଜାଣେ । ଏପରିକି ୟୁକ୍ରେନ ସହ ଯୁଦ୍ଧକୁ ନେଇ ବିଶ୍ୱର ବିରୋଧ ସତ୍ତ୍ୱେ ଭାରତ ତୈଳ କିଣୁଛି। ଏଭଳି ସ୍ଥିତିରେ ବନ୍ଧୁ ରାଷ୍ଟ୍ରଙ୍କ ଭିତରେ ଫାଟ ଚାହୁଁଥିବା ଆମେରିକାର ଆଉ ଏକ ଫମ୍ପା ଦାବି ଉପରେ ଟିପ୍ପଣୀ ରଖି ଭାରତ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିଛି ।

## ଦୁଷ୍କର୍ମ ମାମଲାରେ ପୂର୍ବତନ ଜେଡିଏସ ସାଂସଦ ପ୍ରଜ୍ୱଳ ରେଭନ୍ନାଙ୍କୁ ଆଜୀବନ କାରାଦଣ୍ଡ



ନୂଆଦିଲ୍ଲୀ,୨/୮ : ଏକ ଦୁଷ୍କର୍ମ ମାମଲାରେ କର୍ଣ୍ଣାଟକର ପୂର୍ବତନ ସାଂସଦ ପ୍ରଜ୍ୱଳ ରେଭନ୍ନାଙ୍କୁ ଆଜୀବନ କାରା ଦଣ୍ଡାଦେଶ ହୋଇଛି । ଏହା ସହ ସେ ୧୦ ଲକ୍ଷ ଟଙ୍କା ଜରିମାନା ଦେବେ। ବେଙ୍ଗାଲୁରୁର ଏକ ସ୍ୱତନ୍ତ୍ର ଅଦାଲତ ଗତକାଲି ପ୍ରଜ୍ୱଳ ରେବନ୍ନାଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ । ଆଜି ଆଜୀବନ ଜେଲ୍ ସହ ୧୦ ଲକ୍ଷ ଟଙ୍କା ଜରିମାନା ଆଦେଶ ଦେଇଛନ୍ତି । ୨୦୨୪ରେ କର୍ଣ୍ଣାଟକ ହାସନ ଜିଲ୍ଲାର ହୋଲେନ ସିପୁରାରେ ଜଣେ ୪୮ ବର୍ଷୀୟା ଘରୋଇ ସହାୟିକାଙ୍କ ସହ ଜେଡି-ଏସ୍ ସାଂସଦ ପ୍ରଜ୍ୱଳ ରେବନ୍ନା ଦୁଇଥର ଦୁଷ୍କର୍ମ କରିବା ସହ ମୋବାଇଲରେ ଘଟଣାର ଫଟୋ ଉଠାଇଥିବା ଅଭିଯୋଗ ହୋଇଥିଲା । ପ୍ରଜ୍ୱଳ ରେଭନ୍ନାଙ୍କ ବିରୋଧରେ ଏପରି ଆହୁରି ୪ଟି ମାମଲା ଚାଲିଛି । ତାଙ୍କ ପାଖରୁ ମିଳିଛି ୨ ହଜାରରୁ ଅଧିକ ଅଶ୍ଳୀଳ କ୍ଲିପିଙ୍ଗ୍ । ୩୪ ବର୍ଷୀୟ ପ୍ରଜ୍ୱଳ ହେଉଛନ୍ତି ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍.ଡି ଦେବେ ଗୌଡ଼ାଙ୍କ ନାତି, କର୍ଣ୍ଣାଟକର ପୂର୍ବତନ ମନ୍ତ୍ରୀ ଏଚ୍.ଡି ରେବନ୍ନାଙ୍କ ପୁଅ ଓ କେନ୍ଦ୍ରମନ୍ତ୍ରୀ ଏଚ୍.ଡି କୁମାରସ୍ୱାମୀଙ୍କ ପୁତୁରା । ୨୦୨୪ ମେ ମାସ ୩୧ ତାରିଖରୁ ପ୍ରଜ୍ୱଳ ରେବନ୍ନା ଜେଲରେ ଅଛନ୍ତି ।

## ସାଗରିକ ନାଥ 'ଏନ୍ଆଇଏ'ର ଏସ୍‌ପି ନିଯୁକ୍ତ



ଭୁବନେଶ୍ୱର, ୦୨/୮ (ନି.ପ୍ର): ସାଗରିକା ନାଥ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍ଆଇଏ)ର ଏସ୍‌ପି ଭାବେ ନିଯୁକ୍ତି ପାଇଛନ୍ତି। ୨୦୧୬ ବ୍ୟାଚ୍‌ର ଓଡ଼ିଶା କ୍ୟାଡର ଭାରତୀୟ ପୁଲିସ ସେବା (ଆଇପିଏସ୍) ଅଫିସର ସାଗରିକା ନାଥଙ୍କ 'ଏନ୍ଆଇଏ'ରେ ଏସ୍‌ପି ନିଯୁକ୍ତି ନେଇ ଗୃହ ମନ୍ତ୍ରଣାଳୟର ସଚିବ ସଂଜୀବ କୁମାର ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖି ଏହା ସ୍ପଷ୍ଟ କରିଛନ୍ତି। ସୂଚନାଯୋଗ୍ୟ, ସାଗରିକାଙ୍କ ମୂଳ ଘର ଢେଙ୍କାନାଳ ଜିଲ୍ଲାରେ। ସେ କୋରାପୁଟ ଜିଲ୍ଲାର ଦାମନଯୋଡ଼ି ଦିଲ୍ଲୀ ପବ୍ଲିକ୍ ସ୍କୁଲ୍‌ରୁ ମାଟ୍ରିକ୍ ପାସ୍ କରିଥିଲେ। ବିଶାଖାପାଟଣାରେ ଯୁକ୍ତଦୁଇ ପଢ଼ିବା ପରେ ଭୁବନେଶ୍ୱରସ୍ଥିତ ସିଇଟିରୁ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂରେ ଡିଗ୍ରି ହାସଲ କରିଥିଲେ। ୟୁପିଏସ୍‌ସି ସିଭିଲ୍ ସର୍ଭିସେସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ୨୦୧୬ ମସିହାରେ ଭାରତୀୟ ପୁଲିସ ସେବାରେ ଯୋଗଦେଇଥିଲେ। ତାଙ୍କ ବାପା ପ୍ରଦୀପ କୁମାର ନାଥ ନାଲ୍‌କୋରେ ଡିଜିଏମ୍ ଥିଲେ।

## ୬୩୮୭ ଜଣ ଅବସରପ୍ରାପ୍ତ ଶିକ୍ଷକଙ୍କୁ ନିଯୁକ୍ତି ମିଳିବ

ଭୁବନେଶ୍ୱର, ୦୨/୮ (ନି.ପ୍ର): ଅନୁଦାନପ୍ରାପ୍ତ ହାଇସ୍କୁଲ, ବ୍ଲକ୍‌ଗ୍ରାଣ୍ଟ ହାଇସ୍କୁଲ, ସଂସ୍କୃତ ଟୋଲ୍ ସ୍କୁଲରେ ଅତିଥି ଶିକ୍ଷକ ନିଯୁକ୍ତି ଦିଆଯିବ। ଅବସର ନେଇଥିବା ୬୩୮୭ ଜଣ ଅବସରପ୍ରାପ୍ତ ଶିକ୍ଷକଙ୍କୁ ନିଯୁକ୍ତି ମିଳିବ। ଏନେଇ ବିଦ୍ୟାଳୟରେ ନିଯୁକ୍ତି ଓ ଗଣଶିକ୍ଷା ବିଭାଗ ପକ୍ଷରୁ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ନିର୍ଦ୍ଦେଶକଙ୍କୁ ଚିଠି କରାଯାଇଛି। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସୂଚନା ଦେଇଛନ୍ତି। ସେ କହିଛନ୍ତି, ନୂଆ ଶିକ୍ଷକ ନିଯୁକ୍ତ ହେବା ଯାଏ ଏହି ଅତିଥି ଶିକ୍ଷକମାନେ କାର୍ଯ୍ୟ କରିବେ। ଜିଲ୍ଲା ଶିକ୍ଷା ଅଧିକାରୀମାନେ ନିଜ ଅଞ୍ଚଳରେ ଫାଙ୍କା ଥିବା ପଦବି ବିଷୟରେ ମାଧ୍ୟମିକ ଶିକ୍ଷା ପରିଷଦକୁ ଜଣାଇବେ। ଏହି ଆଧାରରେ ନିଯୁକ୍ତି ଦିଆଯିବ। ଖାଲି ପଡ଼ିଥିବା ପଦବିରେ ସ୍କୁଲରେ ଟିଜିଟି ଶିକ୍ଷକ ନିଯୁକ୍ତି ହୁଅନ୍ତି କିମ୍ବା ଆସନ୍ତି ତେବେ ନିଯୁକ୍ତ ହୋଇଥିବା ଅତିଥି ଶିକ୍ଷକଙ୍କୁ ସେହି ସ୍କୁଲରୁ ଅପସାରଣ କରାଯିବ।

## ୧୫ ଦିନ ପାଇଁ ରାଜା ଚକ୍ରଙ୍କୁ ମିଳିଲା ସର୍ତ୍ତମୂଳକ ଜାମିନ

କେନ୍ଦୁଝର, ୦୨/୮ (ନି.ପ୍ର): ରାଜା ଚକ୍ରଙ୍କୁ ମିଳିଲା ଜାମିନ। କେନ୍ଦୁଝର କୋର୍ଟରେ ଚାଲିଥିବା ମାମଲାରେ ୧୫ ଦିନ ପାଇଁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି ଜିଲ୍ଲା ଦୌରାଜଜ୍ । ଶଶୁରଙ୍କ ମୃତ୍ୟୁ ପରେ ତାଙ୍କର କ୍ରିୟାକର୍ମରେ ଯୋଗ ଦେବାପାଇଁ ଜାମିନ ମଞ୍ଜୁର ହୋଇଥିବା ଜଣାଯାଇଛି। କୌଣସି ସାକ୍ଷୀଙ୍କୁ ପ୍ରଭାବିତ ନକରିବା ଏବଂ ଜାମିନ ଅବଧି ପରେ କୋର୍ଟରେ ହାଜର ହେବା ସର୍ତ୍ତ ରଖାଯାଇଛି।

## ଭୁବନେଶ୍ୱର ବିମାନବନ୍ଦରରୁ ଥାଇଲାଣ୍ଡ ଗଞ୍ଜେଇ ଜବତ

ଭୁବନେଶ୍ୱର, ୦୨/୮ (ନି.ପ୍ର): ପୁଣି ବିମାନ ବନ୍ଦରରୁ ଧରାପଡ଼ିଲା ବିଦେଶୀ ଗଞ୍ଜେଇ। ଥାଇଲାଣ୍ଡରୁ ଭୁବନେଶ୍ୱର ଆସୁଥିବାବେଳେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରୁ ୮ କୋଟି ଟଙ୍କାର ବିଦେଶୀ ଗଞ୍ଜେଇ ଜବତ ହୋଇଛି। ଥାଇଲାଣ୍ଡରୁ ଇଣ୍ଡିଗୋ ଫ୍ଲାଇଟରେ ଆସୁଥିବା ବେଳେ ଧରିଲା ଡିଆରଆଇ। ଏହି ଘଟଣାରେ ଅହମ୍ମଦାବାଦର ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଦୁଇଦିନ ତଳେ ରାଜଧାନୀରୁ ମିଳିଥିଲା ୩୦ କୋଟିର ମାରିଜୁଆନା। ଭୁବନେଶ୍ୱର ଏୟାରପୋର୍ଟରୁ ମିଳିଥିଲା ହାଇଡ୍ରୋଫୋନିକ ୱିଡ ବା ମାରିଜୁଆନା। ବିମାନରେ ବ୍ୟାଙ୍କକରୁ ଭୁବନେଶ୍ୱର ଆସୁଥିବାବେଳେ କଷ୍ଟମ୍ସ ବିଭାଗ ମାରିଜୁଆନା ଜବତ କରିଥିଲା। ଜବତ ମାରିଜୁଆନାର ବଜାର ମୂଲ୍ୟ କିଲୋ ପିଛା ୧ କୋଟି ଟଙ୍କା ହେବ ବୋଲି କୁହାଯାଉଛି। ୬ଟି ବ୍ୟାଗ ଭର୍ତ୍ତି ଥିବା ହାଇଡ୍ରୋଫୋନିକ ୱିଡର ଆନୁମାନିକ ମୂଲ୍ୟ ୩୦ କୋଟିରୁ ଅଧିକ ହେବ ବୋଲି ଅନୁମାନ କରିଛି କଷ୍ଟମ୍ସ ବିଭାଗ। ଏହା ପୂର୍ବରୁ ମଧ୍ୟ ବିଦେଶରୁ ସିନ୍ଥେଟିକ୍ ଡ୍ରଗ୍ସ ସହ କୋକେନ୍ ଜବତ ହୋଇଥିଲା ଓଡ଼ିଶାରେ। ତେବେ ବାରମ୍ବାର ଏଭଳି ବିଦେଶୀ ନିଶାଦ୍ରବ୍ୟ ଜବତ ହେବାପରେ ଏବେ ବିଦେଶୀ ନିଶା ମାଫିଆଙ୍କ ଟାର୍ଗେଟରେ ଓଡ଼ିଶା ବଜାର ବୋଲି ଚର୍ଚ୍ଚା ହେଉଛି।

## ମହାନଦୀ ଜଳବିବାଦ: ଆପୋଷ ସମାଧାନ ମାର୍ଗରେ ଓଡ଼ିଶା-ଛତିଶଗଡ଼: ଟ୍ରିବ୍ୟୁନାଲ ଦେଲେ ଅଧିକ ସମୟ



ଭୁବନେଶ୍ୱର, ୦୨/୮ (ନି.ପ୍ର): ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ମହାନଦୀ ଜଳବିବାଦର ଆପୋଷ ସମାଧାନ ପାଇଁ ବାଟ ଫିଟିଛି । ପ୍ରଥମଥର ପାଇଁ ଏହି ଜଳବିବାଦର ଆପୋଷ ସମାଧାନ ନିମନ୍ତେ ଓଡ଼ିଶା ଓ ଛତିଶଗଡ଼ର ମୁଖ୍ୟମନ୍ତ୍ରୀ ସହମତି ଜଣାଇଛନ୍ତି । ମହାନଦୀ ଜଳବିବାଦ ଟ୍ରିବ୍ୟୁନାଲରେ ମଧ୍ୟ ଆଜି ଦୁଇ ରାଜ୍ୟର ଓକିଲ ହାଜର ହୋଇ ବିବାଦର 'ଆପୋଷ ସମାଧାନ'କୁ ନେଇ ସକରାତ୍ମକ ମତ ରଖିବାପରେ ଟ୍ରିବ୍ୟୁନାଲ ଅଧକ୍ଷ ଜଷ୍ଟିସ ବି.ଏମ. ତ୍ରିବେଦୀଙ୍କ ଖଣ୍ଡପୀଠ ଏହି ପଦକ୍ଷେପକୁ ସ୍ୱାଗତ କରିଛନ୍ତି ଓ ମାମଲାର ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବର ୬ତାରିଖକୁ ନିର୍ଦ୍ଧାରଣ କରିଛନ୍ତି । ଏହି ଶୁଣାଣିବେଳେ ଦୁଇ ରାଜ୍ୟର ସଚିବ ଉପସ୍ଥିତ ରହି ଆପୋଷ ସମାଧାନର ଅଗ୍ରଗତି ସମ୍ପର୍କରେ ଅବଗତ କରାଇବାକୁ ନିର୍ଦ୍ଦେଶ ଦେଇଛନ୍ତି । କେନ୍ଦ୍ରରେ ଓ ଛତିଶଗଡ଼ରେ ନିଜ ଦଳର ସରକାରରେ ଥିବାରୁ ମହାନଦୀ ଜଳବିବାଦର ଆପୋଷ ସମାଧାନ ଉପରେ ରାଜ୍ୟର ମୋହନ ମାଝୀ ସରକାର ଗୁରୁତ୍ୱ ଦେଉଛନ୍ତି । ମୁଖ୍ୟମନ୍ତ୍ରୀ ଗତ ସପ୍ତାହରେ ଏକ ଉଚ୍ଚସ୍ତରୀୟ ▶▶ପୃଷ୍ଠା ୭

## ପି.ଏମ୍ କିଷାନ ଯୋଜନା: ଓଡ଼ିଶାର ପ୍ରାୟ ୩୫ ଲକ୍ଷ କୃଷକଙ୍କୁ ମିଳିଲା ୬୯୭ କୋଟି ଟଙ୍କା ସହାୟତା



ଭୁବନେଶ୍ୱର, ୦୨/୮ (ନି.ପ୍ର): ଚାଷୀଙ୍କ ମୁହଁରେ ଫୁଟିଲା ହସ। ଆର୍ଥିକ ସହାୟତା ଦେଲେ ସରକାର। ଓଡ଼ିଶାର ପ୍ରାୟ ୩୫ ଲକ୍ଷ କୃଷକଙ୍କୁ ମିଳିଲା ୬୯୭ କୋଟି ଟଙ୍କା ସହାୟତା। କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ପିଏମ କିଷାନ ସମ୍ମାନ ▶▶ପୃଷ୍ଠା ୭

## ଏମ୍ସ ଦିଲ୍ଲୀରେ ଚିକିତ୍ସାଧୀନ ଅବସ୍ଥାରେ ଆଖି ବୁଜିଲେ ବଲଙ୍ଗା ପୀଡ଼ିତା



### ବଲଙ୍ଗା ଘଟଣା: କାହାରି ସମ୍ପୃକ୍ତି ନ ଥିବା କହିଲେ ପୁଲିସ

### ଆଜି ଦିଲ୍ଲୀ ଏମ୍ସରେ ବଲଙ୍ଗା ପୀଡ଼ିତାଙ୍କ ମୃତଦେହ ବ୍ୟବଚ୍ଛେଦ

**ବଲଙ୍ଗା ପୀଡ଼ିତାଙ୍କ ବାପା କହିଛନ୍ତି ମୋ ଝିଅ ମାନସିକ ସ୍ଥିତି ଯୋଗୁ ଜୀବନ ଯାଇଛି। ଏହାକୁ ନେଇ ରାଜନୀତି କରନ୍ତୁ ନାହିଁ ବୋଲି ସେ ଅନୁରୋଧ କରିଛନ୍ତି।**

ଭୁବନେଶ୍ୱର, ୦୨/୮ (ନି.ପ୍ର): ପୁରୀଜିଲ୍ଲା ବଲଙ୍ଗା ନାବାଳିକା ପୀଡ଼ିତା ଆଉ ନାହାନ୍ତି। ଜୀବନ ଯୁଦ୍ଧରେ ସେ ହାରି ଯାଇଛନ୍ତି। ଏମ୍ସ ଦିଲ୍ଲୀରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଡାକ୍ତରମାନେ ବଲଙ୍ଗା ପୀଡ଼ିତାଙ୍କୁ ବଞ୍ଚାଇବା ପାଇଁ ଶତ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଛନ୍ତି। ଏହି ଖବର ଜଣାପଡ଼ିବା ପରେ ବଲଙ୍ଗାରେ ଚାପା ଉତ୍ତେଜନା ପ୍ରକାଶ ପାଇଛି। ବଲଙ୍ଗା ପୀଡ଼ିତାଙ୍କୁ ବଞ୍ଚାଇବା ପାଇଁ ଡାକ୍ତରୀ ଦଳ ପୁରା ଉଦ୍ୟମ କରିଥିଲେ। ଏମ୍ସ ଭୁବନେଶ୍ୱରରେ ଏକ ୧୪ ଜଣିଆ ଟିମ୍ ତାଙ୍କର ଚିକିତ୍ସା କରୁଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ଏବଂ ବିରୋଧୀ ଦଳ ଏମ୍ସ ଦିଲ୍ଲୀ ଏୟାରଲିଫ୍ଟ ଦାବି କରିଥିଲେ। ସରକାର ମଧ୍ୟ ଏହାକୁ ସମ୍ବେଦନଶୀଳ ମାମଲା ମନେ କରି ଏମ୍ସ ଦିଲ୍ଲୀ ସ୍ଥାନାନ୍ତରିତ କରାଯାଇଥିଲା। ସୂଚନାଯୋଗ୍ୟ, ବଲଙ୍ଗା ଥାନା ବାଇଆବରର ନାବାଳିକା ଜଣକ ଗତମାସ ୧୯ ତାରିଖ ଦିନ ପୂର୍ବାହ୍ଣରେ ନିଜ ସାଙ୍ଗ ଘରକୁ କୌଣସି କାମରେ ଯାଉଥିଲା। ଏହି ସମୟରେ ଦୁର୍ବୃତ୍ତମାନେ ନାବାଳିକାକୁ ଅନୁସରଣ କରିଥିଲେ ଏବଂ ଅପହରଣ କରି ଏକ ନିର୍ଜନ ସ୍ଥାନକୁ ନେଇଯାଇଥିଲେ। ସେଠାରେ ନିଆଁ ଲଗାଇ ଦେଇଥିଲେ। ଦେହରେ ନିଆଁ ଲାଗିବା ପରେ ନାବାଳିକା ଏଣେତେଣେ ଦୌଡ଼ିବାରେ ଲାଗିଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରିଥିଲେ। ଗୁରୁତର ଅବସ୍ଥାରେ ନାବାଳିକାଙ୍କୁ ଉଦ୍ଧାର କରାଯିବା ପରେ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତରିତ କରାଯାଇଥିଲା। ନାବାଳିକାର ଶରୀର ୭୫ ପ୍ରତିଶତ ପୋଡ଼ି ଯାଇଥିବାରୁ ତାଙ୍କୁ ଜୁଲାଇ ୨୨ ତାରିଖ ଦିନ ଏମ୍‌ସ ଦିଲ୍ଲୀକୁ ସ୍ଥାନାନ୍ତରିତ କରାଯାଇଥିଲା। ଏଥି ପାଇଁ ଏମ୍ସ ଭୁବନେଶ୍ୱରରୁ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରକୁ ଗ୍ରୀନ କରିଡ଼ର କରାଯାଇଥିଲା। ଏହି ସମ୍ବେଦନଶୀଳ ଘଟଣା ନେଇ ରାଜ୍ୟ ସରକାର ଖୁବ ତତ୍ପରତା ପ୍ରକାଶ କରିଥିଲେ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମଧ୍ୟ ଦିଲ୍ଲୀ ଯାଇ ଏମ୍ସରେ ପୀଡ଼ିତାଙ୍କୁ ଭେଟିଥିଲେ ଓ ପରିବାର ଲୋକଙ୍କ ସହିତ କଥା ହୋଇଥିଲେ। ସେହିପରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ବଲଙ୍ଗା ପୀଡ଼ିତାଙ୍କୁ ଭେଟିଥିଲେ। ▶▶ପୃଷ୍ଠା ୭

## ରୁଷିଆ-ଆମେରିକା ବିବାଦ ବଢ଼ିଲା: ଉଭୟ ପକ୍ଷରୁ ଅସ୍ତ୍ରଶସ୍ତ୍ର ମୁତୟନ



ନୂଆଦିଲ୍ଲୀ,୨/୮ : ଆମେରିକା ଏବଂ ରୁଷିଆ ମଧ୍ୟରେ ଉତ୍ତେଜନା ଶୀର୍ଷରେ ପହଞ୍ଚିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ସମ୍ପ୍ରତି ରୁଷିଆ ନିକଟବର୍ତ୍ତୀ ଅଞ୍ଚଳରେ ଦୁଇଟି ପରମାଣୁ ବୁଡ଼ାଜାହାଜ ମୁତୟନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାର କାରଣ ହେଉଛି ପୂର୍ବତନ ରୁଷିଆ ରାଷ୍ଟ୍ରପତି ଦିମିତ୍ରୀ ମେଦଭେଦେବଙ୍କ ମନ୍ତବ୍ୟ। ଯାହା ଆମେରିକା ଉପରେ ପରମାଣୁ ଆକ୍ରମଣର ପରୋକ୍ଷ ଚେତାବନୀ ପରି ମନେହୋଇଛି। ଟ୍ରମ୍ପ୍ ଏହାକୁ ଏକ ଶେଷ ଚରମବାଣୀ ମଧ୍ୟ କହିଛନ୍ତି। ଦୁଇ ପକ୍ଷଙ୍କ ମଧ୍ୟରେ ଜାରି ରହିଥିବା ଆରୋପ ପ୍ରତ୍ୟାରୋପ ଯୋଗୁ ୬୩ ବର୍ଷ ପୂର୍ବେ ଅର୍ଥାତ୍ ୧୯୬୨ ଅକ୍ଟୋବରରେ ଘଟିଥିବା ଘଟଣା ବିଷୟରେ ଆଲୋଚନା ହେଉଛି। ଯାହା କ୍ୟୁବା କ୍ଷେପଣାସ୍ତ୍ର ସଙ୍କଟ ଭାବରେ ଜଣାଶୁଣା। ସେତେବେଳେ ଆମେରିକା ଏବଂ ସୋଭିଏତ୍ ୟୁନିଅନ୍ ଏକ ପରମାଣୁ ଯୁଦ୍ଧର ଦ୍ୱାରଦେଶରେ ପହଞ୍ଚିଥିଲେ। ୧୯୬୧ ମସିହା ବର୍ଲିନ୍ ପ୍ରାଚୀର ନିର୍ମାଣ ହୋଇଥିଲା। ଏହା ୟୁରୋପରେ ଉତ୍ତେଜନାକୁ ଶୀର୍ଷରେ ପହଞ୍ଚାଇ ଦେଇଥିଲା। ଅନ୍ୟପକ୍ଷରେ, ଦକ୍ଷିଣ ଭିଏତନାମକୁ କମ୍ୟୁନିଷ୍ଟ ଉତ୍ତର ଦେଶଙ୍କଠାରୁ ରକ୍ଷା କରିବା ପାଇଁ ▶▶ପୃଷ୍ଠା ୭

## ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୃଷ୍ଟି ଯୋଜନା : ବଜାର ଦର ଅନୁସାରେ ଅଣ୍ଡା ନିମନ୍ତେ ଅର୍ଥ ଯୋଗାଇବାକୁ ଦାବି

ଗଞ୍ଜାମ, ୨/୦୮ (ନି.ପ୍ର): ମୁଖ୍ୟମନ୍ତ୍ରୀ ସଂପୂର୍ଣ୍ଣ ପୃଷ୍ଟି ଯୋଜନାରେ କିଶୋରୀମାନଙ୍କୁ ଅଙ୍ଗନବାଡ଼ି କେନ୍ଦ୍ର ପକ୍ଷରୁ ମାସକରେ ଏକ କିଲୋ ମୁଡି, ୭୫୦ ଗ୍ରାମ ବୁଟଭଜା ଓ ୧୬ଟି ଅଣ୍ଡା ଦେବା ବ୍ୟବସ୍ଥା ଗଞ୍ଜାମ ଜିଲ୍ଲାରେ ରହିଛି । କିନ୍ତୁ, ଏହା କେତେଦୂର କାର୍ଯ୍ୟକାରୀ ହେଉଛି ତାହା ତର୍ଜମାର ବିଷୟ ହୋଇଛି । ହେଲେ ଆଇସିଡିଏସ ପକ୍ଷରୁ ମୁଡି ଓ ବୁଟଭଜା ଯୋଗାଇ ଦିଆଯାଉଛି । ତେବେ ଜଣପିଛା ମାସରେ ୧୬ଟି ଅଣ୍ଡା ହିତାଧିକାରୀଙ୍କୁ ଯୋଗାଇ ଦେବାକୁ ଅଙ୍ଗନବାଡି କର୍ମୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ବଜାରରେ ଅଣ୍ଡା ଗୋଟିକୁ ଦର ସାଢେ ସାତଟଙ୍କା ଥିବା ବେଳେ ସେମାନଙ୍କୁ ଜିଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ପକ୍ଷରୁ ଅଣ୍ଡା ପିଛା ସାତଟଙ୍କା ଦିଆଯାଉଛି । ତେବେ ପ୍ରଶ୍ନ ଉଠେ ଅଙ୍ଗନବାଡି କର୍ମୀ କ'ଣ ତା'ର ପାରିଶ୍ରମିକରୁ ବର୍ଦ୍ଧିତ ଦରରେ ଅଣ୍ଡାକିଣି ହିତାଧୀକାରୀମାନଙ୍କୁ ବଂଟନ କରିବେ ନା ପୈତୃକ ସମ୍ପତି ବିକ୍ରୀ କରି ଏହାର ଭରଣା କରବେ। ଅନ୍ୟପକ୍ଷରେ ଅଙ୍ଗନବାଡି କର୍ମୀ ମାନେ ଅଣ୍ଡା କିଣି ବଂଟନ କରିବାର ଚାରି/ଛଅ ମାସପରେ ଅଣ୍ଡା ବିଲ କରି ଆଇସିଡିଏସ ପକ୍ଷରୁ ଅଙ୍ଗନ୍ୱାଡି କର୍ମୀ ଦିଆଯାଉଛି । ଫଳରେ ଅଣ୍ଡା ବିକ୍ରେତାଙ୍କ ଠାରୁ ଧାର ସୂତ୍ରରେ ଅଣ୍ଡା ଆଣି ଠିକ୍ ସମୟରେ ସେମାନଙ୍କୁ ଟଙ୍କା ଦେଇ ନପାରି ଅଙ୍ଗନବାଡିକର୍ମୀମାନେ ଅପଦସ୍ତ ହେଉଛନ୍ତି ।ଏ ଖବର କ'ଣ ଗଞ୍ଜାମ ଡିଏସଡବଲ୍ୟୁ କିମ୍ବା ରାଜ୍ୟ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ନିକଟରେ ନାହିଁକି ? ତୁରନ୍ତ ସରକାର ଘଟଣାର ଅନୁଧାନ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଜନସାଧାରଣରେ ଦାବି ହେଉଛି ।

## କୋଣାର୍କ କୁରୁମ ବୌଦ୍ଧ ପୀଠ ଅବହେଳିତ : ବୌଦ୍ଧ ପର୍ଯ୍ୟଟନ କ୍ୟାଲେଣ୍ଡରେ ସ୍ଥାନ ଦେବାକୁ ଦାବି

ପୁରୀ, ୨/୦୮ (ନି.ପ୍ର): ୧୯୭୧ରେ କୋଣାର୍କ ନିକଟ କୁରୁମ ଠାରେ ମିଳିଥିଲା ବୌଦ୍ଧ କୀର୍ତିରାଜି ର ଭଗ୍ନାଶେଷ ଓ ଏହାର ସୁରକ୍ଷା ପାଇଁ ସେତେବେଳେ ଦାବୀ ହୋଇଥିଲା । ପ୍ରଚାର ପ୍ରସାର ଅବଅବାଭରୁ କୋଣାର୍କ କୁ ବୌଦ୍ଧ ପର୍ଯ୍ୟଟକ ଆସୁଥିବାବେଳେ, ସେଠାରୁ ୭ କି. ମି. ଦୂର କୋଣାର୍କ -କାକଟପୁର ରାସ୍ତାରେ ଗଲେ ବାମପଟେ କୁରୁମ ବୌଦ୍ଧ ପୀଠ ସାଇନ ବୋର୍ଡ ମରାଯାଇଥିଲେ ମଧ ପର୍ଯ୍ୟଟକ ଯାଉନାହାଁନ୍ତି । ବିଶ୍ୱପ୍ରସିଦ୍ଧ ପର୍ଯ୍ୟଟନ ସହର କୋଣାର୍କ ଠାରୁ ଅନତି ଦୂରରେ ରାଜ୍ୟ ପ୍ରନ୍ତତ୍ୱ ବିଭାଗ ଅଧୀନରେ ରହିଛି ଏହି ଐତିହାସିକ ବୌଦ୍ଧପୀଠ । କୁରୁମ ଠାରେ ପର୍ଯ୍ୟଟନର ଭରପୂର ସୁଯୋଗ ରହିଛି । କୁରୁମ ଗ୍ରାମର ବିଦ୍ୟାଳୟ ପରିସରରେ ଗଛ ଲଗାଇବା ପାଇଁ ଗାତ ଖୋଳିବା ସମୟରେ ବୁଦ୍ଧ ଙ୍କ ମୂର୍ତି ମିଳିଥିଲା । ଗ୍ରାମବାସୀ ମାନେ ଘର ତିଆରି ପାଇଁ ନିଅଁ ଖୋଳିବା ସମୟରେ ବିଭିନ୍ନ ପ୍ରକାର ପ୍ରାଚୀନ ସାମଗ୍ରୀ ମିଳିଥିଲା । ଏ ସଂପର୍କରେ ତତ୍କାଳୀନ ବରିଷ୍ଠ ଶିକ୍ଷାବିତ ତଥା ଐତିହାସିକ ମାନଙ୍କୁ ଗ୍ରାମବାସୀମାନେ ଅବଗତ କରିଥିଲେ । ଗ୍ରାମବାସୀଙ୍କଠାରୁ ଅବଗତ ହେବାପରେ ଉକ୍ତ ସ୍ଥାନ ଖନନ କରାଯାଇଥିଲା । ୧୯୭୧ରେ ରାଜ୍ୟ ପ୍ରନ୍ତତ୍ୱ ବିଭାଗ ଅଧୀନରେ ଉକ୍ତସ୍ଥାନ ଖଳନ କରାଯାଇଥିଲା । ନିକଟରେ ଥିବା ଧରମୁ ପୋଖରୀର ତୁଠପଥର ମୁହମାଡି ପଡିଥିବାବେଳେ. ତାକୁ ଓଲଟାଯିବା ପରେ ୫ ଫୁଟ ଉଚ୍ଚତା ତିନି ଫୁଟ ଓସାରର ଏକ ବୁଦ୍ଧ ମୂର୍ତି ମିଳିଥିଲା । ପର୍ଯ୍ୟଟନ ବିଭାଗ ଉକ୍ତ ପୀଠକୁ ପର୍ଯ୍ୟଟନ କ୍ୟାଲେଣ୍ଡରରେ ରଖିଥିବାବେଳେ ଉକ୍ତସ୍ଥାନର ବିକାଶ ଦିଗରେ କେବଳ ନିବା ବିଷ୍ଣୁ ସାଜିଥିବା ଦେଖାଯାଇଛି । ରାଜ୍ୟ ପନ୍ତତ୍ୱ ବିଭାଗ ଏହି ସ୍ଥାନ କଥା ଭୁଲିଯାଇଥିବା ଅଂଚଳବାସୀ କହୁଛନ୍ତି । ରାଜ୍ୟ ପ୍ରବୃରକୁ ବିଭାଗ ଓ ପର୍ଯ୍ୟଟନ ବିଭାଗର ଅଧିକାରୀମାନେ କାଁଭାଁ ଉକ୍ତ ସ୍ଥାନ ପରିଦର୍ଶନ କରି ଏହି ସ୍ଥାନର ସ୍ଥିତି ଅନୁଧାନ କରି ଚାଲି ଯାଉଛନ୍ତି । କୌଣସି ଅଶାନୁରୂପ ବିକାଶ ହୋଇପାରିନାହିଁ । ଏବେ କୁରୁମ ଓ ଏହାର ଆଖପାଖ ଗ୍ରାମବାସୀଙ୍କୁ ନେଇ ଗଠିତ ଉନ୍ନୟନ କମିଟି ଉକ୍ତପୀଠର ବିକାଶ ପାଇଁ ଅଂଟା ଭିଡ଼ିଛନ୍ତି । ମାତ୍ର ରାଜ୍ୟ ପ୍ରନ୍ତତ୍ୱ ବିଭାଗର ଉଦାସୀନତା ପାଇଁ ଏହି ସ୍ଥାନ ଏବେ ଜବରଦଖଲକୁ ଚାଲିଯିବା ସମ୍ଭାବନା ଦେଖାଦେଇଛି ଓ ଖନନ ହୋଇଥିବା ସ୍ଥାନରେ ପାଳଗଦା, ଜାଳ କାଠ, ପଥରଗଦା ଦେଖିବାକୁ ମିଳିଲାଣି ଓ ସେଠାରେ କେହି କେହି ଧାନଶୁଖାଉଥିବା ଦେଖାଯାଉଛି । କୁରୁମ ଗ୍ରାମର ଅଣବନ୍ଧୀ ସ୍ୱାଧୀନତା ସଂଗ୍ରାମୀ ଏହାର ଉନ୍ନତି ପାଇଁ ଚେଷ୍ଟା କରିଥିଲେ । ୨୯ ଡେସିମିଲ ସ୍ଥାନରୁ ବୌଦ୍ଧ କୀର୍ତିରାଜିର ଭଗ୍ନାବଶେଷ ଉଦ୍ଧାର କରାଯାଇଥିଲା । ତାହା ଏବେ ରାଜ୍ୟ ପ୍ରନ୍ତତ୍ୱ ବିଭାଗ ଅଧୀନରେ ରହିଛି ।

### ମାଲକାନଗିରିରେ ନୂତନ ଜିଲ୍ଲାପାଳଙ୍କ ଯୋଗଦାନ

ମାଲକାନଗିରି, ୨/୦୮ (ନି.ପ୍ର): ମାଲକାନଗିରିର ନୂତନ ଜିଲ୍ଲାପାଳ ଭାବେ ଆଜି କାର୍ଯ୍ୟରେ ଯୋଗଦାନ କରିଛନ୍ତି ସୋମେଶ ଉପାଧ୍ୟାୟ । ନୂତନ ଜିଲ୍ଲାପାଳଙ୍କୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ସୋମନାଥ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର ଓ ଉପ ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ପ୍ରମୁଖ ସ୍ୱାଗତ କରିଥିଲେ । ପରେ ଅନ୍ୟ ବିଭାଗୀୟ ଅଧିକାରୀ ମାନେ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଶୁଭେଚ୍ଛା ଜଣାଇଥିଲେ । ଜିଲ୍ଲାପାଳ ଶ୍ରୀ ଉପାଧ୍ୟାୟ ନିଜ ପ୍ରତିକ୍ରିୟାରେ ଜିଲ୍ଲାକୁ ଆଗକୁ ନେବାକୁ ସମସ୍ତଙ୍କ ସକ୍ରିୟ ସହଯୋଗ କାମନା କରିଥିଲେ । ଏହା ପୂର୍ବରୁ ଶ୍ରୀ ଉପାଧ୍ୟାୟ ଢେଙ୍କାନାଳର ଜିଲ୍ଲାପାଳ ଭାବେ କାର୍ଯ୍ୟ କରୁଥିଲେ । ସେହିପରି ମାଲକାନଗିରି ଜିଲ୍ଲାପାଳ ଭାବେ କାର୍ଯ୍ୟରତ ଥିବା ଆଶିଷ ଈଶ୍ୱର ପାଟିଲଙ୍କର ଢେଙ୍କାନାଳ ଜିଲ୍ଲାପାଳ ଭାବେ ବଦଳି ହୋଇଛି ।

## ଜମି ଅଧିଗ୍ରହଣରେ ଅଟକିଛି ଜୟପୁର ବାଇପାସ୍ ରାସ୍ତା ନିର୍ମାଣ

ଜୟପୁର, ୨/୦୮ (ନି.ପ୍ର): ଜୟପୁର ସହର ଦେଇ ଯାଇଥିବା ଜାତୀୟ ରାଜପଥ ନମ୍ବର ୨୬ର ବାରିଣୀପୁଟ ଠାରୁ ଉମୁରୀ ଯାଏଁ ଆରମ୍ଭ ହୋଇଥିବା ବାଇବାସ୍ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲେ ବି ଧାର୍ଯ୍ୟ ସମୟ ଭିତରେ ଶେଷ ହୋଇପାରିଲା ନାହିଁ । ସରକାରୀ ଜମିରେ ରାସ୍ତାକାମ ଆରମ୍ଭ ହୋଇଥିବା ବେଳେ ୨୦ ପ୍ରତିଶତ ବେସରକାରୀ ଜମି ଅଧିଗ୍ରହଣ ହୋଇନଥିବା ଜଣାଯାଇଛି । ସୂଚନାଯୋଗ୍ୟ ଯେ, ଜୟପୁର ସହର ଦେଇ ଯାଇଥିବା ଜାତୀୟ ରାଜପଥ ୨୬ରେ ଏକ ବାଇପାସ୍ ନିର୍ମାଣ ନେଇ ଦୀର୍ଘ ବର୍ଷ ହେବ ଦାବୀ ହୋଇ ଆସୁଥିଲା । କୋରାପୁଟ ଜିଲ୍ଲାର ଜୟପୁର ସହର ଦେଇ ଆନ୍ଧ୍ର ପ୍ରଦେଶ ଏବଂ ତେଲେଙ୍ଗାନା ରାଜ୍ୟରୁ ହଜାର ହଜାର ଟ୍ରକ୍ ଏବଂ ବିଭିନ୍ନ ପ୍ରକାର ଯାନବାହାନ ଜୟପୁର ସହର ଦେଇ ପଡ଼ୋଶୀ ଛତିଶଗଡ଼ ସହ ଆମ ରାଜ୍ୟର ଦକ୍ଷିଣ ଏବଂ ପଶ୍ଚିମ ଅଂଚଳର ଭିନ୍ନ ଭିନ୍ନ ସ୍ଥାନକୁ ପ୍ରତ୍ୟେହ ଚଳପ୍ରଚଳ କରେ । କ୍ରମବର୍ଦ୍ଧିଷ୍ଣୁ ଜୟପୁର ସହରର ସ୍ଥିତିକୁ ଦେଖି ସାଧାରଣରେ ଏହି ଜାତୀୟ ରାଜପଥର ବାରିଣୀପୁଟ ଠାରୁ ଉମୁରୀ ଯାଏଁ ଏକ ବାଇପାସ୍ ରାସ୍ତା ନିର୍ମାଣର ଦାବି ହୋଇ ଆସୁଥିଲା । ଏହାକୁ ଗୁରୁତ୍ୱ ଦେଇ କେନ୍ଦ୍ର ସରକାରଙ୍କ ସଡ଼କ ପରିବହନ ଏବଂ ଜାତୀୟ ରାଜପଥ ବିଭାଗ ୨୦୨୧ ମସିହାରେ ଏହି ୫ କିମି ବାଇପାସ୍ ନିର୍ମାଣ ନେଇ ସ୍ୱୀକୃତି ପ୍ରଦାନ କରିଥିଲେ । ବାଇପାସ୍ ନିର୍ମାଣ ପାଇଁ ମୋଟ ୬୮.୩୪ କୋଟି ଟଙ୍କା ମଧ ବ୍ୟୟ ଅଟକଳ ହୋଇଥିବା ବେଳେ ୧୭.୩୭ ହେକ୍ଟର ବେସରକାରୀ ଜମି ଅଧିଗ୍ରହଣ ପ୍ରସ୍ତାବ ରହିଥିଲା । ଏହି ଜମି ଗୁଡ଼ିକ ୧୨୯ ଜଣକ ମାଲିକାନାରେ ରହିଥିବା ବେଳେ ଜୟପୁର ବ୍ଲକର ଦୁବୁଲି, ମକାପୁଟ ଏବଂ ଉମୁରୀ ଗ୍ରାମ ଅଧିନ ଥିଲା । ବଳକା ୩.୧୦୭ ହେକ୍ଟର ସରକାରୀ ଜମି ରାସ୍ତାରେ ଆସୁଥିଲା । ୨୨।୫।୨୩ ତାରିଖରେ ରାସ୍ତା କାଯ୍ୟ ଆରମ୍ଭ ହୋଇଥିଲା । ବାଇପାସ୍ ପାଇଁ ଟେଣ୍ଡର ହୋଇଥିବା ଠିକା ସଂସ୍ଥା ୧୮ ମାସ ମଧ୍ୟରେ କାମ ସାରିବାକୁ ଚୁକ୍ତିନାମା ସ୍ୱାକ୍ଷର କରିଥିଲା । ୨୦୨୩ ମେ ମାସ ଠାରୁ ଏହି କାମ ଆରମ୍ଭ ହୋଇଥିବା ବେଳେ ୧୨।୧୧।୨୪ ତାରିଖ ଧାର୍ଯ୍ୟ ସମୟରେ କାଯ୍ୟ ସାରିବାକୁ ଚୁକ୍ତି କରିଥିଲା । ଧାଯ୍ୟ ସମୟ ଶେଷ ହୋଇ ପାଖା ପାଖି ୭ ମାସ ବିତି ଯାଇଥିଲେ ବି ରାସ୍ତା କାଯ୍ୟ ଶେଷ ହୋଇ ପାରିଲା ନାହିଁ । ସରକାରି ଓ ବେସରକାରୀ ଜମି ୨୦.୪୭୭ ହେକ୍ଟର ଜମିରୁ ୮୦ ପ୍ରତିଶତ ଅଧିଗ୍ରହଣ ହୋଇ ସାରିଥିଲେ ବି ୨୦ ପ୍ରତିଶତ ଜମି ଅଧିଗ୍ରହଣ ହୋଇପାରି ନାହିଁ । ଫଳରେ ରାସ୍ତା କାମ ଶେଷ ହୋଇ ପାରିନଥିବା ଜାତୀୟ ରାଜପଥ ବିଭାଗ ନିବାହୀଯନ୍ତ୍ରୀ ଗୌରାଙ୍ଗ ପ୍ରସାଦ ମାଝୀ ସୂଚନା ଦେଇଛନ୍ତି । । ବେସରକାରୀ ଜମି ମଧ୍ୟରୁ କେତେକ ମାଲିକ ସେମାନଙ୍କ ଜମିର ଟଙ୍କା ନେଇଥିବା ବେଳେ ଅନ୍ୟ କେତେକ ମାଲିକ ପ୍ରାପ୍ୟ ପାଇନାହାନ୍ତି । ଏହାକୁ ନେଇ ଏବେ ଦ୍ୱନ୍ଦ ସୃଷ୍ଟି ହୋଇଛି । ଯେଉଁ ଜମି ମାଲିକଙ୍କ ଜମି ଅଧିଗ୍ରହଣ ହୋଇପାରିନାହିଁ ସେମାନଙ୍କ ମଧ୍ୟରୁ କେତେକ ସରକାରୀ ପ୍ରଦତ କ୍ଷତିପୂରଣକୁ ମାନୁନଥିବା ଜଣାଯାଇଛି । ଯେହେତୁ ଜମିର ବଜାର ଦର ଅଧିକ ସେହି ତୁଳନାରେ ଜମି ଅଧିଗ୍ରହଣ ରାଶି ନ ମିଳିବା ଯାଏଁ ଜମି ନ ଦେବାକୁ ସେମାନେ ଅଡ଼ି ବସିଛନ୍ତି । ସୂଚନା ଅନୁସାରେ, ମୋଟ ୭୦ ଜଣ ମାଲିକଙ୍କ ଜମି ଅଧିଗ୍ରହଣ କରାଯାଇଛି । ଅନ୍ୟ ୩୯ ଜଣ ମାଲିକ ଅଧିକ ଦର ଚାହୁଁଛନ୍ତି ।

## ପାତ୍ରପୁଟ ପେଟ୍ରୋଲ ପମ୍ପ ଛୁରାମାଡ ମାମଲା : ଜଣେ ଗିରଫ

ଜୟପୁର, ୨/୦୮ (ନି.ପ୍ର): ଜୟପୁର ନିକଟ ପାତ୍ରପୁଟ ପେଟ୍ରୋଲପମ୍ପରେ ଛୁରାମାଡ ମାମଲାରେ ଆଜି ସଦର ପୋଲିସ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଅଭିଯୁକ୍ତ ଜଣକ ହେଲେ ଡଙ୍ଗରଛିଞ୍ଚି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ମକାପୁଟ୍ ଗ୍ରାମର ଇଶ୍ୱର ନାଗ (୨୨)। ପ୍ରକାଶ ଥାଉକି, ଗତ ୩୦ ତାରିଖ ସନ୍ଧ୍ୟାରେ ପାତ୍ରପୁଟ ବ୍ରିଜ ନିକଟରେ ଥିବା ଏକ ପେଟ୍ରୋଲ ପମ୍ପ ନିକଟରେ ଏକ ଅଟୋରେ ଅଭିଯୁକ୍ତ ଇଶ୍ୱର ଓ ସମ୍ପର୍କୀୟ ମାନେ ପମ୍ପକୁ ଆସି ଡିଜେଲ ପକାଇଥିଲେ । ପମ୍ପରେ କାର୍ଯ୍ୟରତ ଥିବା ରାଜେନ୍ଦ୍ର ଖିଲ ପଇସା ମାଗିବାରୁ ଦୁହିଁଙ୍କ ମଧ୍ୟରେ ବଚସା ହୋଇଥିଲା । ହଠାତ ଇଶ୍ୱର ଧାରୁଆ ଛୁରିରେ ରାଜେନ୍ଦ୍ରଙ୍କ ବେକକୁ ଆକ୍ରମଣ କରିଥିଲେ । ଘଟଣାଟି ସିସିଟିଭି କ୍ୟାମେରା ଦ୍ୱାରା କଏଦ ଥିବା ବେଳେ ଛୁରି ମାଡ ହୋଇଥିବା ନେଇ ସଦରଥାନାରେ ଏକ ମାମଲା ରୁଜୁ ହୋଇଥିଲା । ପେଟ୍ରୋଲ ପମ୍ପରେ ସୁରକ୍ଷା କର୍ମୀ ଭାବେ କାର୍ଯ୍ୟରତ ବେ ?ପାରିଗୁଡା ଚନ୍ଦ୍ରପଡା ପଞ୍ଚାୟତର ପାଲିଗୁଡା ଗାଁର ଲଳିତ ଖିଲଙ୍କ ପୁଅ ରାଜେନ୍ଦ୍ର ଖିଲଙ୍କୁ ସମ୍ପଘବଦ୍ଧ ଭାବେ ଆକ୍ରମଣ କରାଯାଇଥିବା ନେଇ ସଦର ଥାନାରେ ଅଭିଯୋଗ ହୋଇଥିଲା । ଆହତକୁ ପ୍ରଥମେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବାରୁ ତାଙ୍କୁ କୋରାପୁଟ ସ୍ଥାନାନ୍ତର କରାଯାଇଥିଲା । ରାଜେନ୍ଦ୍ରଙ୍କ ସାନ ଭାଇ ସୁରେନ୍ଦ୍ର ସଦରଥାନାରେ ଏତଲା ପ୍ରଦାନ କରିବା ପରେ ପୁଲିସ ଏନେଇ ଏକ ମାମଲା ରୁଜୁ କରି ଘଟଣାରେ ତଦନ୍ତ ଜାରି ରଖିଥିବା ବେଳେ ଆଜି ଅଭିଯୁକ୍ତ ଇଶ୍ୱର ନାଗକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ସଦରଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି ।

## ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ପରିସରରେ ବିଶ୍ୱ ଫୁସ୍‌ଫୁସ୍ କର୍କଟ ଦିବସ ପାଳିତ

ବଲାଙ୍ଗିର, ୨/୦୮ (ନି.ପ୍ର): ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ପରିସରରେ ଅଗଷ୍ଟ ୧ ତାରିଖରେ ବିଶ୍ୱ ଫୁସଫୁସ କର୍କଟ ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ବିଶ୍ୱବିଦ୍ୟାଳୟ ପରିସରରୁ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଏକ ଶୋଭାଯାତ୍ରା ବାହାରି ଥିଲା । ଏଥିରେ ଛାତ୍ରଛାତ୍ରୀମାନେ ଫୁସଫୁସ କର୍କଟ ରୋଗ ଉପରେ ବ୍ୟାନର, ପ୍ଲାକାର୍ଡ ସହିତ ରୋଗ ସଚେତନ ଉପରେ ସ୍ଲୋଗାନ ମାଧ୍ୟମରେ ଜନସାଧାରଣଙ୍କୁ ସଚେତନ କରିଥିଲେ । ଏହି ଶୋଭାଯାତ୍ରାକୁ ଆନୁଷ୍ଠାନିକ ଭାବେ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ଡଃ ପ୍ରଦୀପ ଷଡ଼ଙ୍ଗୀ ଆରମ୍ଭ କରିଥିଲେ । ଏହି ଶୋଭାଯାତ୍ରା ବଲାଙ୍ଗିର ନୂତନ ସରକାରୀ ବସଷ୍ଟାଣ୍ଡରେ ପହଞ୍ଚି ଥିଲା । ଜନସାଧାରଣଙ୍କୁ ସଚେତନ କରାଇବା ପାଇଁ ଛାତ୍ରଛାତ୍ରୀମାନେ ନିଜର ବକ୍ତବ୍ୟ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ରୋଗ ଭୟାବହତା ଓ ନିରାକରଣ ଉପରେ ସଚେତନ କରିଥିଲେ । ମାଦକ ଦ୍ରବ୍ୟ ସେବନ ସହ ସିଗାରେଟ ଓ ନିଶା ପାଇଁ ଆଜି ଫୁସଫୁସ କର୍କଟ ରୋଗରେ ଲକ୍ଷାଧିକ ଜୀବନ ଓ ପରିବାର ନଷ୍ଟ ହୋଇଯାଉଛି । ଏହା ଉପରେ ବିଶ୍ୱବିଦ୍ୟାଳୟର ନର୍ସିଂ ବିଭାଗର ଅଧକ୍ଷ ସୋମନାଥ ଷଡ଼ଙ୍ଗୀ, ଅଧାପିକା ପ୍ରିୟା ପ୍ରିସିଲା, ଫାର୍ମାସୀ ବିଭାଗ ଅଧକ୍ଷ ଡଃ ସନ୍ତୋଷ କୁମାର ରଣଜିତ ନିଜର ବକ୍ତବ୍ୟ ରଖିଥିଲେ । ବିଭିନ୍ନ ଛାତ୍ରଛାତ୍ରୀ ସଙ୍ଗୀତ ଓ ସଚେତନ ବାର୍ତ୍ତା ରଖିଥିଲେ । ଛାତ୍ରଛାତ୍ରୀମାନେ ବସଷ୍ଟାଣ୍ଡ ଭିତରେ ସମସ୍ତ କର୍ମଚାରୀ, ଯାତ୍ରୀ ଓ ସାଧାରଣ ନାଗରିକମାନଙ୍କୁ ସଚେତନ କରିବା ସହ ଏକ ଏକ ସଚେତନତା ପତ୍ର ପ୍ରଦାନ କରିଥିଲେ । ସମସ୍ତଙ୍କୁ ନିଜ ପରିବାର ସୁରକ୍ଷା ନିମନ୍ତେ ଧୂମପାନ ଓ ମାଦକ ସେବନ ବହିଷ୍କାର ଉପରେ ଗୁରୁତ୍ୱ ଦେବାକୁ ଅନୁରୋଧ କରିଥିଲେ । ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ବଲାଙ୍ଗୀରର ନିର୍ଦ୍ଦେଶକ ପରିଶେଷରେ ସମସ୍ତଙ୍କୁ ଧୂମ୍ରପାନ ବର୍ଜନ ପାଇଁ ବକ୍ତବ୍ୟ ରଖିଥିଲେ । ଏପରି କାର୍ଯ୍ୟକ୍ରମ ମାଧ୍ୟମରେ ଲୋକ ସଚେତନ ହେଉଥିବାରୁ ଆଗକୁ ମଧ ବିଭିନ୍ନ ଦିବସ ପାଳନ କରାଯିବାର କାର୍ଯ୍ୟକ୍ରମ ରହିଛି । ସମସ୍ତ କାର୍ଯ୍ୟକ୍ରମକୁ ସାଂସ୍କୃତିକ କ୍ଲବ ସେଞ୍ଚୁରିଆନ ବିଶ୍ୱ ବିଦ୍ୟାଳୟ ବଲାଙ୍ଗିରର ଛାତ୍ରଛାତ୍ରୀମାନେ ପରିଚାଳନା କରିଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ସାଂସ୍କୃତିକ ବିଭାଗର ଅଧ୍ୟାପକ ଧର୍ମେନ୍ଦ୍ର ପ୍ରଧାନ ଓ ସସ୍ମିତା ସାମଲ ପରିଚାଳନା କରିଥିଲେ ଏଥିରେ ଅଧାପକ ଜ୍ୟୋତି ପ୍ରକାଶ ଗୁରୁ ଓ ଅଧାପକ କିରଣରାଜ ଶତପଥୀ ସହଯୋଗ କରିଥିଲେ । କାର୍ଯ୍ୟକ୍ରମକୁ ଛାତ୍ରୀ ପ୍ରତିଷ୍ଠା ପ୍ରିୟଦର୍ଶିନୀ ଓ ମନୀଷା ସଂଯୋଜନା କରିଥିଲେ । ନର୍ସିଂ ଓ ଫାର୍ମାସୀ ବିଭାଗର ସମସ୍ତ ଅଧାପକ ଓ ଅଧାପିକାମାନେ ସୁଚାରୁ ରୂପେ ସମସ୍ତ କାର୍ଯ୍ୟକ୍ରମକୁ ସମ୍ପାଦନା କରିଥିଲେ ।

## ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କ୍ୟାରିୟର କାଉସିଲିଙ୍ଗ ଓ ବିତ୍ତୀୟ ସହାୟତା କାର୍ଯ୍ୟକ୍ରମ

କନ୍ଧମାଳ, ୨/୦୮ (ନି.ପ୍ର): କନ୍ଧମାଳ ଜିଲ୍ଲା ଶଙ୍କରାଖୋଲ ଠାରେ ଥିବା ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏକ କ୍ୟାରିୟର କାଉନସିଲିଙ୍ଗ ଓ ବିତ୍ତିୟ ସାକ୍ଷରତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଅଧକ୍ଷ ଡ଼ଃ. ସନ୍ତୋଷ କୁମାର ପ୍ରଧାନଙ୍କ ପୌରହିତ୍ୟରେ ଆୟୋଜିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ଶଙ୍କରାଖୋଲ ଷ୍ଟେଟବ୍ୟାଙ୍କ ଶାଖା ପରିଚାଳକ ଲିପୁନ ବେହେରା ଯୋଗଦେଇଥିଲେ । ସେ ବ୍ୟାଙ୍କିଙ୍ଗ ସେବା ବିଷୟରେ କ୍ୟାରିୟର କିପରି କରାଯିବ ସେଥି ନିମନ୍ତେ ଛାତ୍ରଛାତ୍ରୀ ମାନଙ୍କୁ ଅବଗତ କରିଥିଲେ । ଏଥି ସହିତ ବ୍ୟାଙ୍କର ବିଭିନ୍ନ ପଦବୀ ନିମନ୍ତେ ଆବେଦନ ପାଇଁ ଆବଶ୍ୟକୀୟ ଶିକ୍ଷାଗତ ଯୋଗ୍ୟତା, ପରୀକ୍ଷା ପ୍ରଣାଳୀ ଓ ପ୍ରସ୍ତୁତି ସମ୍ବନ୍ଧରେ ସୂଚନା ଦେଇଥିଲେ । ଏହି ଅବସରରେ ବ୍ୟାଙ୍କର କର୍ମଚାରୀ ଲକ୍ଷ୍ମୀକାନ୍ତ ମଲ୍ଲିକ, ହରିଶ ମଲ୍ଲିକ, ଦିଲ୍ଲୀପ ପାତ୍ର, ସହଯୋଗ କରିଥିଲେ । ଏଫ୍ ଏଲ ସି ବ୍ୟାଙ୍କର ବିଭିନ୍ନ ଯୋଜନା ବାବଦରେ ସୂଚନା ଦେବା ସହ ସାଇବର ଠକେଇ ସମ୍ବନ୍ଧିତ ସୂଚନା ଓ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳର ବହୁ ଛାତ୍ରଛାତ୍ରୀ ଯୋଗଦେଇଥିବା ବେଳେ ଉକ୍ତ କାର୍ଯ୍ୟକ୍ରମକୁ ପରିଦର୍ଶନରେ ଚକାପାଦ ବିଡ଼ିଓ ହୃଦରଞ୍ଜନ ସାହୁ, ଏପିଓ ଶ୍ରୀମତୀ ନବନିତା ତ୍ରିପାଠୀ, ସହକାରୀ ଯନ୍ତ୍ରୀ ଦେବୀପ୍ରସନ ରାଉତ ଏବଂ ସ୍ଥାନୀୟ ସରପଞ୍ଚ ଜାନକୀ ପ୍ରଧାନ ଉପସ୍ଥିତ ରହିଥିଲେ । ଅଧାପକ ରାମକୃଷ୍ଣ ମହାନ୍ତି ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଅଧାପକ ଡ଼ଃ. ବାବୁଲା ପଟ୍ଟଯୋଶୀ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜିଲ୍ଲା ଓସ୍ୱାନ ସମ୍ମିଳନୀ କକ୍ଷରେ ଓସ୍ୱାସ କାର୍ଯ୍ୟ ଅଗ୍ରଗତି ସମୀକ୍ଷା

ଖୋର୍ଦ୍ଧା, ୨/୦୮ (ନି.ପ୍ର): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓସ୍ୱାନ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରତାପ ଚନ୍ଦ୍ର ବେଉରାଙ୍କ ଅଧକ୍ଷତାରେ ଜିଲ୍ଲାରେ ପ୍ରତ୍ୟେକ ସରକାରୀ କାର୍ଯ୍ୟାଳୟରେ ଓସ୍ୱାସ ମାଧ୍ୟମରେ ନଥିପତ୍ର କାର୍ଯ୍ୟର ଅଗ୍ରଗତି ସମ୍ବନ୍ଧରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଓକାକ୍ ପ୍ରଯୁକ୍ତି ବିଦ୍ୟା ପରାମର୍ଶଦାତା ସତ୍ୟ ରଞ୍ଜନ ସାହୁ ଯୋଗଦେଇ ଅନ ଲାଇନ୍ ମାଧ୍ୟମରେ ପ୍ରତ୍ୟେକ ସରକାରୀ କାର୍ଯ୍ୟାଳୟର କେତେ ନଥିପତ୍ର କାର୍ଯ୍ୟ ଓସ୍ୱାସ୍ ମାଧ୍ୟମରେ ହୋଇଅଛି ତାହା ଯାଂଚ କରିଥିଲେ । ରାଜ୍ୟ ସରକାର ତଥା ମୁଖ୍ୟ ଶାସନ ସଚିବ ଓସ୍ୱାସ୍ ମାଧ୍ୟମରେ ନଥିପତ୍ର କାର୍ଯ୍ୟ ପଦ୍ଧତିକୁ ଗୁରୁତ୍ୱ ଦେଇ ଆସୁଥିବାରୁ ଖୋର୍ଦ୍ଧା ଜିଲ୍ଲାରେ ଏହି ପଦ୍ଧତି ଶତ ପ୍ରତିଶତ ସଫଳତା ପାଇଁ ବୈଠକରେ ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ, ପ୍ରତାପ ଚନ୍ଦ୍ର ବେଉରା ଗୁରୁତ୍ୱାରୋପ ପୂର୍ବକ ଚଳିତ ଅଗଷ୍ଟ ମାସରେ ଓସ୍ୱାସ ସଂଯୋଗ ଥିବା ଯେଉଁ ଜିଲ୍ଲାସ୍ତରୀୟ କାର୍ଯ୍ୟାଳୟ, ପୌର ପରିଷଦ,ବିଜ୍ଞାପିତ ଅଂଚଳ ପରିଷଦ କାର୍ଯ୍ୟାଳୟ,ଲାଇନ୍ ଡିପାର୍ଟମେଂଟ କାର୍ଯ୍ୟାଳୟ ବ୍ଲକ୍ ଓ ତହସିଲ କାର୍ଯ୍ୟାଳୟ,ସି ଡି ପି ଓ ଆଦି କାର୍ଯ୍ୟାଳୟ ଓସ୍ୱାସ ରେ କାର୍ଯ୍ୟ କରି ନଥିବେ ସେମାନଙ୍କ କାର୍ଯ୍ୟାଳୟର ଅଧିକାରୀ ସମେତ ସଂପୃକ୍ତ କର୍ମଚାରୀଙ୍କ ଅଗଷ୍ଟ ମାସ ଦରମା ବନ୍ଦ କରାଯିବା ସହ କାରଣ ଦର୍ଶାଅ ନୋଟିସ ଜାରି କରିବାକୁ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରତାପ ଚନ୍ଦ୍ର ବେଉରା ଓସ୍ୱାସ ନୋଡାଲ ଅଧିକାରୀ ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ସି ଡି ଏମ ଆଣ୍ଡ ପି ଏଚ ଓ କାର୍ଯ୍ୟାଳୟ,ସି ଡି ଭି ଓ କାର୍ଯ୍ୟାଳୟ,ସି ଡି ଏ ଓ କାର୍ଯ୍ୟାଳୟ,ଏବଂ ଡି ପି ସି, ସମଗ୍ର ଶିକ୍ଷା କାର୍ଯ୍ୟାଳୟ କୁ ୭ ଦିନ ମଧ୍ୟରେ ଓସ୍ୱାସ୍ ରେ ଶତ ପ୍ରତିଶତ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହି ଓସ୍ୱାସ ଅନ ଲାଇନ ପଦ୍ଧତିରେ ପ୍ରତ୍ୟେକ ସରକାରୀ କାର୍ଯ୍ୟାଳୟ ଗୁଡିକରେ ଆଭ୍ୟନ୍ତରୀଣ ଭାବେ ଓସ୍ୱାସ ପଦ୍ଧତି ବ୍ୟବହାର ସହ ଜିଲ୍ଲାପ୍ରଶାସନ ଅର୍ଥାତ୍ ବହିର୍ବିଭାଗ ସହ ଓସ୍ୱାସ ପଦ୍ଧତି ବ୍ୟବହାର କରିବା କୁ ପ୍ରଯୁକ୍ତି ବିଦ୍ୟା ଉପଦେଷ୍ଟା ନିର୍ଦ୍ଦେଶ ଦେଇଛନ୍ତି । ପ୍ରତ୍ୟେକ କାର୍ଯ୍ୟାଳୟ କୁ ଓସ୍ୱାସ ସମ୍ବନ୍ଧୀୟ ସହାୟତା ପ୍ରଦାନ କରିବା ପାଇଁ ଓସ୍ୱାନ ଡି ଇ ଜି ଏମ ଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଆଇଟି ପରାମର୍ଶଦାତା ସତ୍ୟ ରଞ୍ଜନ ସାହୁ ଜିଲ୍ଲାର ,ବ୍ଲକ୍ ତହସିଲ, ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀଙ୍କ କାର୍ଯ୍ୟାଳୟ ଓସ୍ୱାସ ପଦ୍ଧତି କୁ ଗୁରୁତର ସହ ବିଚାରକରି କାର୍ଯ୍ୟ ସମ୍ପାଦନ କରିବାକୁ ପରାମର୍ଶ ଦେଇଛନ୍ତି । ଅନ୍ୟ ମାନଙ୍କ ମଧ୍ୟରେ ଡେପୁଟି କଲେକ୍ଟର, ଜରୁରୀ ଶ୍ରୀତପା ମିଶ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀ ରବି ନାରାୟଣ ସେନାପତି, ନିର୍ବାହୀ ଅଧିକାରୀ, ପୌର ପରିଷଦ, ଖୋର୍ଦ୍ଧା, ରିଜ୍ୱାନ କଅକବ, ଆସିଷ୍ଟାଂଟ କଲେକ୍ଟର ଭୁବନେଶ୍ୱରୀ କଅଁର , ଆଂଚଳିକ ପରିବହନ ଅଧିକାରୀ ଅମରେନ୍ଦ୍ର ନାୟକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା , ଜିଲ୍ଲା ଇ . ଗଭର୍ନାନ୍ସ ମ୍ୟାନେଜର ମାନସ ମୋହନ ବ୍ରହ୍ମା ଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ଓକାକ୍ କର୍ମକର୍ତା ବୈଠକରେ ଯୋଗ ଦେଇଥିଲେ ।

### ଅନ୍ଧ ବିଶ୍ୱାସ ସଚେତନତା ସଭା

ଜୟପୁର, ୨/୦୮ (ନି.ପ୍ର): ଜୟପୁର ବ୍ଲକ ଅନ୍ତର୍ଗତ ରଣ୍ଡାପିଲ୍ଲି ପଞ୍ଚାୟତ ଅନ୍ତର୍ଗତ ପାତ୍ରଗୁଡା ଗ୍ରାମରେ ଆଜି ଅପରାହ୍ନ ୩ଟାରେ ଅନ୍ଧ ବିଶ୍ୱାସକୁ ନେଇ ସଚେତନତା ସଭା ଅନୁଷ୍ଠିତ ହୋଇଛି । ଜୟପୁର ସମନ୍ୱିତ ଶିଶୁ ବିକାଶ ବିଭାଗ ତରଫରୁ ଏହି ସଚେତନତା ସଭା ଆୟୋଜନ କରାଯାଇଛି । କାଉ ମିଳନ ଦେଖିଲେ ବୋଲି ପ୍ରତୀକାତ୍ମକ ଶବ ସତ୍କାର ପରି ଘଟଣା ପାତ୍ରଗୁଡାରେ ଘଟିଥିଲା । ଯାହାକୁ ନେଇ ସାରା ରାଜ୍ୟରେ ଚହଲ ସୃଷ୍ଟି କରିଥିଲା । ଏହିକୁ ନେଇ ଆଜି ସିଡିପିଓ କାଞ୍ଚନ ପଣ୍ଡା ସହ ଏକ ଟିମ ପହଞ୍ଚି ସଚେତନ କରିଥିଲେ । ଏହା ଏକ ଅନ୍ଧ ବିଶ୍ୱାସ , ଅନ୍ଧବିଶ୍ୱାସର ଶୀକାର ନହେବା ପାଇଁ ସଚେତନ କରିଥିଲେ । ମିଥ୍ୟା ଖବର ଶୁଣି ଅଧିକାରି ଖର୍ଚ୍ଚାନ୍ତ ନହେବାକୁ ପରାମର୍ଶ ଦେଇଥିଲେ । ଅଙ୍ଗନବାଡି କର୍ମୀ, ଆଶା ଗ୍ରାମବାସୀ ଉପସ୍ଥିତ ଥିଲେ ।

## କେନ୍ଦୁଝରରେ ବିଶ୍ୱ ସ୍ତନ୍ୟପାନ ସପ୍ତାହ

କେନ୍ଦୁଝର, ୨/୦୮ (ନି.ପ୍ର): କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲା ମୁଖ୍ୟ ସମିତି ଆନୁକୂଲ୍ୟରେ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ ହୋଇଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ ଅଧିକାରୀ ଡାକ୍ତର ବିନୋଦ ବିହାରୀ ମିଶ୍ର ଅଧକ୍ଷତା କରି ସ୍ତନ୍ୟପାନର ଉପକାରିତା ଓ ସଠିକ ସ୍ତନ୍ୟପାନ କରାଇବା ଉପରେ ପରାମର୍ଶ ଦେଇଥିଲେ । ଡାକ୍ତର ଲକ୍ଷ୍ମୀକାନ୍ତ ମହନ୍ତ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ ଅଧିକାରୀ (ପରିବାର କଲ୍ୟାଣୀ) ସ୍ତନ୍ୟପାନ ସପ୍ତାହ ପାଳନ କରିବାର ତାତ୍ପର୍ଯ୍ୟ ଓ ପ୍ରଚାର, ପ୍ରସାର ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ବରିଷ୍ଠ ଶିଶୁ ରୋଗ ବିଶେଞ୍ଜ ଡାକ୍ତର ପି. କେ. ମହାକୁଡ଼ ଯୋଗ ଦେଇ ସ୍ତନ୍ୟପାନର କେତେକ ଦିଗ ଉପରେ ବିଷୋଦ ଭାବରେ ବର୍ଣ୍ଣନା କରିଥିଲେ । ଯଥା ଜନ୍ମରୁ ୧ ଘଂଟା ମଧ୍ୟରେ ଶିଶୁଙ୍କୁ ସ୍ତନ୍ୟପାନ କରାଇବା ଆରମ୍ଭ କରନ୍ତୁ, ଶିଶୁକୁ ୬ ମାସ କେବଳ ମା' କ୍ଷୀର ଖାଇବାକୁ ଦିଅନ୍ତୁ । ଏହି ସମୟ ମଧ୍ୟରେ କୌଣସି ବାହାର ଖାଦ୍ୟ ଯଥା ଗାଈ କ୍ଷୀର, ପାଣି, ମହୁ, ବା ଚିନି ପାଣି ଦିଅନ୍ତୁ ନାହିଁ । ମା' ର ପ୍ରଥମ 'କଷ କ୍ଷୀର' ଶିଶୁର ରୋଗ ପ୍ରତିରୋଧକ ବଢ଼ାଇ ଥାଏ । ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପୁରୋଷୋତମ ମହନ୍ତ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ 'ବିଶ୍ୱ ସ୍ତନ୍ୟପାନ ସପ୍ତାହର ବାର୍ତା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ସ୍ତନ୍ୟପାନକୁ ପ୍ରାଥମିକତା ଦିଅନ୍ତୁ ନିରନ୍ତର ସହାୟତା ପ୍ରଦାନର ବ୍ୟବସ୍ଥା କରନ୍ତୁ 'ଉପରେ ଆଲୋକପାତ କରିଥିଲେ । ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ନିତ୍ୟରଞ୍ଜନ ବରାଳ, ବିଶ୍ୱ ସ୍ତନ୍ୟପାନ ପାଳନ କରିବାର ଉଦେଶ୍ୟ ଓ ସଠିକ ସ୍ତନ୍ୟପାନ ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଉକ୍ତ ବୈଠକରେ ପ୍ରସୂତି ମହିଳା, ନର୍ସିଙ୍ଗ ଅଫିସର, ନର୍ସିଙ୍ଗ ଛାତ୍ରୀ, ପାରାମେଡିକାଲ ଷ୍ଟାଫ ଓ ବିଭାଗୀୟ ଅଧିକାରୀ ଯୋଗ ଦେଇଥଲେ ।

### ଏମପିଭି ୮୩ ଗ୍ରାମରେ କୁମ୍ଭୀର ଆତଙ୍କ

ମାଲକାନଗିରି, ୨/୦୮ (ନି.ପ୍ର): ମାଲକାନଗିରି ଜିଲ୍ଲାରେ କୁମ୍ଭୀର ଦେଖାଯିବା ଭଳି ବିରଳ ଘଟଣା ଯେକୌଣସି ଲୋକଙ୍କୁ ଆଶ୍ଚର୍ଯ୍ୟ କରୁଛି । କିନ୍ତୁ, କାଳିମେଳା ବ୍ଲକ ଅନ୍ତର୍ଗତ ଏମପିଭି ୮୩ ଗ୍ରାମରେ କୁମ୍ଭୀର ଆତଙ୍କ ଦେଖାଦେଇଛି । ଗତ ଦୁଇ ଦିନ ହେଲା ଗାଁ ପୋଖରୀରେ ଦୁଇଟି କୁମ୍ଭୀର ରହିଥିବାର ଦେଖି ଗ୍ରାମବାସୀ ଭୟଭୀତ ହୋଇ ପଡିଛନ୍ତି । ଏହି କୁମ୍ଭୀର କେଉଁଠାରୁ ଆସିଲେ ତାହା କେହି ଜାଣି ନଥିବାର କହିଛନ୍ତି । ପୋଖରୀ ଭିତରେ କୁମ୍ଭୀର ଥିବାର ଜଣାପଡ଼ିବା ପରେ ଗ୍ରାମବାସୀମାନେ ଆତଙ୍କିତ ହୋଇପଡିଛନ୍ତି । ପୋଖରୀ ଭିତରୁ ବାହାରି ଗାଁକୁ ଚାଲି ଯିବାର ଭୟ ଥିବାରୁ ଲୋକମାନେ ପୋଖରୀ ଚାରିପଟେ କୁମ୍ଭୀର ଉପରେ ନଜର ରଖିଛନ୍ତି ।

## ବିଦ୍ୟାଳୟ ସ୍ତରୀୟ ବାତଜ୍ୱର ସର୍ବେକ୍ଷଣ ଅଭିଯାନ

ଖୋର୍ଦ୍ଧା, ୨/୦୮ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲା ସ୍ୱାସ୍ଥ୍ୟ ସମିତି, ଆନୁକୁଲ୍ୟରେ ଫ୍ୟାଲେରିଆ (ବାତଜ୍ୱର) ନିରାକରଣ ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶ କ୍ରମେ ବିଦ୍ୟାଳୟ ସ୍ତରୀୟ ବାତଜ୍ୱର ସର୍ବେକ୍ଷଣ ଶୁକ୍ରବାର ତଥା ଆଜି ଠାରୁ ଆରମ୍ଭ ହୋଇଛି । ଏହି ସର୍ଭେକ୍ଷଣରେ ଜିଲ୍ଲାର ୨୭୫ଟି ବିଦ୍ୟାଳୟ ଭାଗ ନେବେ ଯେଉଁଥିରେ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ଛାତ୍ରଛାତ୍ରୀ ମାନଙ୍କର ଫ୍ୟାଲେରିଆ ନିରାକରଣ ପାଇଁ ନିରୂପଣ ପରୀକ୍ଷଣ କରାଯିବ । ଏହି ସର୍ବେକ୍ଷଣ ପ୍ରାଥମିକ ପର୍ଯ୍ୟୟରେ ଖୋର୍ଦ୍ଧା, ଖୋର୍ଦ୍ଧା ସହରାଂଚଳ, ବେଗୁନିଆ, ବୋଲଗଡ଼, ବାଣପୁର, ଚିଲିକା ଓ ଟାଙ୍ଗୀ ଅଂଚଳରେ ଥିବା ବିଦ୍ୟାଳୟ ମାନଙ୍କରେ ଅଗଷ୍ଟ ୮ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ । ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ଜଟଣୀ,ଜଟଣୀ ସହରାଂଚଳ, ଭୁବନେଶ୍ୱର, ଭୁବନେଶ୍ୱର ସହରାଂଚଳରେ ଥିବା ବିଦ୍ୟାଳୟ ଗୁଡିକରେ ଆସନ୍ତା ସେପ୍ଟେମ୍ବର ମାସରେ ସର୍ବେକ୍ଷଣ କରାଯିବ । ଏହି ସର୍ଭେ ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଶିକ୍ଷା ଅଧିକାରୀ ମାନଙ୍କୁ ଚିଠି ମାଧ୍ୟମରେ ଆବଶ୍ୟକ ସହଯୋଗ ଯୋଗାଇ ଦେବାକୁ ଅନୁରୋଧ କରାଯାଇଛି । ଏହି ସର୍ଭେରେ ୪୫ଟି ସ୍ୱାସ୍ଥ୍ୟ ସେବା ପ୍ରଦାନକାରୀ ଟିମ୍ ନିୟୋଜିତ ହୋଇଛନ୍ତି । ଜିଲ୍ଲାରେ ୯୨୩୨ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ଛାତ୍ର ଛାତ୍ରୀ ମାନଙ୍କୁ ପରୀକ୍ଷା କରାଯିବ ଓ ଫ୍ୟାଲେରିଆ ନିରୂପଣ ହେଲେ ଚିକିତ୍ସା ବ୍ୟବସ୍ଥା କରାଯିବ । ପରେ ରାଜ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ ଓ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ କାର୍ଯ୍ୟକ୍ରମର ତଦାରଖ କରାଯିବ ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୩ ଅଗଷ୍ଟ ୨୦୨୫
email :
rabibarachayan2015@gmail.com

# ରବିବାରଚୟନ

......ସୁଚୟନ ସୁଚୟନ ସୁଚୟନ......

କଥା, କବିତା, ସୃଜନର ସୁରମ୍ୟ ସମ୍ଭାର

## ଧାରାବାହିକ ଉପନ୍ୟାସ



# ବୈଦେହୀ

ଡ.ଭାଗବତ ବେହେରା

ଭାଗ-୧୦୭

(ପୂର୍ବ ପ୍ରକାଶିତ ଉତ୍ତାରୁ...)



**'ବୈଦେହୀ' ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ. ଭାଗବତ ବେହେରା ତାଙ୍କର 'ବୈଦେହୀ' ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର 'ବୈଦେହୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

ସମସ୍ତେ ଆନନ୍ଦ ଉତ୍ସବରେ ମାତିଛନ୍ତି । କିଏ କାହିଁକି ତାଙ୍କ ପାଖକୁ ଆସିବେ । ଏକାକିନୀ ମନଭରି ଅଶ୍ରୁଜଳ ଢାଳୁଥାନ୍ତି ସେ, ଆଉ ମନେମନେ ଶପଥ ନେଇ କହୁଥାନ୍ତି, "ପ୍ରଭୁ କୁଶ ଲବ ଆପଣଙ୍କ ପାଖକୁ ଯିବେ । ଆପଣ ତାଙ୍କ ପରିଚୟ ପାଇ ମୋତେ ଖୋଜିବେ ନାହିଁ । ଯଦି ପୁତ୍ର ମାନଙ୍କ ଠାରୁ ପରିଚୟ ପାଇ ତାଙ୍କ ମାତାଙ୍କୁ ଖୋଜି ଖୋଜି ଆସିବେ, ସେତେବେଳକୁ ମୁଁ ଆଉ ନଥିବି । ନିଶ୍ଚିତ ଭାବରେ ମାଟି ସହ ମାଟି ହୋଇ ଯାଇଥିବି ।" ମୁଖ ତଳକୁ ପୋତି ଗୃହକୋଣରେ ବସିରହି କାନ୍ଦୁଛନ୍ତି ଦେବୀ ଜାନକୀ । ଦିନ ଯାଇ ସନ୍ଧ୍ୟା ଆସି ଉପନୀତ ହେଲାଣି । ତାହା ତାଙ୍କୁ ଜଣାନାହିଁ । କୁଶ, ଲବ ଆସି କବାଟରେ ଆଘାତ କରି ଡାକ ପକାଇ କହିଥିଲେ, ଦିବସ ଯାଇ ସନ୍ଧ୍ୟା ହେଲାଣି ମା' । ସମସ୍ତେ ଭୋଜନ କରିସାରିଲେଣି । ତୁମେ କାହିଁକି ଆସି ଘରେ ଏକାକୀ ରହିଛ । ଦ୍ୱାରଖୋଲ ମା' । ମହର୍ଷି ଡାକି ପଠାଇଛନ୍ତି । ଶୀଘ୍ର ଚାଲ । ତୁମେ ଗଲେ ରାମାୟଣ ପାଠ ଆରମ୍ଭ ହେବ ।

କୁଶ ଲବଙ୍କର ପାଟି ଶୁଣି ଦ୍ୱାର ଖୋଲିଥିଲେ ସୀତାଦେବୀ । ମା'ଙ୍କୁ କାନ୍ଦୁଥିବାର ଦେଖି କୁଶ, ଲବ ପ୍ରଶ୍ନ କରିଥିଲେ ତୁମେ କାନ୍ଦୁଛ କାହିଁକି ମା' ? ତୁମର କ'ଣ ହୋଇଛି ? ଆଜିପରା ଦିନରେ ତୁମେ କାନ୍ଦୁଛ କାହିଁକି ? କିଏ ତୁମକୁ କିଛି କହିଲାକି ?

ପୁତ୍ର ଦୁହିଁଙ୍କୁ ପ୍ରବୋଧନା ଦେଇ ଦେବୀ ସୀତା କହିଥିଲେ ନାରେ କୁଶ, ମୁଁ କାନ୍ଦିବି କାହିଁକି ? ଆଜିପରା ମୋ ପୁତ୍ରଙ୍କର ଜନ୍ମଦିନ । ପୁଅର ଜନ୍ମଦିନରେ କେହି ମା କ'ଣ କାନ୍ଦିପାରେ । ତୁମେ ଦୁହେଁ ମୋ ଆଖିରେ ଯେଉଁ ଅଶ୍ରୁ ଦେଖୁଛ ଏହା ଖୁସିର ଅଶ୍ରୁ, ଆନନ୍ଦର ଅଶ୍ରୁ ।

ସୀତାଦେବୀଙ୍କ କଥା ଶୁଣି ଲବ କହିଥିଲା, ମା ତୁମେ ଯଜ୍ଞସ୍ଥଳୁ ଉଠି ଚାଲିଆସିଲ କାହିଁକି ? ସନ୍ଧ୍ୟାହେଲାଣି । ମହର୍ଷି ଡକାଇ ପଠାଇଛନ୍ତି । ତୁମେ ସେ ସ୍ଥାନକୁ ଚାଲ । ତୁମେ ଗଲେ ଆମେ ରାମାୟଣ ଗାନ କରିବୁ ।

ଲବ କଥା ଶୁଣି ସୀତାଦେବୀ ଅନ୍ତରର କୋହକୁ ଚାପିରଖି କହିଥିଲେ କୁଶ, ଲବ ମୋ ଦେହ ଆଜି ଭଲ ନାହିଁ । ମୁଁ ଅତ୍ୟନ୍ତ କ୍ଳାନ୍ତ । ଏ କୁଡ଼ିଆରେ ମୁଁ ବିଶ୍ରାମ ନେଉଛି । ତୁମେ ଯାଇ ସମସ୍ତଙ୍କୁ ରାମାୟଣ ଗାଇ ଶୁଣାଇ ଆସ ।

ସୀତାଦେବୀଙ୍କ କଥା ଶୁଣି କୁଶ କହିଥିଲା ଜାଣିଛ ମାଆ ଆଜି ଅଯୋଧ୍ୟାରୁ ମହର୍ଷିଙ୍କ ନିକଟକୁ ନିମନ୍ତ୍ରଣ ଆସିଛି । ଅଯୋଧ୍ୟାରେ ରାମଚନ୍ଦ୍ର ବୋଲି ଜଣେ ଅତ୍ୟନ୍ତ ବୀର, ଧାର୍ମିକ, ପ୍ରଜାବତ୍ସଳ, ଯଶସ୍ୱୀ, କୀର୍ତ୍ତିମାନ ରାଜା ରାଜତ୍ୱ କରୁଛନ୍ତି । ସେ କୁଆଡ଼େ ଅଶ୍ୱମେଧ ଯଜ୍ଞଟିଏ କରିବେ । ସେ ଯଜ୍ଞରେ ସହସ୍ର ସହସ୍ର ସଂଖ୍ୟାରେ ମୁନିଋଷିମାନେ ଯୋଗଦେବେ । ଆମେ ଦୁଇଭାଇ ମହର୍ଷିଙ୍କ ସହିତ ସେ ଯଜ୍ଞସ୍ଥଳକୁ ଯାଇ ସେଠାରେ ରାମାୟଣ ଗାଇବୁ ବୋଲି ମହର୍ଷି କହୁଥିଲେ । ତୁମେ ଶୁଣିଲେ ଆଶ୍ଚର୍ଯ୍ୟ ହେବ ମା ରାମ ଏତେ ଯଶସ୍ୱୀ ରାଜା, ହେଲେ ତାଙ୍କର ରାଣୀ ନାହାନ୍ତି । ବିନା ଦୋଷରେ ସେ କୁଆଡ଼େ ତାଙ୍କ ସ୍ତ୍ରୀ ସୀତାଙ୍କୁ ତ୍ୟାଗ କରି ଦେଇଛନ୍ତି । ଜଣେ ଆଦର୍ଶ ରାଜା ହୋଇ ସେ ଏମିତି ଅନ୍ୟାୟ କାର୍ଯ୍ୟ କେମିତି କଲେ ମାଆ ? ଆହୁରି ଆଶ୍ଚର୍ଯ୍ୟ କଥା ଜାଣିଛ ମା ତାଙ୍କୁ ଦ୍ୱିତୀୟ ସ୍ତ୍ରୀ ଗ୍ରହଣ କରିବାପାଇଁ ତାଙ୍କ ମାଆ ମାନେ ତାଙ୍କ ଆଚାର୍ଯ୍ୟ ବଶିଷ୍ଠ, ବିଶ୍ୱାମିତ୍ର ଆଦି ମୁନିଗଣ, ସେ ରାଜ୍ୟର ପ୍ରଜାମାନେ ଯେତେ ପରାମର୍ଶ ଦେଲେ ମଧ୍ୟ ସେ ତାହା ଗ୍ରହଣ କଲେ ନାହିଁ । ସେ କ'ଣ ଏହା ଠିକ୍ କଲେ ମା ? ଏତେ ଗୁଣବନ୍ତ, କୀର୍ତ୍ତିମନ୍ତ ରାଜାଙ୍କୁ କ'ଣ ଦୟିତା ଦୁର୍ଲଭ ଥିଲା ମା ? ସେ କାହିଁକି ଦ୍ୱିତୀୟ ପତ୍ନୀ ଗ୍ରହଣ କଲେ ନାହିଁ ? ଦ୍ୱିତୀୟ ପତ୍ନୀ ଗ୍ରହଣ ନକରିବାରୁ ତାଙ୍କୁ ମହର୍ଷି ବିଶ୍ୱାମିତ୍ର, ବଶିଷ୍ଠ ଆଦି କହିଥିଲେ ବିନା ପତ୍ନୀରେ କୌଣସି ଧର୍ମ କାର୍ଯ୍ୟ ହୋଇପାରିବ ନାହିଁ । ଯଜ୍ଞାନୁଷ୍ଠାନ ହୋଇପାରିବ ନାହିଁ । ତେଣୁ ରାମ ତୁମେ ଏହି ଅଶ୍ୱମେଧ ଯଜ୍ଞ ବନ୍ଦକର । ତାଙ୍କ କଥା ଶୁଣି ଅଯୋଧ୍ୟା ରାଜନ କହିଥିଲେ ବରଂ ଯଜ୍ଞ ନହେବ ନହେଉ, ସେ ଦ୍ୱିତୀୟ ପତ୍ନୀ ଗ୍ରହଣ କରିବେ ନାହିଁ । ଏହାପରେ କଣ ହେଲା ଜାଣିଛ ମା' । ମହର୍ଷିମାନେ ତାଙ୍କୁ ଉପଦେଶ ଦେଇଥିଲେ ସୀତା ଭଳି ନାରୀଟିଏ ସୁନାରେ ନିର୍ମାଣ କରିବାପାଇଁ । ତାଙ୍କ କଥା ମାନି ରାଜା ରାମ ଅଯୋଧ୍ୟାର ଶ୍ରେଷ୍ଠ କାରିଗରକୁ ନେଇ ଗୋଟାଏ ସୁନାର ସୀତା ନିର୍ମାଣ କରିଛନ୍ତି । ସେହି ସୁନା ସୀତାଙ୍କୁ ବାମପାର୍ଶ୍ୱରେ ବସାଇ ଅଯୋଧ୍ୟା ରାଜନ ଯଜ୍ଞ କରିବେ । ଏମିତି କ'ଣ ସତରେ ହୁଏ ମା ? ଜୀବିତ ମୂର୍ତ୍ତି ନରଖି ସେ ସ୍ଥାନରେ ନିର୍ଜୀବ ସୁନାର ମୂର୍ତ୍ତିଟିଏ ରଖି କ'ଣ ଯଜ୍ଞ କରାଯାଇ ପାରେ ?

କୁଶ ମୁଖରୁ ଏକଥାକୁ ମନପ୍ରାଣ ଭରି ପିଇ ଯାଉଥାନ୍ତି ତପସ୍ୱିନୀ ସୀତା । ସେ ଜୀବିତ ନା ମୃତ ସେ ନିଜେ ଜାଣିପାରୁ ନଥା'ନ୍ତି । କେବଳ ତାଙ୍କ ଚକ୍ଷୁର ଅଶ୍ରୁ ଜଣାଇ ଦେଉଥାଏ ତାଙ୍କ ପିଣ୍ଡରେ ପ୍ରାଣ ଅଛି ବୋଲି ।

ମାତାଙ୍କୁ ଏପରି କାନ୍ଦୁଥିବାର ଦେଖି ଲବ ପ୍ରଶ୍ନ କରିଥିଲା, ମାଆ ଭାଇ ମୁହଁରୁ ଏ କଥା ଶୁଣି ତୁମେ ଏମିତି ନିର୍ଜୀବ ହୋଇ ଛିଡ଼ା ହୋଇ ରହିଲ କାହିଁକି ? ତୁମ ଆଖିରୁ ଜଳ ଧାରଧାର ହୋଇ ଏମିତି ବହିଯାଉଛି କାହିଁକି ? ତୁମେ କ'ଣ ସତରେ ସେ ରାମଙ୍କୁ ଜାଣିଛକି ମା ?

ନା ରେ ଲବ, କୁଶ । ମୁଁ ତାଙ୍କୁ ଜାଣେନାହିଁ। ଏ ସଂସାରରେ ଏମିତି ରାଜା ମଧ୍ୟ ଅଛନ୍ତି, ତାହା ଶୁଣି ମୋ ଆଖିର ଲୁହ ବାଧାବନ୍ଧନ ମାନୁନାହିଁ । ସେ ସ୍ତ୍ରୀକୁ ସତରେ ତ୍ୟାଗ କରିନାହାନ୍ତିରେ ପୁଅ । ଯଦି ସେ ପ୍ରକୃତରେ ସ୍ତ୍ରୀକୁ ତ୍ୟାଗ କରିଥାନ୍ତେ ତାହେଲେ ସେ ନିଶ୍ଚୟ ଦ୍ୱିତୀୟ ଦାର ଗ୍ରହଣ କରିଥାନ୍ତେ । ତାହା ନକରି ସେ ସୁନାର ମୂର୍ତ୍ତିଟିଏ ଗଢ଼ାଇ ତାକୁ ପତ୍ନୀର ରୂପ ଦେଇ ଯଜ୍ଞ କରୁଛନ୍ତି । ଧନ୍ୟ ଧନ୍ୟ ସେ ଅଯୋଧ୍ୟାର ରାଜାଙ୍କୁ । ତାଙ୍କ ତ୍ୟାଗ, ତାଙ୍କ ମହନୀୟତାର ତୁଳନା ନାହିଁ । ମୋର କଣ ଇଚ୍ଛା ହେଉଛି ଜାଣ ପୁଅ, ମୁଁ ଅଯୋଧ୍ୟା ଧାଇଁଯାଇ ତାଙ୍କ ପାଦତଳେ ପଡ଼ି ତାଙ୍କ ପାଦଧୂଳି ଆଣି ମଥାରେ ବୋଳି ହୁଅନ୍ତି ।

ସୀତାଙ୍କର ଏପରି କଥା ଶୁଣି ଲବ କହିଥିଲେ, ତାହେଲେ ତୁମେ ଆମ ସହିତ ଚାଲ ମା । ଅଶ୍ୱମେଧ ଯଜ୍ଞ ବି ଦେଖିବ ତା ସହିତ ସେ ମହାନ୍ ପୁରୁଷ ଶ୍ରୀରାମଙ୍କୁ ବି ଦେଖିବ । ତାଙ୍କୁ ପ୍ରଣାମ କରି ତାଙ୍କ ପାଦଧୂଳି ଆଣି ମୁଣ୍ଡରେ ବୋଳିହେବ । ଆମେ ବି ତାଙ୍କ ପାଦତଳେ ଲୋଟିଯିବୁ ।

କାନ୍ଦିକାନ୍ଦି ପୁଅ ଦୁହିଁଙ୍କୁ କୋଳକରି ସୀତାଦେବୀ କହିଥିଲେ, ନାରେ ଲବ, ତାହା ଆଉ ଏ ଜୀବନରେ ସମ୍ଭବ ନୁହେଁ । ତୁମେ ଦୁଇ ଭାଇ ଯାଇ ତାଙ୍କୁ ଦେଖି ଆସିବ । ପରେ ତୁମ ଦୁହିଁଙ୍କ ଆଖିରେ ମୁଁ ତାଙ୍କୁ ଦେଖି ପାରିବି ।

ଆମ ଆଖିରେ ତୁମେ ତାଙ୍କୁ କେମିତି ଦେଖିବ ମାଆ । ଆମେ ମହର୍ଷିଙ୍କୁ କହି ତୁମ ଯିବାର ଉପାୟ କରିଦେବୁ । ଆମ ଆଶ୍ରମରୁ ଅନେକ ମୁନିକନ୍ୟା ମାନେଯିବେ । ତୁମେ ତାଙ୍କ ସହିତ ଯିବ ।

(କ୍ରମଶଃ)

♥ ଦର୍ଜୀପୋଖରୀ, ରାଣୀପାଟଣା,
ବାଲେଶ୍ୱର
(ମୋ) ୬୩୭୦୫୦୯୧୦୪

# ଓଡ଼ିଆ ଅସ୍ମିତା ଏବଂ ବିକଶିତ ଓଡ଼ିଆ ଭାଷା

ପ୍ରଶାନ୍ତ କୁମାର ନାୟକ

ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଏବଂ ଗୌରବମୟ ଇତିହାସ ପାଇଁ ଜଣାଶୁଣା ଓଡ଼ିଶା ସର୍ବଦା ସ୍ଥିରତା ଓ ନିଷ୍ଠାର ପ୍ରତୀକ ହୋଇ

ରହିଆସିଛି । ଓଡ଼ିଆ ଅସ୍ମିତା (ଓଡ଼ିଆର ପରିଚୟ)ର ଧାରଣା ଓଡ଼ିଆ ଲୋକଙ୍କ ଆତ୍ମା, ସେମାନଙ୍କର ଭାଷା, ସଂସ୍କୃତି, ସାହିତ୍ୟ, ଆମର ଅଭିମାନ, ସ୍ୱାଭିମାନ ଏବଂ ପରମ୍ପରାକୁ ହିଁ ଧାରଣା କରିଥାଏ । ଏହାହିଁ ଆମର ଓଡ଼ିଆ ଅସ୍ମିତା । ଓଡ଼ିଆ ଅସ୍ମିତାରେ ନିହିତ ଅଛି ବିକଶିତ ଓଡ଼ିଶା ଗଠନର ମୂଳମନ୍ତ୍ର ।

ପ୍ରକୃତରେ ଅସ୍ମିତା ଶବ୍ଦଟି ମୂଳ ସଂସ୍କୃତ ଶବ୍ଦରୁ ଆନୀତ । ଅସ୍ମ + ଇତା = ଅସ୍ମିତା । ଅସ୍ମ କହିଲେ ଅସ୍ତିତ୍ୱ ଏବଂ ଇତା କହିଲେ ପରିଚୟ । ଅର୍ଥାତ ସର୍ବପ୍ରଥମେ ଅସ୍ତିତ୍ୱ ଓ ତାପରେ ଯାଇ ପରିଚୟ । ଗୋଟିଏ ଭାଷାହିଁ ଗୋଟିଏ ଜାତିର ପରିଚୟ ହୋଇଥାଏ । ଓଡ଼ିଆ ଅସ୍ମିତା କହିଲେ ସାଧାରଣତଃ ଆମ ଓଡ଼ିଆ ଭାଷାର ଅସ୍ତିତ୍ୱ ଏବଂ ତାର ପରିଚୟକୁ ବୁଝାଏ । ଦେବ ଭାଷା ବୋଲାଉଥିବା ସଂସ୍କୃତ ଭାଷା ଆମ ଓଡ଼ିଆ ଭାଷା ସହିତ ମୌଳିକ ଭାବରେ ଜଡିତ । ସାଧାରଣ ଭାବରେ ଦେଖିବାକୁଗଲେ ଭାଷା ଓ ସାହିତ୍ୟ ଗୋଟିଏ ମୁଦ୍ରାର ଉଭୟ ପାର୍ଶ୍ୱ ଭଳି ହୋଇଥାଏ । ତେଣୁ ଭାଷା ଓ ସାହିତ୍ୟ ଅଙ୍ଗାଙ୍ଗୀ ଭାବରେ ଜଡିତ ।

ପ୍ରଥମ ଓଡ଼ିଆ ସାହିତ୍ୟ ଭାବରେ ପରିଚିତ ହାତୀ ଗୁମ୍ଫା ଶିଳାଲେଖ ପ୍ରକାଶ କରେ ସେ ସମୟର ସାମାଜିକ, ରାଜନୈତିକ ଓ ସାଂସ୍କୃତିକ ଅବସ୍ଥା । କଳିଙ୍ଗ ଯୁଦ୍ଧର ପ୍ରତିଶୋଧ ଉପରେ ପ୍ରତିଷ୍ଠିତ ମଗଧ ବିଜୟକୁ ସ୍ମରଣୀୟ କରି ରଖିବା ପାଇଁ ଶିଳାଲେଖ ସାହିତ୍ୟର ସୃଷ୍ଟି ହୋଇଥିଲା। ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଓଡ଼ିଶା ରାଜ୍ୟ କଳା, ସଂସ୍କୃତି, ସାହିତ୍ୟ ଓ ଭାସ୍କର୍ଯ୍ୟ କ୍ଷେତ୍ରରେ ମଧ୍ୟ ବେଶ ସମୃଦ୍ଧଶାଳୀ । ବିସ୍ତିର୍ଣ୍ଣ ଭାରତ ଭୂଖଣ୍ଡରେ ଓଡ଼ିଶା ଏକ ପ୍ରାଚୀନ ଏବଂ ସଂସ୍କୃତି ସମ୍ପନ୍ନ ରାଜ୍ୟ । ୧୯୩୬ ମସିହା ଅପ୍ରେଲ ପହିଲା ଦିନ ଓଡ଼ିଶାରାଜ୍ୟ ସମଗ୍ର ଭାରତ ବର୍ଷରେ ଭାଷା ଭିତ୍ତିକ ସ୍ୱତନ୍ତ୍ର ପ୍ରଦେଶ ଭାବରେ ମାନ୍ୟତା ଲାଭ କରିଥିଲା ।

ଆଧୁନିକ ଓଡ଼ିଶାର ଲୋକମାନେ ଓଡ଼ିଆ ଜାତିର ପ୍ରିୟ ଖାଦ୍ୟ ଶାଗ ପଖାଳ ଏବଂ ନାନାପ୍ରକାର ପିଠାପଣା ପରିବର୍ତ୍ତେ ବର୍ତ୍ତମାନ ପିଜା, ବର୍ଗର ଭଳି ବିଦେଶୀ ଖାଦ୍ୟ ପ୍ରତି ଅଧିକ ଆକର୍ଷିତ ହେଉଛନ୍ତି। ଯାହାଦ୍ୱାରା ବର୍ତ୍ତମାନର ଯୁବପିଢୀ ରୋଗାଗ୍ରସ୍ତ ହୋଇ ପଡୁଛନ୍ତି । ଗୋଟିଏ ଜାତି ନିଜର ଅସ୍ତିତ୍ୱ, ଐତିହ୍ୟ ଓ ପରମ୍ପରା ତଥା ସଂସ୍କୃତିକୁ ହରାଇ କଦାଚିତ୍ ଉନ୍ନତିର ସ୍ୱାଦ ଚାଖି ପାରିବ ନାହିଁ । ଅତୀତର ଖାଦ୍ୟପେୟ, ପର୍ବପର୍ବାଣି, ଲୋକକଳା, ଲୋକନୃତ୍ୟ, ମଠ, ମନ୍ଦିର, ଗୁମ୍ଫା, ଝୋଟିଚିତା ଇତ୍ୟାଦି ହେଉଛି ଆମ ଓଡ଼ିଆ ଜାତିର ଗର୍ବ ଓ ଗୌରବ ତଥା ସ୍ୱାଭିମାନର ପ୍ରତୀକ । ସେହିପରି କୋଟି କୈବଲ୍ୟନାଥ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଓଡ଼ିଆ ଜାତିର ଜାତୀୟ ଦେବତା ।

ଏକ ବିକଶିତ ଓଡ଼ିଶା ଗଠନରେ ଓଡ଼ିଆ ଅସ୍ମିତା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଯଥା:

୧. ଉତ୍କଳର ସମୃଦ୍ଧ ଐତିହ୍ୟ ଓ ପରମ୍ପରାକୁ ବଜାୟ ରଖିବାପାଇଁ ଓଡ଼ିଆ କଳା, ସାହିତ୍ୟ ଏବଂ ସଂସ୍କୃତିକୁ ପୁନର୍ଜୀବିତ କରିବା ।
୨. ଭୌଗୋଳିକ ଦୃଷ୍ଟିକୋଣରୁ ସୀମା ସରହଦ୍ ଅତିକ୍ରମକରି ସାରା ବିଶ୍ୱରେ ଅବସ୍ଥାପିତ ସମସ୍ତ ଓଡ଼ିଆ ମାନଙ୍କୁ ଏକତ୍ରୀତ କରିବା ।
୩. ଓଡ଼ିଶାର ପାରମ୍ପରିକ ହସ୍ତଶିଳ୍ପ, କୁଟିର ଶିଳ୍ପ, ସଙ୍ଗୀତ, ଲୋକନାଟ୍ୟ, କଳା ଓ କୌଶଳକୁ ସୁରକ୍ଷା ଦେବା ସହିତ ଏହାକୁ ପ୍ରୋତ୍ସାହିତ କରିବା।
୪. ଶିକ୍ଷା ଓ ଦକ୍ଷତା ବିକାଶ ଦିଗରେ ପ୍ରୋତ୍ସାହନର ପ୍ରଚୁର ବ୍ୟବସ୍ଥା କରିବା ।
୫. ସ୍କୁଲ କଲେଜ ମାନଙ୍କରେ ସ୍ୱତନ୍ତ୍ର ଓଡ଼ିଆ ଭାଷା ଶିକ୍ଷକ ନିୟୋଜନ କରିବା ଏବଂ ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱ ଦେବା ।
୬. ସାଢେ ଚାରିକୋଟି ଓଡ଼ିଆଙ୍କ ମାତୃଭାଷା ବୋଲାଉଥିବା ଓଡ଼ିଆ ଭାଷାକୁ ନିଯୁକ୍ତି / ରୋଜଗାରର ମାଧ୍ୟମ କରିବା ।
୭. ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାକୁ ଓଡ଼ିଆ ଭାଷାରେ କରିବା ଇତ୍ୟାଦି ।

ବର୍ତ୍ତମାନ ପରିପ୍ରେକ୍ଷୀରେ ଆମ ଓଡ଼ିଶା ଶିକ୍ଷା, ସୂଚନା, ପ୍ରଯୁକ୍ତିବିଦ୍ୟା ଓ କୃଷିକ୍ଷେତ୍ରରେ ଅଗ୍ରଣୀ ଭୂମିକା ନେଇଛି ସତ, ମାତ୍ର ନିଜର ସ୍ୱାଭିମାନ ଓ ଅସ୍ତିତ୍ୱକୁ ପଛରେ ପକାଇ ଏଭଳି ବିକାଶର କୌଣସି ଅର୍ଥ ନଥାଇପାରେ । ପ୍ରାଥମିକତା ଭିତ୍ତିରେ ଆମେ ଆମର ସ୍ୱାଭିମାନକୁ ଏବଂ ଓଡ଼ିଆ ଅସ୍ମିତାକୁ ଯଥୋଚିତ ସମ୍ମାନଦେବା ଆବଶ୍ୟକ । ତେବେ ହୁଏତ ବିକଶିତ ଓଡ଼ିଶା ଗଠନରେ ଏହା ସହାୟକ ହୋଇପାରିବ ।

♥ ୟୁନିଟ-୦୫, ଭୁବନେଶ୍ୱର – ୦୧
ଫୋନ – ୮୨୪୯୬୫୦୪୧୪

## କବିତା...



### ଗୋଲ୍ ପଥର

ସୁଶୀଲ କୁମାର ପାଣିଗ୍ରାହୀ

ମୋର ଟେବୁଲ ଉପରେ
ଗୋଟିଏ ଗୋଲ୍ ପଥର
ନଦୀ ଦେଇଥିଲା

ପଥରରେ ନଦୀ ନାହିଁ
ଅଛି ସଂଘର୍ଷର ଗାଥା

ସେ ମୋତେ କୁହେ
ଲଢିବାକୁ
ଯଦି ହାରୁଛୁ ଲଢି କି ହାର୍
ଜୀବନର ଜଟିଳତା ଭିତରୁ
ଆରମ୍ଭ ହୁଏ ସୁଗମ ପଥ
ଜୀବନ ହୁଏ ସୁନ୍ଦର
କଣ୍ଟକିତ ଜୀବନରେ
ଗୋଲାପ ଫୁଟିବା ନିଶ୍ଚିତ

ଯେବେ ମୁଁ
ନିଦରେ ସ୍ୱପ୍ନ ଦେଖେ
ମୋତେ ଉଠାଇଦିଏ
କହେ-ଉଠ୍ !
ଯୋଦ୍ଧା ସ୍ୱପ୍ନରେ ନୁହେଁ
ରଣଭୂମିରେ ଜିଏଁ।

♥ କଲ୍ୟାଣୀ ରେସିଡ଼େନ୍ସି
ଫ୍ଲାଟ-୨୦୩, ଜଲାନ ଗଳି
ସମ୍ବଲପୁର-୨
(ମୋ) ୮୧୪୪୨୨୮୨୦୨

### ଯୁଦ୍ଧ

ନରହରି ମିଶ୍ର



ଯୁଦ୍ଧ କ'ଣ ବଢାଇଦିଏ
ଆମର ଖାନ୍‌ଦାନି- ବୁନିଆଦି
ଗର୍ବ, ଗୌରବ ଓ ପତିଆରା
ନା, ଯୁଦ୍ଧ ପୋଛିଦିଏ
ହତଭାଗ୍ୟ କଅଁଳ ଶିଶୁର ଲୁହ
ନା, ବୁଝିପାରେ
ବୁଭୁକ୍ଷୁର ଉଦରର ଜ୍ୱାଳା
ତେବେ ଯୁଦ୍ଧ କଣ ପାଇଁ ଲୋଡା ?

ସାମ୍ରାଜ୍ୟବାଦର ମୋହରେ
ଅବିଶ୍ୱାସ-ଅନ୍ଧ ଅହମିକାରେ
ଯୁଦ୍ଧ ଚାଲିଛି ଯେ ଚାଲିଛି
ଗୋଳା, ବାରୁଦ ଓ କ୍ଷେପଣାସ୍ତ୍ର ମାଡରେ
ପ୍ରତିଟି ମୁହୂର୍ତ୍ତ ହୁଏ ଅସ୍ଥିର ଅଶାନ୍ତ
ଜଳ, ସ୍ଥଳ, ଆକାଶ, ପବନ

ସବୁହୁଏ ବିବର୍ଣ୍ଣ- ବିଚୁର୍ଣ୍ଣ
ତଥାପି ବୁଝେନି ମନ,
ଧର୍ମାନ୍ଧ ଡାକରେ ଏଠି
ଯୁଦ୍ଧ ପାଇଁ ଚାଲିଥାଏ
ସବୁ ଆୟୋଜନ ।

କହରେ ମଣିଷଭାଇ !
ତୋ ବିନା ବୁଝିବ କିଏ
ଅନ୍ତର୍ଦାହ ମାଟି ମଣିଷର
କିଏ ବା ଗାଇବ ଗୀତ
ମୁକ୍ତି ମୈତ୍ରୀ ପ୍ରୀତି ଭ୍ରାତୃତ୍ୱର
କିଏ ଅବା ଭରିଦେବ ଶୀତଳତା

ମୁମୂର୍ଷୁ ଓଠରେ
କରୁଣାର କାକର ବିନ୍ଦୁରେ
ମଧୁମୟ ସ୍ୱପ୍ନ ଭରା ଦ୍ୟାବା ପୃଥିବୀରେ
ଯୁଦ୍ଧ କଣ କେବେହେଲେ
ଶାନ୍ତି ଦେଇପାରେ !

♥ ଏଫ୍ ୨୧୫, ସେକ୍ଟର-୮
ମର୍କତ ନଗର, କଟକ-୧୪

### ନିରୋଳା ରାସ୍ତା

ଶ୍ରୀଧର ମଲ୍ଲିକ



ନିରୋଳା ରାସ୍ତାରେ ଚାଲିଲା ବେଳେ
କାହିଁକି କେଜାଣି ଅଶାନ୍ତ ଥାଏ ଆକାଶ।

କଳା ଘୁମର ବାଦଲ ଗୁଡାକ
ଜକେଇ ଥାଆନ୍ତି
ଆକାଶର ଆଖିରେ।

କାଳେ ମୁଁ ଭିଜିଯିବି ବୋଲି
ମୋ ପାଦ ଦୁଇଟା ଧାଉଁଥାନ୍ତି
ବନ୍ୟାର ସୁଅ ପରି।

ଅଚାନକ ରାସ୍ତାରେ ପଡେ ବସଷ୍ଟପ୍
ସେତିକି ବେଳେ
ତୀବ୍ର ଗତିରେ ଖସି ପଡନ୍ତି ବର୍ଷା।

ବର୍ଷାରୁ ରକ୍ଷା ପାଇବା ପାଇଁ
ଧାଇଁଯାଏ ବସଷ୍ଟପ୍ ଭିତରକୁ।
ଯାଇ ଦେଖେ ତ
ଜଣେ କିଏ ଛିଡ଼ା ହୋଇଛନ୍ତି।

ମତେ କାହିଁ
ଆପଣାର ଆପଣାର ପରି ଲାଗିଲା।

ମୁଁ ସ୍ଥିର ହୋଇ ଦେଖେ ତ
ମତେ ଛାଡ଼ି ଚାଲି ଯାଇଥିବା ମୋର ସେ
ଅଭୁଲା ପ୍ରେମ ଛିଡ଼ା ହୋଇଛି।

ଅଦିନିଆ ବର୍ଷା ପୁଣି ଅଦିନିଆ ଭେଟ।
ମତେ ଯେମିତି ଭିତରୁ ଦୋହଲାଇ ଦେଲା।
ବିଜୁଳିର ଚକ୍ ଚକ୍ ଆଲୁଅରେ
ମୁଁ ଯେମିତି ଚିରି ହୋଇ ଯାଉଥିଲି।

ଅଦିନିଆ ବର୍ଷା ଆଉ
ଶୀତଳ ପରିବେଶ ଭିତରେ
ଦିଆସିଲି କାଠିରେ ସତେ ଯେମିତି
ଲାଗି ଗଲା ନିଆଁ।

ଶୀତଳ ପବନ ଠାରୁ
ମୋ ଭିତରେ ଉଠୁ ଥିବା ଭାବନା ଗୁଡ଼ାକ
ଯେମିତି ମତେ ଜାଳିପୋଡ଼ି
ପାଉଁଶ କରି ଦେଉଥିଲେ।

ଭୁଲି ଯାଇଥିବା ଭାବନା ଗୁଡ଼ାକ
କାହିଁକି କେଜାଣି
ଜକଉଥିଲେ ମୋ ଆଖିରେ।

ଆକାଶକୁ ଚିରି
ଝରିପଡୁଥିବା ବର୍ଷା ବୁନ୍ଦା ପରି ।
ଝରି ପଡୁଥିଲେ ବୁନ୍ଦା ବୁନ୍ଦା ଲୁହ।

ଅମାନିଆ ମନ
କାହିଁକି କେଜାଣି ସ୍ଥିର ହେବାକୁ ଦେଲାନି
ତୀବ୍ର ସୁଅରେ ଭିଜିଗଲା ମନ ଓ ଶରୀର।

ଏ ନିରୋଳା ରାସ୍ତା
ମତେ ଏତେ ଯନ୍ତ୍ରଣା ଦେବ ବୋଲି
କେବେ ଜାଣି ନ ଥିଲି
କାହିଁକି ମୁଁ
ଏ ନିରୋଳା ରାସ୍ତାକୁ ବାଛିନେଲ !!

♥ କେନ୍ଦ୍ରାପଡ଼ା

### ଖପୁରୀ

ସତ୍ୟରଂଜନ ପ୍ରହରାଜ



ଏମିତି କିଛି ଦ୍ରବ୍ୟ କି ଦୃଶ୍ୟ ନଥିବ
ଯାହାର ଅଂକୁର
ଯେମିତି ଏକ ଝାପ୍ସା ନିରଂଗ ଚିତ୍ର
ଏ ଖପୁରୀରେ ଢଂକି ନଥିବ
ଯେଉଁଦିନ ଘଟିନଥିବା ଅଘଟଣ ସବୁ
ଖପୁରୀକୁ କୋରି ପକାଉଥିବ
ସେଦିନ ଟିକେଟିକେ ବିଶ୍ୱାସ ହେଉଥିବ
ମୁଣ୍ଡ ଭିତରେ ରହିଯାଇଛି
କିଛି ଶବ୍ଦ ଅବା ଅକ୍ଷର
ଯାହା ପାଲଟିପାରିନି କବିତାଟିଏ
ନିକାଂଚ ନିର୍ଜନ୍ମ ରାତିଟିଏ
କୋମଳ କଦମ୍ବଫୁଲଟିଏ
କିମ୍ବା ହଜାରେ ବର୍ଷର ଭୁତଟିଏ ।

ଖପୁରୀ ଭିତରେ ବି ଥିବ
କିଛି ପ୍ରାଗୈତିହାସିକ ଧ୍ୱନି
ଯାହା ଆରମ୍ଭରୁ ଶୁଭୁଥିବ କୋଳାହଳ ପରି
ଯେମିତି ସରିଆସୁଛି ମହାଭାରତ
ସରିଆସୁଛି ଝରଣାର ଶେଷଧାର
ଥମିଆସୁଛି କେନ୍ଦରାରେ ଆଙ୍ଗୁଠିର ଗତି
କ୍ଷୀଣତର ଘଣ୍ଟିର ଢଂ
ନିଶବ୍ଦ ଦରୋଟି
ଶେଷରେ ଓଁକାର ସବୁ ଶୂନ୍ୟତାର ।

ଖପୁରୀ ଆଁ ଭିତରେ ଥିବ
ଦୁଇ ବା ତତୋଧିକ ପୃଥ୍ୱୀ

ପ୍ରତି ପୃଥ୍ୱୀରେ ଥିବି ମୁଁ ଭିନ୍ନ ଅବତାରରେ
ଭିନ୍ନ ଭିନ୍ନ ମନସ୍କତାରେ
ଗୋଟେ କେଉଁ ଅଜଣା ଘାଟିରୁ
ଖସିଆସୁଥିବା
ଗାଡିର ଉଜ୍ଜ୍ୱଳ ଆଲୁଅକୁ
ସମସ୍ତେ ଚାହିଁରହିଥିବେ
ମୋ ଝର୍କାରୁ ଦିଶୁଥିବା
ଆଉ ଝର୍କାର ଆଲୁଅ
ଠିକ୍ ଯେମିତି ଦିଶେ
ମୁଁ ନିଦରେ ଥାଏ ଅନିଦ୍ରରେ
ଝର୍କା ଖୋଲା ଥାଉ କି ନଥାଉ
ଖପୁରୀର ଠିକ୍ ମଝିରେ
ସେ କ୍ଷୀଣ ଆଲୋକ ପାଇଁ
ନୂଆନୂଆ ଦୃଶ୍ୟ ଦିଶୁଥାଏ ଲିଭୁଥାଏ
ଦିଶୁଥାଏ ଲିଭୁଥାଏ ।

♥ ଲେନ ନଂ୬, ଏରୋଡ୍ରୋମ୍ ଏରିଆ
ଭୁବନେଶ୍ୱର - ୭୫୧୦୨୦
(ମୋ) ୯୬୫୮୪୧୩୫୩୪

### ଆସେ ପ୍ରିୟା ମୋର

ସୁବ୍ରତ ମଲିକ



ଶ୍ରାବଣ ରାତିରେ ଆସେ ପ୍ରିୟା ମୋର
ଦେହରେ ଭରିଣ ବୈଶାଖି ତାତି,
ମୋତେ ଜଳାଇକି ନିଜକୁ ଜଳାଏ
କୁଆଁରୀ ଛୁଆଁ ତା ଥରାଏ ଛାତି ।
ଚାଲିଯାଏ ସିଏ ବିଜୁଳି ବେଗରେ
ଘଟଣା ଘଟିବା ଆଗରୁ କିଛି,
ଏ ସାରା ପୃଥିବୀ ଶୋଅଇ ଶାନ୍ତିରେ
ରୁହେ ଉଜାଗର ମୁଁ ସାରା ରାତି ।

ଚାତକ ପରିକା ଅନାଇ ବସିଛି

କେବେ ଆସିବ ସେ ଶୁଭ ଲଗନ
ଜହ୍ନ ବି ଉଇଁବ ଉଆଁସୀ ରାତିରେ
ହେବ ବୋଲି ଆମ ମଧୁ ମିଳନ ।

♥ କୋରୁଆ ,ଅସୁରାଳି ,ଭଦ୍ରକ
(ମୋ) ୭୦୦୮୩୧୫୯୧୬

# ମାତୃଭାଷା ସଂକଟ ଖାଦ୍ୟ ସଂକଟ ନୁହେଁ; ପରିଚୟ ସଂକଟ : ସଦାନନ୍ଦ ତ୍ରିପାଠୀ

**ସଦାନନ୍ଦ ତ୍ରିପାଠୀ** ଓଡିଆ ଗଳ୍ପ ଜଗତର ଜଣେ ସ୍ୱର୍ଦ୍ଧିତ ବ୍ୟକ୍ତିତ୍ୱ । ୫୦ବର୍ଷ ଧରି ନିରବଚ୍ଛିନ୍ନ ଭାବେ ଗଳ୍ପ ଲେଖାରେ ମଗ୍ନ ଥାଇ ସେ ଲେଖିଛନ୍ତି ୧୫୦ରୁ ଉର୍ଦ୍ଧ୍ୱ ଗଳ୍ପ ଓ ଦୁଇଟି ଉପନ୍ୟାସିକା । ଇଂରାଜୀ ସମେତ ଅନ୍ୟାନ୍ୟ ୮ଟି ଭାରତୀୟ ଭାଷାରେ ତାଙ୍କ ଗଳ୍ପ ଅନୁବାଦ ହୋଇ ପାଇସାରିଛି ପ୍ରତିଷ୍ଠା । ସେ ପ୍ରମାଣିତ କରିସାରିଛନ୍ତି ନିଜର ପାରଦର୍ଶିତା । "କୌଣସି ଲୋଭ ବା ମୋହରେ ନ ପଡ଼ି ଉଚ୍ଚାଙ୍ଗ ସାହିତ୍ୟ ଅଧ୍ୟୟନ କରିବା ସହିତ ନିଜ ସୃଷ୍ଟିର ଉତ୍ତରଣ ପାଇଁ ଏକାଗ୍ର ଧ୍ୟାନ ଦେବା ହିଁ ଧେୟ ହେଉ" ବୋଲି କହୁଥିବା କଥାକାରଙ୍କ ସହ ଏଥରର ଆଳାପ...

ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ



■ ଅଳ୍ପରେ ସଦାନନ୍ଦ ତ୍ରିପାଠୀ



ନାମ - ସଦାନନ୍ଦ ତ୍ରିପାଠୀ
ଜନ୍ମ-୨୬ ନଭେମ୍ବର ୧୯୫୬
ଠିକଣା : -ଚୈତନ୍ୟ ବ୍ରାହ୍ମଣୀ ଭବନ
ପ୍ଲଟ ନମ୍ବର- ୨୪୦୮ ମଞ୍ଚେଶ୍ୱରର ଗାଁ
ଭୁବନେଶ୍ୱର
(ମୋ) ୯୪୩୭୫୦୨୯୬୨

**ପ୍ରକାଶିତ ପୁସ୍ତକ:**

୧-ଅନ୍ୟତମ ସଦାନନ୍ଦ ତ୍ରିପାଠୀଙ୍କ ମୃତ୍ୟୁ ପରେ (୧୯୯୨)
୨- ରଙ୍ଗନାଥ ଘଡ଼େଇ (୧୯୯୩)
୩- ଯେଝା ବାଟରେ ଯାଏ (୧୯୯୪)
୪- ନିଜ ନିଜ ନିୟମ (୧୯୯୬)
୫- ସବୁକିଛି ପୂର୍ବ ନିର୍ଦ୍ଧାରିତ (୨୦୦୧)
୬- ସତୀ (୨୦୦୨)
୭- ଅର୍ଦ୍ଧାଙ୍ଗିନୀ (୨୦୦୬)
୮- କବିର ସମୟ (୨୦୦୭)
୯- ନାଚାର ଷୋଡ଼ଶୀ (୨୦୦୮)
୧୦- ଅନ୍ଧାରରେ ଦିନେ (୨୦୧୨)
୧୧- ସେଇ ବାହାନା (୨୦୧୬)
୧୨- ଝଡ଼ି ପୋକର ପର (୨୦୧୬)
୧୩- ଏମ୍.ଅଲ୍ଲୀ ଓ ଅନ୍ୟ ଯେତେ ଯିଏ (୨୦୧୮)
୧୪- ଶ୍ରେଷ୍ଠଗଳ୍ପ (୨୦୨୧)
୧୫- କଥା ଶୁଭେ ଲଥା ଲୁଚିଯାଏ (୨୦୨୨)
୧୬- ପ୍ରେମଶୀଳାର ମୀନରାଶି (୨୦୨୪)

■ କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟସ୍ଫୁରଣ ?

■■ ଦିନେ ସନ୍ଧ୍ୟାବେଳେ, ଗାଈ ଗୋଠ ଗାଁକୁ ଫେରୁଥିବା ଅବସରରେ, ଅନ୍ୟ ପିଲାଙ୍କ ସହ ଦାଣ୍ଡରେ ଖେଳୁଥିବା ମୋର ପୋଲିଓଗ୍ରସ୍ତ ସାନଭାଇଟିର ଦୁର୍ଦ୍ଦଶା ଏବଂ ଆତଙ୍କ ଦେଖି ମୋ ମନରେ ଯେଉଁ ବେଦନା ଓ ଆଲୋଡ଼ନ ସୃଷ୍ଟି ହୋଇଥିଲା, ତା'ର ପ୍ରତିଫଳନ ଘଟିଥିଲା ମୋର ପ୍ରଥମ ଗଳ୍ପ, 'ପଙ୍ଗୁ'ରେ । ତାହା ହିଁ ମୋର ପ୍ରଥମ ଲେଖା । ସ୍ଫୁରଣଟି ଆକସ୍ମିକ । ମୁଁ ଘର ଭିତରରୁ ବାହାରକୁ ଆସି ଦେଖିଲି ଗାଈ ପଲକୁ ଦେଖି ଅନ୍ୟସବୁ ପିଲା କାହା କାହା ବାରଣ୍ଡା ଉପରକୁ ଉଠିଗଲେଣି ଓ ଦୁଇହାତ ଏବଂ ଗୋଡ଼ ଭରା ଦେଇ ଚାଲୁଥିବା ଭାଇଟି ସହସା କୁଆଡ଼େ ଯାଇ ନପାରି ମଝି ରାସ୍ତାରେ ବିଡ଼ମ୍ବିତ ପ୍ରାୟେ ବସିରହିଛି । ମୋର ସେତେବେଳେ ଦଶମ ଶ୍ରେଣୀ । ଭାଇଟି ମୋ ଠାରୁ ନଅ ବର୍ଷ ସାନ । ଆମେ ସେତେବେଳେ ଅଳ୍ପ କେତୋଟି ଦିନ ପାଇଁ ଗାଁକୁ ଯାଇଥିଲୁ । ଗାଈମାନେ ଆଦୌ ଆଘାତ ନ କରି, ତା' ଦୁଇପାର୍ଶ୍ୱ ଦେଇ ଆଗକୁ ଚାଲିଯାଇଥିଲେ ସତ, କିନ୍ତୁ ପରେ ପରେ ମୁଁ ଯାଇ ତାକୁ ଉଠାଇ ଛାତିରେ ଜଡ଼ାଇ ଧରିବା ମାତ୍ରେ ତା'ର ଯେପରି ହୃଦ୍‌ସ୍ପନ୍ଦନକୁ ଅନୁଭବ କଲି ସେହି ଘୂର୍ଣ୍ଣି ଆଜି ବି ହୃଦୟକୁ ରନ୍ଧାଳି ପକାଏ ।

■ ଆପଣଙ୍କ ଲେଖକ ଜୀବନର ପ୍ରେରଣା କିଏ ? ସାହିତ୍ୟର ଆଦ୍ୟଗୁରୁ ଭାବେ ଆପଣ କାହାକୁ ସ୍ମରଣ କରିବେ ?

■■ ପ୍ରଥମ ପ୍ରେରଣା ଅବଶ୍ୟ କେଉଁ ଅଦୃଶ୍ୟ ଶକ୍ତି ଯାହାଙ୍କର ଅବସ୍ଥିତି ଅଜ୍ଞାତ । ତା' ପରେ ଆଉ କେତେଜଣ ସହଜୀବୀଙ୍କ ନାଁ ଉଲ୍ଲେଖ କରିହେବ। କିନ୍ତୁ, ଅନ୍ତଃପ୍ରେରଣା ବିନା ସୃଜନଶୀଳତାର ଝରେ ଦୀର୍ଘଜୀବୀ କି ଚିରଜୀବୀ ହୁଏନା । ପ୍ରଥମ ଗଳ୍ପଟି ଲେଖିବା ପୂର୍ବରୁ କାହ୍ନୁଚରଣ ଓ ବିଭୂତି ପଟ୍ଟନାୟକଙ୍କର ବେଶ୍ କେତୋଟି ଉପନ୍ୟାସ ପଢ଼ି ସାରିଥିଲି । ସେଥିର ପ୍ରଭାବ ମୋ ଉପରେ ପଡ଼ିଥିଲା ନିଶ୍ଚୟ । ସେତେବେଳେ ସେ ଦୁହିଁଙ୍କ ସଂସ୍ପର୍ଶରେ ଆସି ନଥିଲେ ସୁଦ୍ଧା ଉଭୟଙ୍କୁ ଆଦ୍ୟଗୁରୁ ବୋଲି ମାନେ । ତା' ପରେ, ମୋ ବୋଉ, ଯିଏ ମୋର ଖାତାରୁ ଗଳ୍ପ ଗୁଡ଼ିକ ପଢୁଥିଲା ଓ ଭଲ ହେଇନି ବୋଲି ସସ୍ନେହ କହି ଦେଉଥିଲା । କଲେଜରେ ପଢ଼ିବା ବେଳେ ଓ ତା'ପରେ ବି ଏ ପର୍ଯ୍ୟନ୍ତ, ଲେଖକ ତଥା ଆମର ଇଂଲିଶ୍ ଅଧ୍ୟାପକ ପ୍ରଫୁଲ୍ଲ କୁମାର ତ୍ରିପାଠୀ ଗୁରୁତୁଲ୍ୟ ଆଶୀର୍ବାଦ ସହ ତାଙ୍କଠାରୁ ପ୍ରଭୂତ ପ୍ରୋତ୍ସାହନ ଓ ପ୍ରେରଣା ପାଇଛି । ବରିଷ୍ଠ ଗାଳ୍ପିକ ରବି ପଟ୍ଟନାୟକ ମୋର ଗଳ୍ପ ପଢ଼ି ଚିଠି ଜରିଆରେ ମୋତେ ବହୁ ଦିଗ୍‌ଦର୍ଶନ ଦେଇଛନ୍ତି । ତାଙ୍କର ଦେହାବସାନ ପରେ ପ୍ରକାଶ ପାଇଥିବା ମୋର ପ୍ରଥମ ଗଳ୍ପ ସଂକଳନ, 'ଅନ୍ୟଜଣେ ସଦାନନ୍ଦ ତ୍ରିପାଠୀଙ୍କ ମୃତ୍ୟୁ ପରେ' ତାଙ୍କୁ ଉତ୍ସର୍ଗ କରିଛି ।

■ ବର୍ତ୍ତମାନ କେଉଁ କେଉଁ ସମସ୍ୟା ଉପରେ ଲେଖକମାନେ ଗୁରୁତ୍ୱ ଦେବା ଆବଶ୍ୟକ ? ସାହିତ୍ୟ ମାଧ୍ୟମରେ ସମାଜର ପରିବର୍ତ୍ତନ ସମ୍ଭବ କି ?

■■ ନିଜ ପରିସରରେ ପ୍ରତ୍ୟକ୍ଷ କରୁଥିବା ଯେକୌଣସି ସମସ୍ୟା, ତାହା ସାମାଜିକ ହେଉ ବା ମାନସିକ ଏବଂ ବିଶେଷତଃ ନିଜେ ଭୋଗୁଥିବା ସମସ୍ୟାକୁ ଅତିକ୍ରମ କରିବାର ସଂଗ୍ରାମ ଉପରେ ଲେଖିବା ପାଇଁ ଜୀବନକାଳ ଯଥେଷ୍ଟ ନୁହେଁ । ଭୋକରେ ରହୁଥିବା ଲୋକର ମର୍ମନ୍ତୁଦ ଜୀବନ ଯନ୍ତ୍ରଣାକୁ ନିକଟରୁ ଦେଖି ମର୍ମସ୍ପର୍ଶୀ ଗଳ୍ପ ଲେଖିପାରେ ଜଣେ ସ୍ରଷ୍ଟା। ଦେଶର ଖାଦ୍ୟ ସମସ୍ୟା କଥା ବୁଝିବାକୁ ସରକାର ଅଛନ୍ତି । ଶୁଣାକଥା, ଖବର କାଗଜ ବା ଟେଲିଭିଜନରୁ ଜାଣିବାକୁ ପାଉଥିବା ସମସ୍ୟା ଉପରେ, ବିନା ଅନୁଭୂତିରେ ଜଣେ କାହିଁକି ଲେଖିବ ? ସେପରି ଲେଖାରେ ନିଜର ବିଚାର ଓ ପ୍ରତିକ୍ରିୟା ପ୍ରକାଶ ପାଇପାରେ, କିନ୍ତୁ ତାହା ଅନୁଭୂତି ସିଦ୍ଧ ହୋଇ ନଥିବାରୁ ଜୀବନ୍ତ ହେବନି। ସାହିତ୍ୟ ଅବଶ୍ୟ ସମାଜକୁ ଅଳ୍ପେ ବହୁତେ ବଦଳାଏ । ସିନେମା, ଟିଭି ସିରିଏଲ, ଦୃଶ୍ୟକାବ୍ୟ, ରେଡିଓରେ ପ୍ରସାରିତ କାର୍ଯ୍ୟକ୍ରମମାନ, ବିଜ୍ଞାନ ଓ ଏପରିକି ବିଜ୍ଞାପନ ଇତ୍ୟାଦିର ଉତ୍ସ ମଧ୍ୟ ସାହିତ୍ୟ । ସାହିତ୍ୟ ସର୍ବତ୍ର ବିଦ୍ୟମାନ। ପ୍ରତ୍ୟେକଙ୍କ ଜୀବନରେ, ଅଳ୍ପ ଟିକିଏ ହେଲେ ସୁଦ୍ଧା, ସାହିତ୍ୟ ନିଶ୍ଚୟ ଅଛି । ତେବେ ସକାରାତ୍ମକ ପରିବର୍ତ୍ତନ ନିର୍ଭର କରେ ଲେଖକ ସମେତ ଲେଖାକୁ ନେଇ ଯାବତୀୟ ବେପାରରେ ମାତିଥିବା ବ୍ୟକ୍ତିବିଶେଷଙ୍କ ସଂସ୍କାର, ଉଦ୍ଦେଶ୍ୟ ଓ ମନୋବୃତ୍ତି ଉପରେ ।

■ ତୁଳନାତ୍ମକ ଭାବେ ପୂର୍ବ ଅପେକ୍ଷା ଏବେ ଅଧିକ ସଂଖ୍ୟାରେ ଗଳ୍ପ ଲେଖା ଯାଉଥିଲେ ମଧ୍ୟ ସାଧାରଣ ପାଠକଙ୍କ ସଂଖ୍ୟା ସେହି ପରିମାଣରେ ବୃଦ୍ଧି ପାଉନଥିବା ଅଭିଯୋଗ ହୁଏ, ଏ ବାବଦରେ କଣ କହିବେ ? କଣ କଲେ ସେ ସମସ୍ୟାର ସମାଧାନ କରିହେବ ?

■■ ପଢ଼ିବାରେ ଯାହାଙ୍କର ରୁଚି ଅଛି ଓ ସେଥିପାଇଁ ସମୟ ବି ଅଛି ସେ ପଢ଼ିବେ । ଘୁଷୁରି ପାଚିଲା କଦଳୀ ଖାଏନା ଓ କୁଆ ବେଲ ଖାଇ ପାରେନା ବୋଲି ସେହି ଫଳଗୁଡ଼ିକ ଫଳିବା ବନ୍ଦ ହୋଇଯିବ କି ? ପାଠକ ସଂଖ୍ୟା ବଢ଼ାଇବାର ଲକ୍ଷ୍ୟ ରଖି ମୁଁ ଗଳ୍ପ ଲେଖେନି, ତେଣୁ ଏ ପ୍ରଶ୍ନର କି ଉତ୍ତର ଦେବି ? ତେବେ, ପୂର୍ବାପେକ୍ଷା ବହୁଗୁଣ ଅଧିକ ବହି ଏବଂ ପତ୍ରପତ୍ରିକା ଏବେ ଛପା ଯାଉଥିବା ସତ୍ତ୍ୱେ, 'ପାଠକ ସଂଖ୍ୟା ବଢ଼ି ନାହିଁ, କେଉଁ ଆଧାରରେ ଏ ଅଭିଯୋଗ ଉଠୁଛି ତାହା ବୁଝି ହୁଏନା । ମାନୁଛି ଯେ, ପୂର୍ବ ଅପେକ୍ଷା ଦିନକୁ ଦିନ ଅଧିକ ସଂଖ୍ୟକ ଗଳ୍ପ ଲେଖାଯାଉଛି । ଅଧିକ ଲେଖାଗଲେ ପାଠକ ସଂଖ୍ୟା ବି ବଢ଼ିବ ବୋଲି କିଛି ସର୍ତ୍ତ କେଉଁଠି ନଥାଏ । ଚାହିଦା ଅପେକ୍ଷା ବେଶୀ ପନିପରିବା ଯଦି ବଜାରକୁ ଆସିଥାଏ, ତେବେ କିଛି ପଚିସଢ଼ି ନଷ୍ଟ ହୋଇପାରେ । ଜଣେ ଗ୍ରାହକ, ଯେତିକି ତା'ର ଆବଶ୍ୟକ ବା ଯେତେ ତା' ସାମର୍ଥ୍ୟ ଅନ୍ତର୍ଗତ ସେତିକି ନେବ ସିନା ! କ୍ରେତାଙ୍କ ସଂଖ୍ୟା, ବା କୁହନ୍ତୁ- ପାଠକ, ନ ବଢ଼ିବ; ସମସ୍ୟାର ଅନ୍ତର୍ଗତ ଅବଶ୍ୟ। କିନ୍ତୁ ସେଭଳି ସମସ୍ୟାର ସମାଧାନ କରିବା ଦିଗରେ ଖାଦ୍ୟଯୋଗ୍ୟ ପରିବା ଫଳାଉଥିବା ଗଛ ଓ ପ୍ରକୃତି ଏବଂ ହିତକର ସାହିତ୍ୟ ସୃଷ୍ଟି କରୁଥିବା ଲୋକର ଭୂମିକା ବା ବାଣୀ ଆଉ କଣ ହୋଇପାରେ ?



ପ୍ରାଣପ୍ରିୟା ପତ୍ନୀଙ୍କ ସହ କଥାକାର ସଦାନନ୍ଦ ତ୍ରିପାଠୀ...

■ କୁହାଯାଉଛି ମାତୃଭାଷା ଏବେ ସଂକଟରେ । ଏଥିରୁ ମୁକ୍ତି ପାଇବାର ମାର୍ଗ ସାହିତ୍ୟକୁ ଆଧାର କରି କରାଯାଇ ପାରିବ କି ?

■■ ମାତୃଭାଷା ସଂପର୍କିତ ସଂକଟ, ରାଜ୍ୟରେ ଆଳୁ, ପିଆଜ ଅଭାବ ହେବା ଜନିତ ସଂକଟଠାରୁ ଲକ୍ଷେଗୁଣ ଗୁରୁତର । ଆଳୁ, ପିଆଜ, ପେଟ୍ରୋଲ, ମାଗଣା ଚାଉଳ ପାଇଁ ସରକାର ପତନ ହୋଇପାରେ । ମାତୃଭାଷା ପାଇଁ ହୁଏନା। ମାତୃଭାଷା ସଂକଟ ଖାଦ୍ୟ ସଂକଟ ନୁହେଁ; ପରିଚୟ ସଂକଟ । ଆମେମାନେ, ଦେଶର ଅନ୍ୟ କେତେକ ଭାଷାଭାଷୀ ଅଞ୍ଚଳର ଲୋକଙ୍କ ପରି, ନିଜର ଭାଷା, ସଂସ୍କୃତି ଓ ପରିଚୟ ହଜାଇ ଦେବାକୁ ବ୍ୟଗ୍ର । ଯେଉଁଠି ଲୋକମାନେ ଧର୍ମବାପା- ମା' ବା ଶାଶୂଶ୍ୱଶୁରଙ୍କ ମାଧ୍ୟମରେ ପରିଚିତ ହେବାକୁ ଗର୍ବ ଅନୁଭବ କରନ୍ତି, ସେଇଠି ଜନ୍ମକଲା ମା-ବାପାଙ୍କ ମହତ୍ତ୍ୱ ଓ ଗୁରୁତ୍ୱ ଗୌଣ ହେବା ସୁନିଶ୍ଚିତ। ସେହି ସଂକଟରୁ ମୁକ୍ତି ପାଇବା ପାଇଁ ସାହିତ୍ୟ ବହୁତ ମାର୍ଗ ଦେଖାଇ ଚାଲିଛି, ଉଭୟ ସମାଜକୁ ଓ ଶାସକଙ୍କୁ । ଉପାୟଗୁଡ଼ିକୁ କାର୍ଯ୍ୟକାରୀ ବି କଣ ଲେଖକ ହିଁ କରିବ ? ତା' ଦ୍ୱାରା ସ୍ୱଷ୍ଟ ସାହିତ୍ୟ ଓ ତହିଁରେ ପ୍ରଦର୍ଶିତ ମାର୍ଗ ଅବଲମ୍ବନରେ ସଂକଟରୁ ମୁକ୍ତି ଲଭିବାକୁ ଚାହୁଁଥିବା ବ୍ୟକ୍ତି ବିଶେଷ ମିଳିତ ଉଦ୍ୟମ କରିପାରନ୍ତେ । ଶାସକଙ୍କ ଉପରେ ଚାପ ପକାଇ ପାରନ୍ତେ । ସରକାରକୁ ପରାମର୍ଶ ଓ ଧମକ ବି ଦେଇ ପାରିବେ । ସାହିତ୍ୟ ଅନବରତ ଦେଖାଇ ଚାଲିଛି ବିଭିନ୍ନ ବାଟ । ଦେଖୁଛି କିଏ । କାହାର ବା ଆବଶ୍ୟକ ସେ ସଂକଟରୁ ମୁକ୍ତି ? ଏହା ଯେମିତିକି ଲେଖକଙ୍କ ବ୍ୟତୀତ ଅନ୍ୟ କାହାର ବି ସାମାନ୍ୟତମ ସଂକଟ ସୁଦ୍ଧା ନୁହେଁ ।

■ ସମାଜରେ ଯେଉଁ ଯେଉଁ ଅବ୍ୟବସ୍ଥା ଦେଖା ଯାଉଛି, ଲେଖକଟିଏ ଚାହିଁଲେ ତା' ଲେଖାରେ ସେ ସବୁର ପରିବର୍ତ୍ତନ କରିପାରିବ ବୋଲି ଆପଣ କେତେ ଆଶାବାଦୀ ?

■■ ଅବ୍ୟବସ୍ଥା ହେଉଛି ଅନେକଙ୍କର ବେପାର, ରୋଜଗାରର ପନ୍ଥା, ଜୀବନର ଅବଲମ୍ବନ । ଅବ୍ୟବସ୍ଥାର ମୁଣ୍ଡିଆଳମାନେ ଖୁବ୍ ଶକ୍ତିଶାଳୀ, କଠୋର ଓ ରୁକ୍ଷ । ତାଙ୍କ ସାମ୍ରାଜ୍ୟକୁ କିଏ ପଥର ଫିଙ୍ଗିଲେ ସେମାନେ ତା' ପ୍ରାଣ ନାଶ କରିଦେଇ ପାରନ୍ତି । ତଥାପି ଅବ୍ୟବସ୍ଥାକୁ ଦୂର କରିବା ପାଇଁ ମଧ୍ୟ ବହୁଲୋକ ବହୁକଥା ଲେଖନ୍ତି । କିଛି ତ ବଦଳୁଛି ନିଶ୍ଚୟ, କିନ୍ତୁ ଆଶାନୁରୂପ ସୁଧାର ଆସିପାରୁ ନାହିଁ । ବହୁତ କିଛି ନିର୍ଭର କରେ ମଣିଷଙ୍କ ସଭ୍ୟତା, ସଂସ୍କାର ଓ ସାଧୁତା ଉପରେ। ଅନ୍ୟପକ୍ଷରେ ରହିଲା ସାମାଜିକ ରୀତିନୀତି, ଚଳଣି ଓ ବିଭିନ୍ନ ସୋପାନର ଜନସାଧାରଣଙ୍କ ବିଶ୍ୱାସ ଓ ମୂଲ୍ୟବୋଧ ଭିତ୍ତିକ ଅବ୍ୟବସ୍ଥା । ତର୍କସିଦ୍ଧ ଭାବରେ ନୂତନ ବିଚାର ଓ ମୂଲ୍ୟବୋଧର ପ୍ରତିଷ୍ଠା ପାଇଁ ସାହିତ୍ୟ ମାଧ୍ୟମରେ ଯେଉଁସବୁ ଆହ୍ୱାନ ଆସୁଛି ତାହା କ୍ରମଶଃ ଶିକ୍ଷିତ ଓ ସୁସଭ୍ୟ ହେଉଥିବା ଲୋକମାନେ ଗ୍ରହଣ କରୁଛନ୍ତି ଓ ନିଜ ନିଜକୁ ଯଥାସାଧ ବଦଳାଇବାର ପ୍ରଚେଷ୍ଟା କରୁଛନ୍ତି । ପୁରୁଣା ମୂଲ୍ୟବୋଧକୁ ଛାଡ଼ିବାକୁ ଓ ନିଜର ଭୁଲ୍ ସୁଧାରିବାକୁ ସାହିତ୍ୟର ଆହ୍ୱାନ ଯେ ବ୍ୟର୍ଥ ଯାଉ ନାହିଁ ତାହା ମୁଁ ଦୃଢ଼ ଭାବରେ କହିପାରେ । ମନ୍ଥର ଗତିରେ ହେଉ ପଛେ, ଲେଖା ଦ୍ୱାରା ପରିବର୍ତ୍ତନ ଯେ ସମ୍ଭବ, ସେ ଦିଗରେ ମୁଁ ଖୁବ୍ ଆଶାବାଦୀ।

■ ଓଡିଆ ସାହିତ୍ୟର ସ୍ଥିତିଶୀଳତାକୁ ନେଇ ଆପଣ କେତେ ଆଶାବାଦୀ ?

■■ ଏବକୁ ଓଡ଼ିଆ ସାହିତ୍ୟର ସ୍ଥିତି ବେଶ୍ ଆଶାଜନକ । ସମାଜର ବିଭିନ୍ନ ବର୍ଗ/ ସୋପାନରୁ ନୂଆ ଲେଖକଙ୍କର ଆବିର୍ଭାବ ଘଟି ଚାଲିଛି । ୨୦୧୦ ମସିହା ପରେ ତରୁଣ ତଥା ଯୁବ ଲେଖକଙ୍କ ସଂଖ୍ୟା ଆଶାତୀତ ଭାବରେ ବଢ଼ିଛି । ସେମାନଙ୍କ ମଧ୍ୟରେ ବହୁ ସଂଖ୍ୟକ ପ୍ରଚଣ୍ଡ ପ୍ରତିଭାଶାଳୀ ଲେଖକ ଅଛନ୍ତି । ଲେଖା ଛପାଇବା ପାଇଁ ମଧ୍ୟ ସହଜ ମାର୍ଗସବୁ ଖୋଲି ଯାଇଛି । ନିଷ୍ଠାର ସହିତ ନିୟମିତ ଲେଖିବାର ପ୍ରତିବଦ୍ଧତା ରଖିଲେ ସେମାନେ ଯୁଗସୃଷ୍ଟି କରିପାରିବେ।

■ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ ଚାହିଁବେ ?

■■ ଯେହେତୁ କେହି ନା କେହି ଲେଖକ କୌଣସି ନା କୌଣସି ପୁରସ୍କାର ପାଆନ୍ତି ଏବଂ ଅନେକ ଲୋକ ତାଙ୍କୁ ବଡ଼ ଲେଖକ ବୋଲି ଭାବନ୍ତି (ନିୟମିତ ଭାବରେ ପଢ଼ାପଢ଼ି କରୁଥିବା ଗୁଣଗ୍ରାହୀ ବ୍ୟକ୍ତିବିଶେଷ ଜାଣନ୍ତି ଅବଶ୍ୟ, କେହି ଲେଖକ କେତେ ସିଦ୍ଧିପ୍ରାପ୍ତ), ସେହି କାରଣରୁ କେଉଁ କେଉଁ ଲେଖକଙ୍କ ମଧ୍ୟରେ ପୁରସ୍କାର ପ୍ରବଣତା ଦେଖାଦିଏ । କିଛି ବି ପୁରସ୍କାର କାହାକୁ ବି ନ ମିଳୁଥିଲେ ଘଟଣା ଅଲଗା ହୁଅନ୍ତା । କିନ୍ତୁ ପୁରସ୍କାର ଦିଆଯାଉଛି ଓ ସାମୟିକ ଭାବେ ହେଉପଛେ, ପାଇଥିବା ଲୋକଟି ହୀରୋ ପାଲଟି ଯାଉଛି ବୋଲି ଅନ୍ୟମାନେ ପାଇବାକୁ ହାଇଁପାଇଁ ହୁଅନ୍ତି । ଯିଏ ପୁରସ୍କାର ପାଏ ସେ ହିଁ ବିଜେତା- ସେମିତି ଏକ ଧାରଣା ସୃଷ୍ଟି ହେଉଥିବା ହେତୁ ପୁରସ୍କାରର ଗୁରୁତ୍ୱ ଅଛି ନିଶ୍ଚୟ, ଯଦିବା ପୁରସ୍କାର ହାସଲ କରିବା କାହା ଯୋଗ୍ୟତା ବା ବିଶେଷତ୍ୱର ପ୍ରକୃତ ମାପକାଠି ନୁହେଁ । ଲେଖିବା ଦ୍ୱାରା ଯଦି, ସମସ୍ତ ପୀଡ଼ା ସତ୍ତ୍ୱେ, ସନ୍ତାନଟିଏକୁ ଜନ୍ମ ଦେଇଥିବା ମାଆଟି ପରି କାହାର ମନ ପ୍ରଶାନ୍ତି ଓ ଆନନ୍ଦରେ ଭରି ଯାଉଛି, ତେବେ ସେ ଲେଖିବା ଅନ୍ତତଃ ତା ନିଜ ପାଇଁ ମହୌଷଧି ତୁଲ୍ୟ, ଯାହା ଜୀବନକୁ ଚାପମୁକ୍ତ କରେ ଓ ସ୍ରଷ୍ଟାର ଆୟୁଷ ବୃଦ୍ଧି କରେ ମଧ୍ୟ । ମୋର ଆଉ ବାର୍ତ୍ତା କଣ ? ମୁଁ ଭାବେ, କୌଣସି ଲୋଭ ବା ମୋହରେ ନ ପଡ଼ି ଉଚ୍ଚାଙ୍ଗ ସାହିତ୍ୟ ଅଧ୍ୟୟନ କରିବା ସହିତ ନିଜ ସୃଷ୍ଟିର ଉତ୍ତରଣ ପାଇଁ ଏକାଗ୍ର ଧ୍ୟାନ ଦେବା ହିଁ ଧେୟ ହେଉ। ଗଛର ଧର୍ମ ଫୁଲ ଫୁଟାଇବା କି ଫଳ ପଳାଇବା । ସେ ଫୁଲ ସବୁଠୁ ସୁନ୍ଦର ଝିଅର ଗଭା ମଣ୍ଡନ କରୁ କି ଫଳତକ କେବଳ ଦେବତାଙ୍କ ଭୋଗରେ ଲାଗୁ ବୋଲି ଗଛର କାମନା ନ ରହୁ । ଲେଖା ଆରମ୍ଭ କଲାବେଳେ ପୁରସ୍କାର ବିଷୟରେ କିଏ ଭାବିଥାଏ କି ? ଲେଖିବାର ଶିହରଣ ବିନା ଶିରପାର କି ବା ସାର୍ଥକତା !



ସମଧର୍ମା ବନ୍ଧୁମାନଙ୍କ ସହ କଥାକାର ସଦାନନ୍ଦ ତ୍ରିପାଠୀ.....

## ପ୍ରଥମ ବିଦେଶ ଯାତ୍ରା

**ନନ୍ଦିତା ମହାନ୍ତି**

# ମୋ ଝର୍କାରୁ ଆମେରିକା...

ଭାଗ-୨୯



**ଆଣ୍ଟିଙ୍କର ସ୍ୱାମୀ ପଟେଲ ଅଙ୍କଲ ପ୍ଲାଣ୍ଟରୁ ଫେରି ବଗିଚାରେ କାମ କରୁଥିଲେ । ଆଣ୍ଟି ତାଙ୍କୁ ସେଥିରେ ସାହାଯ୍ୟ କରୁଥିଲେ । ସେମାନେ ବଗିଚାରେ ବିଭିନ୍ନ ପନିପରିବା ଚାଷ କରୁଥିଲେ ଓ ତା ମୂଳରେ ଦେଉଥିଲେ ଛେଳିଲଣ୍ଡି, ଯାହା ଖତର କାମ କରୁଥିଲା । ସେମାନେ ବାଡିରେ ହରଡ ଗଛ ଲଗାଉଥିଲେ ।**

ଆମ କାର୍ ଏବେ ଗଡୁଥିଲା ରାଜରାସ୍ତାରେ। ରାସ୍ତାର ଦୁଇ ଧାରରେ ବଡ ବଡ କୋଠା , ଗଲ୍ଫ କ୍ଲବ , ବିସ୍ତୀର୍ଣ୍ଣ ପଡିଆ, ଫୁଟପାଥରେ ଦଉଡୁଥିବା ଶୁଆନାକିଆ ଝିଅ, ଦୁଇ ହାତରେ ଦୁଇଟି କୁକୁରଙ୍କୁ ଧରି ରାସ୍ତାଧାରରେ ଛିଡା ହୋଇଥିବା ପ୍ରୌଢ ସମସ୍ତେ କାର୍ ସହିତ ତାଳ ଦେଇ ଦଉଡୁଥିଲେ ପଛକୁ। ଆମର ଆଜି ଇଣ୍ଡିଆନ ଗ୍ରୋସରି ସପ୍ ଯିବାର ଥିଲା । ଆମେରିକାରେ ରହୁଥିବା ଭାରତୀୟମାନେ ଭାରତୀୟ ଗ୍ରୋସରି ପାଇଁ ଏଇ ସବୁ ଷ୍ଟୋର ଉପରେ ନିର୍ଭର କରିଥାନ୍ତି । ନ୍ୟୁଜର୍ଶୀରେ ଅନେକ ଭାରତୀୟ ରହୁଥିବାରୁ ସେଠାରେ ଅନେକ ଇଣ୍ଡିଆନ ଷ୍ଟୋର ଅଛି । କେବଳ ଭାରତୀୟ ନୁହନ୍ତି, ସେଠାରେ ରହୁଥିବା ପାକିସ୍ଥାନୀ, ବାଂଲାଦେଶୀ ଓ ନେପାଳୀମାନେ ମଧ ନିର୍ଭର କରନ୍ତି ଏହି ଷ୍ଟୋର ଉପରେ, କାରଣ ଆମମାନଙ୍କର ଖାଦ୍ୟପେୟ ପ୍ରାୟତଃ ଏକା ପରି । ଏଥର ୱିକଏଣ୍ଡରେ ଆମେ ଆମ ଘରକୁ ନିମନ୍ତ୍ରଣ କରିଥିଲୁ କାଲିଫର୍ଣ୍ଣିଆରେ ରହୁଥିବା ମୋର ପୁତୁରା ଓ ପୁତୁରାବୋହୂଙ୍କୁ । ସେମାନେ ବିଗତ ୨୦/୨୫ ବର୍ଷ ହେଲା ରହୁଛନ୍ତି କାଲିଫର୍ଣ୍ଣିଆରେ । ପୁତୁରା ଯଦିଓ ବାରିପଦାର କିନ୍ତୁ ସିଏ ବିବାହ କରିଛି ଆମେରିକା ଜନ୍ମିତ ଗୁଜୁରାଟୀ ଝିଅକୁ, ଯାହାଙ୍କୁ ହାଫ୍ ଆମେରିକାନ ବୋଲି କୁହାଯାଏ। ଆମର ତାଙ୍କ ସହିତ ପ୍ରଥମ କରି ଭେଟ ହେବାର ଥିଲା ଓ ସେମାନଙ୍କୁ ଆମେ କିଛି ଭାରତୀୟ ଖାଦ୍ୟ ପରଶିଦେବାକୁ ଚାହୁଁଥିଲୁ । ସେଥିପାଇଁ ଆଜି ଆମକୁ ଯିବାର ଥିଲା ଇଣ୍ଡିଆନ ଗ୍ରୋସରି ଷ୍ଟୋରକୁ। ସେମାନଙ୍କର କାହାଣୀ ଆଉ ଦିନେ କେବେ ।

ଆମେରିକାରେ ଥିବା ଇଣ୍ଡିଆନ ଷ୍ଟୋର ଚେନ ମଧରେ ପ୍ରମୁଖ ହେଉଛି ପଟେଲ ବ୍ରଦରସ୍ ଷ୍ଟୋର। ବର୍ତ୍ତମାନ ଆମେରିକାରେ ଅନେକ ଇଣ୍ଡିଆନ ଷ୍ଟୋର ଚେନ ଅଛି ଯେମିତିକି ଅପନା ବଜାର, ଇଣ୍ଡିଆ ବଜାର, ସବଜି ବଜାର, ନ୍ୟୁ ଇଣ୍ଡିଆ ବଜାର ଇତ୍ୟାଦି । ହେଲେ ସବୁଠାରୁ ପୁରୁଣା ହେଉଛି ପଟେଲ ବ୍ରଦରସ୍ ଷ୍ଟୋର । ଇତିହାସ କହେ ୧୭ ଶତାବ୍ଦୀ ବେଳକୁ ଇଷ୍ଟ ଇଣ୍ଡିଆ କମ୍ପାନୀ ଦ୍ୱାରା ପ୍ରଥମ କରି ଭାରତୀୟମାନେ ପ୍ରବେଶ କରିଥିଲେ ଆମେରିକା ଦେଶକୁ ଆଉ ତାହା ପୁଣି ଥିଲା କ୍ରୀତଦାସ ଭାବରେ । ହେଲେ ଆମେରିକାରେ ଇମିଗ୍ରେସନ ଆଇନ ଲାଗୁ ହେଲା ପରେ ବିଧିବଦ୍ଧ ଭାବରେ ଏହା ଆରମ୍ଭ ହୋଇଥିଲା ୧୯୬୫ ବେଳକୁ । ଆଉ ଏହା ବିଶେଷ ଭାବରେ ବୃଦ୍ଧି ପାଇଥିଲା ୧୯୮୦ ମସିହା ପରେ। ସେତେବେଳେ ଆମେରିକାରେ କୌଣସି ଇଣ୍ଡିଆନ ଷ୍ଟୋର ନ ଥିଲା। ଆମେରିକାରେ ରହି ଭାରତୀୟମାନେ ଝୁରି ହେଉଥିଲେ ନିଜ ଦେଶର ଖାଦ୍ୟପେୟର ବାସ୍ନାକୁ। ୧୯୭୦ ମସିହା ବେଳକୁ ମଫତ ପଟେଲ ନାମକ ଜଣେ ଯୁବକ ଭାରତର ଗୁଜୁରାଟ ରାଜ୍ୟରୁ ଆସିଥିଲେ ସୁଦୂର ଆମେରିକାର ଚିକାଗୋ ସହରକୁ ପାଠ ପଢିବାକୁ । ସେତେବେଳେ ସିଏ ଲକ୍ଷ୍ୟ କରିଥିଲେ କିପରି ବିଦେଶରେ ରହି ଭାରତୀୟମାନେ ଝୁରି ହେଉଛନ୍ତି ଭାରତକୁ ବିଶେଷ କରି ଭାରତୀୟ ଖାଦ୍ୟକୁ । କୁହାଯାଏ ଯଦି ତୁମେ କୌଣସି ମଣିଷର ହୃଦୟକୁ ଜିଣିବାକୁ ଚାହୁଁଛ ତେବେ ତାର ପେଟକୁ ପ୍ରଥମେ ଚିହ୍ନ । ଆଉ ଏଇ ଆପ୍ତ ବାକ୍ୟକୁ ଚରିତାର୍ଥ କରିବା ପାଇଁ ମଫତ ପଟେଲ ନିଜର ଭାଇ ତୁଳସୀ ପଟେଲ ଓ ତାଙ୍କର ପତ୍ନୀ ଅରୁଣାଙ୍କ ସହିତ ମିଶି ୧୯୭୪ ମସିହାରେ ପ୍ରଥମ କରି ଚିକାଗୋର ଦେଭୋନ ଆଭେନ୍ୟୁରେ ଏକ ୯୦୦ ବର୍ଗମିଟର ସ୍ଥାନ ନେଇ ଆରମ୍ଭ କରିଥିଲେ ପଟେଲ ବ୍ରଦରସ ଷ୍ଟୋର । ଆଉ ଏବେ ଆମେରିକାର ୨୨ ଟି ଷ୍ଟେଟରେ ପଟେଲ ବ୍ରଦରସର ୫୨ ଷ୍ଟୋରସ ଅଛି । ଯାହା ପ୍ରବାସୀ ଭାରତୀୟଙ୍କୁ ଦେଉଛି ପ୍ରବାସରେ ରହି ଭାରତୀୟ ହେବାର ଆନନ୍ଦ । ଏବେ କେବଳ ନ୍ୟୁଜର୍ଶୀରେ ପଟେଲ ବ୍ରଦରସ ର ଆଠଟି ଷ୍ଟୋର ରହିଛି । ତାହା ପୁଣି ସେଇ ସବୁ ସ୍ଥାନରେ ଯେପରିକି ଓକ ଟ୍ରି ରୋଡ ଏଡିସନ ଓ ଇସେଲିନ ଅଞ୍ଚଳରେ ଯେଉଁଠାରେ ସର୍ବାଧିକ ପ୍ରବାସୀ ଭାରତୀୟ ବସବାସ କରନ୍ତି ।

କୁହାଯାଏ ଗୁଜୁରାଟିମାନଙ୍କ ରକ୍ତରେ ଅଛି ବେପାରବଣିଜ କରିବା । ତେଣୁ କରି ସେମାନେ ଯେ କୌଣସି ସ୍ଥାନରେ, ଯେ କୌଣସି ବ୍ୟବସାୟ ଆରମ୍ଭ କରି ସେଥିରେ କୃତକାର୍ଯ୍ୟ ହୋଇ ପାରିବେ। ଏବେ ଆମେରିକାରେ ପ୍ରାୟ ଛଅ ଲକ୍ଷରୁ ଉର୍ଦ୍ଧ୍ୱ ଗୁଜୁରାଟୀ ବାସ କରୁଛନ୍ତି ଯାହା ଆମେରିକାରେ ବାସ କରୁଥିବା ସମସ୍ତ ଭାରତୀୟଙ୍କର କୋଡିଏ ଶତକଡାରୁ ଅଧିକ । କେବଳ ଆମେରିକା ନୁହେଁ ପୃଥିବୀର ଅଧିକାଂଶ ଦେଶରେ ଗୁଜୁରାଟୀମାନେ ବ୍ୟବସାୟ କରନ୍ତି । କିନ୍ତୁ ମୁଁ ମନେକରେ ଏହା ପଛର ସବୁଠାରୁ ବଡ କାରଣ ହେଲା, ସେମାନେ ଖୁବ୍ ପରିଶ୍ରମୀ, ସେମାନେ ପରିସ୍ଥିତି ସହିତ ଖାପ ଖୁଆଇ ଚଳିପାରନ୍ତି ଓ ଜୀବନରେ କିଛି ଗୋଟେ ବଡ କରିବା ସବୁବେଳେ ଲକ୍ଷ୍ୟ ଥାଏ ସେମାନଙ୍କର । ଆଉ ଏକଥା ମୁଁ ମନରୁ କହୁନାହିଁ । ଏପରି ଏକ ଧାରଣା ମୋର ହୋଇଛି ଗୁଜୁରାଟୀ ଆଣ୍ଟିଙ୍କର ପରିବାରକୁ ଦେଖି ।

ଛୋଟବେଳେ ଆମେ ରହୁଥିବା କ୍ୱାର୍ଟରର ଚାରିଟା କ୍ୱାର୍ଟର ଛାଡି ଥିଲା ଗୁଜୁରାଟୀ ଆଣ୍ଟିଙ୍କ ଘର । ଆମ ଘର ପାଖାପାଖି ରହୁଥିବା ସମସ୍ତ ଅଣଓଡିଆ ଲୋକଙ୍କୁ ଆମେ ଆଣ୍ଟି-ଅଙ୍କଲ ଡାକୁଥିବା ବେଳେ ଓଡିଆଙ୍କୁ ମଉସା-ମାଉସୀ ବୋଲି ସମ୍ବୋଧନ କରୁଥିଲୁ । ହେଲେ ଆଣ୍ଟି-ଅଙ୍କଲଙ୍କ ଆଗରେ ଗୁଜୁରାଟୀ, ବିହାରୀ, ବଙ୍ଗାଳୀ, ତେଲୁଗୁ ଲଗେଇବାକୁ ଭୁଲୁ ନଥିଲୁ । ଯଦିଓ ସାମ୍ନାରେ ତାଙ୍କୁ କେବଳ ଆଣ୍ଟି-ଅଙ୍କଲ ବୋଲି ସମ୍ବୋଧନ କରୁଥିଲୁ ।

ଗୁଜୁରାଟୀ ଆଣ୍ଟିଙ୍କର ଘର ସାମ୍ନାରେ ଥିଲା ଏକ ବଡ ଖେଳପଡିଆ । ଆମେ ସ୍କୁଲରୁ ଫେରି ଡିଆଁ ମାରୁଥିଲୁ ସେଠି । ତାଙ୍କର ଥିଲେ ତିନିପୁଅ। ବଡପୁଅ ଜଗଦୀଶ ଭୈୟା ଆମ ଠାରୁ ଅନେକ ବଡ ହୋଇଥିବାରୁ ତାଙ୍କ ସହିତ ବିଶେଷ କଥାବାର୍ତ୍ତା ନ ଥିଲା ଆମର । ହେଲେ ସାନ ଦୁଇପୁଅ ଭରତ ଓ ରାଜୁ ଖେଳୁଥିଲେ ଆମ ସହିତ। ପଡିଆ ସାମ୍ନାରେ ଘର ହୋଇଥିବାରୁ ଖେଳି ଖେଳି ଥକି ପଡିଲେ କି ଶୋଷ କଲେ ଆମେ ଦଉଡୁଥିଲୁ ତାଙ୍କ ଘରକୁ ପାଣି ପିଇବାକୁ ।

ଅଙ୍କଲ ଚାକିରି କରୁଥିଲେ ପ୍ଲାଣ୍ଟରେ । ମୋ ବାବାଙ୍କ ସହିତ କମ୍ପାନୀର ନାଲିଆ ବସ୍‌ରେ ବସି ଯାଉଥିଲେ ପ୍ଲାଣ୍ଟକୁ କାମ କରିବାକୁ । ଆଣ୍ଟି ଘରେ ରହୁଥିଲେ । ମୋଟସୋଟା ହେଇ ଡେଙ୍ଗା ସ୍ତ୍ରୀଲୋକ, ହେଲେ ମୁଁ ତାଙ୍କୁ କେବେ ହେଲେ ଶାନ୍ତ ହୋଇ ବସିଥିବାର ଦେଖିନାହିଁ । ସାରା ଦିନ ସିଏ ଚରଖି ପରି ବୁଲି କାମ କରୁଥିଲେ । ତାଙ୍କ ଘରେ ଦୁଇଟି ଛେଳି ଥିଲା । କଳା ରଙ୍ଗର ଖୁବ୍ ଉଚ୍ଚ ଛେଳି । ସେଇ ଛେଳି ଦୁଇଟିକୁ ସିଏ ଗୁଜୁରାଟର ଭାବନଗରରୁ ଆଣିଥିଲେ । ସେଗୁଡିକ ଥିଲେ ଯମୁନାପାରି ପ୍ରଜାତିର ଛେଳି । ଆଉ ଛେଳି ଦୁଇଟି ଉଚ୍ଚତାରେ ଆଣ୍ଟିଙ୍କର କମର ଯାଏଁ ହେଉଥିଲେ । ଆଣ୍ଟି ଖୁବ୍ ଯତ୍ନ ନେଉଥିଲେ ଛେଳି ଦୁଇଟିର । ସେମାନଙ୍କୁ ଦାନା ସହିତ ଦେଉଥିଲେ ବରଗଛର କଅଁଳପତ୍ର । ଛେଳି ଦୁଇଟି ଥିଲେ ହୃଷ୍ଟପୃଷ୍ଟ ଓ କ୍ଷୀର ମଧ ଦେଉଥିଲେ ପ୍ରଚୁର। ଛେଳିର ପହ୍ନାକୁ ସଫାସୁତର ରଖିବା ପାଇଁ ସିଏ ତାଙ୍କର ପହ୍ନାରେ ଗୋଟେ ଥଳି ବାନ୍ଧି ଦେଉଥିଲେ । ଥଳିଟି ପହ୍ନାକୁ ଘୋଡେଇ ହୋଇ ରହୁଥିଲା । ତାର ଦୁଇ କଡରେ ଥିବା ଦୁଇଟି ଫିତା ବନ୍ଧା ହେଉଥିଲା ଛେଳିର ପିଠି ଉପରେ । ସେମାନେ ଛେଳି କ୍ଷୀର ପିଉଥିଲେ ଓ ଅନ୍ୟାନ୍ୟ ଖାଦ୍ୟରେ ମଧ ବ୍ୟବହାର କରୁଥିଲେ । ମାଆ ତାଙ୍କ ଘରକୁ ଗଲେ ସିଏ ଛେଳି କ୍ଷୀର ଚାହା ଦେଉଥିଲେ ପିଇବାକୁ । ହେଲେ ମୋ ମାଆ ନାକ ଟେକୁଥିଲେ ଛେଳିକ୍ଷୀର ଚାହା ଦେଖି । ହେଲେ ପ୍ରକାଶ୍ୟରେ କହୁଥିଲେ,'ଏଇ ସାଙ୍ଗେ ସାଙ୍ଗେ ଚାହା ପିଇ ଆସିଛି। ଏବେ ଆଉ ପିଇବିନି ।'

ଆଣ୍ଟିଙ୍କର ସ୍ୱାମୀ ପଟେଲ ଅଙ୍କଲ ପ୍ଲାଣ୍ଟରୁ ଫେରି ବଗିଚାରେ କାମ କରୁଥିଲେ । ଆଣ୍ଟି ତାଙ୍କୁ ସେଥିରେ ସାହାଯ୍ୟ କରୁଥିଲେ । ସେମାନେ ବଗିଚାରେ ବିଭିନ୍ନ ପନିପରିବା ଚାଷ କରୁଥିଲେ ଓ ତା ମୂଳରେ ଦେଉଥିଲେ ଛେଳିଲଣ୍ଡି, ଯାହା ଖତର କାମ କରୁଥିଲା । ସେମାନେ ବାଡିରେ ହରଡ ଗଛ ଲଗାଉଥିଲେ । ତାଙ୍କ ଘରକୁ ଗଲେ ଆମେ ହରଡ ଛୁଇଁ ତୋଳି ଖାଉଥିଲୁ । ଛୁଇଁ ପାଚିଗଲେ, ତାକୁ ଶୁଖେଇ ସେମାନେ ଡାଲି କରି ଖାଉଥିଲେ । ଅଙ୍କଲଙ୍କର ଗୋଟେ ସିଲେଇ ମେସିନ ଥିଲା । ଅଙ୍କଲ ସେଥିରେ ସାୟା, ବ୍ଲାଉଜ, ବ୍ୟାଗ ଆଦି ସିଲେଇ କରୁଥିଲେ । ଆଣ୍ଟି ବୋତାମ ଲଗେଇବା, ହେମିଙ୍ଗ ଓ ରଫୁ ଆଦି କାମ କରୁଥିଲେ । କଲୋନୀ ସାରାର ଲୋକ ଆସୁଥିଲେ ତାଙ୍କ ପାଖକୁ ନୂଆ ଓ ପୁରୁଣା ଉଭୟ ସିଲେଇ ଓ ମରାମତି ପାଇଁ । ଆଣ୍ଟି ବଢିଆ ଗୁଜୁରାଟୀ ଆମ୍ବ ଆଚାର ତିଆରି କରୁଥିଲେ । ଖଟା ଓ ମିଠା ଆଚାର। ତାଙ୍କ ଘରେ ଧଳା ରଙ୍ଗରେ ମାଟିଆ ରଙ୍ଗର ବର୍ଡର ଥିବା ବଡ ବଡ ଚୀନାମାଟି ବୋୟାମରେ ଆଚାର ଭର୍ତ୍ତି ହୋଇ ରହୁଥିଲା । ତାଙ୍କର ପ୍ରମୁଖ ଖାଦ୍ୟ ଥିଲା ରୁଟି, ଡାଲି ଆଉ ଆଚାର । ଆମେ ଗଲେ ଆମକୁ ବି ସିଏ ଦେଉଥିଲେ ରୁଟି ଓ ଆଚାର ଖାଇବାକୁ ।



ତାଙ୍କର ତେଲ ଲଗେଇ ଭଜା ହୋଇଥିବା ରୁଟିରେ ପଡୁଥିଲା କସ୍ତୁରୀ ମେଥି ଯାହା ତାକୁ ଅଧିକ ସୁସ୍ୱାଦୁ କରୁଥିଲା । ସେତେବେଳେ ଆମ ଘରେ କସ୍ତୁରୀ ମେଥିର ବ୍ୟବହାର ହେଉ ନ ଥିଲା କି ତାର ବ୍ୟବହାର ବିଷୟରେ କେହି ଜାଣି ନ ଥିଲେ । କିନ୍ତୁ ତାଙ୍କର ଖାଦ୍ୟରେ ହିଙ୍ଗୁ ଓ କସ୍ତୁରୀ ମେଥି ବହୁଳ ଭାବରେ ବ୍ୟବହାର ହେଉଥିଲା । ସେଥିପାଇଁ ତାଙ୍କ ଘର ସାରା ଘୁରି ବୁଲୁଥିବା ଏକ ସୁନ୍ଦର ବାସ୍ନା ଯାହା ମୋତେ ଖୁବ ଭଲ ଲାଗୁଥିଲା। ମୋ ମାଆ ବି ବଢିଆ ଆଚାର କରୁଥିଲେ । ଖଟା-ମିଠା ଆମ୍ବ ଆଚାର, କୋଳି ଆଚାର, ଆମ୍ବଡ଼ା ଆଚାର ଏପରିକି ମାଆ ଖୁବ ରସାଳ ସଜନା ଛୁଇଁ ଆଚାର ବି କରୁଥିଲେ ଘରେ । ମୁଁ କିନ୍ତୁ ତାଙ୍କୁ ସବୁବେଳେ କହୁଥିଲି ଆଣ୍ଟିଙ୍କର ଆଚାର ବେଶୀ ସ୍ୱାଦିଷ୍ଟ । ମାଆ ଆଣ୍ଟିଙ୍କୁ ପଚାରି ତାଙ୍କ ପରି ଆଚାର କରୁଥିଲେ। ଆମ୍ବକୁ କାଟିକୁଟି, ଲୁଣହଳଦୀ ପକେଇ ଦୁଇ ଦିନ ଖରାରେ ଦେଉଥିଲେ । ଆଣ୍ଟି କହିବା ମୁତବକ ସବୁ ମସଲା ଗୁଣ୍ଡ କରି ରଖୁଥିଲେ । ଆଣ୍ଟି ସନ୍ଧ୍ୟାରେ ଆମ ଘରକୁ ଆସି ସବୁ କିଛି ଗୋଳାଗୋଳି କରି କାଚ ଜାରରେ ପୁରେଇ ତା ଉପରେ ହିଙ୍ଗୁ ପକା ସୋରିଷ ତେଲ ଦେଇ ଜାର ମୁହଁକୁ ବନ୍ଦ କରି ଦେଉଥିଲେ । ଏହି ଆଚାରକୁ ତାପରେ ପନ୍ଦର ଦିନ ଯାଏଁ ଖରାରେ ଦେବାକୁ ପଡୁଥିଲା । ଆମେ ସେଇ ଆଚାରକୁ ରୁଟି ଆଉ ଭାତରେ ଖାଉଥିଲୁ ଆଉ ମସଲାତେଲକୁ ମୁଢିରେ ଗୋଳେଇ ଖାଉଥିଲୁ।

ଆମେ ପ୍ରତିବର୍ଷ ଥରେ, ଦୁଇଥର ଗାଁକୁ ନିଶ୍ଚୟ ଯାଉଥିଲୁ । ହେଲେ ସୁଦୂର ଗୁଜୁରାଟରେ ଗାଁ ହୋଇଥିବାରୁ ଗୁଜୁରାଟୀ ଆଣ୍ଟିଙ୍କର ପରିବାର ଦୁଇ ବର୍ଷରେ ଥରେ ଯାଆନ୍ତି ଗାଁକୁ । ଯିବାବେଳେ ଆଣ୍ଟି ଓଡ଼ିଶାରେ ମିଳୁଥିବା ବିଭିନ୍ନ ପ୍ରକାର ଚିଜ ସାଙ୍ଗରେ ନେଇଯାଆନ୍ତି ଗୁଜୁରାଟ। ଆଉ ସେଠାରୁ ଫେରିଲା ବେଳେ ଅନେକ ଜିନିଷ ଯେମିତିକି ଷ୍ଟିଲ ବାସନ, ପାଟୋଲା ଓ ବାନ୍ଧନୀ ଶାଢୀ, କଚ୍ଛ ଏମ୍ବ୍ରୋଡେରୀ ହୋଇଥିବା ମିରର ଲଗା ବ୍ଲାଉଜ କନା, ଚିକ ଚିକ କରୁଥିବା ଟିକିଲି (ସେତେବେଳେ ଆଜିକାଲି ବ୍ୟବହାର ହେଉଥିବା ଟିକିଲି ବଜାରକୁ ଆସି ନ ଥିଲା ) ଆଉ ପ୍ଲାଷ୍ଟିକ କ୍ୟାନ ବା ରଶିରେ ତିଆରି ହାତବୁଣା ବ୍ୟାଗ ଆଦି ନେଇକରି ଆସୁଥିଲେ। ସିଏ ଘରକୁ ଆସିବା ମାତ୍ରେ ତାଙ୍କ ଘରେ ଲାଇନ ଲାଗୁଥିଲା ଆମ କଲୋନୀର ସ୍ତ୍ରୀଲୋକ ମାନଙ୍କର। ସମସ୍ତେ ପଇସା ଦେଇ କିଣି ନେଉଥିଲେ ସବୁ ଜିନିଷ । ଯଦି କେହି ଏକା ସାଙ୍ଗେ ପଇସା ଦେଇ ପାରୁ ନ ଥିଲା ତେବେ ତା ପାଇଁ ତିନି କିସ୍ତିରେ ପଇସା ଦେବାର ବ୍ୟବସ୍ଥା ମଧ ଥିଲା । ଆଉ ଏଥିରେ ତାଙ୍କ ପରିବାରର ସୁଦୂର ଗୁଜୁରାଟ ଯିବାଆସିବା ଖର୍ଚ୍ଚ ଉଠି ଯାଉଥିଲା । ଆମ କଲୋନୀର ସମସ୍ତେ ପଛରେ କଥାବାର୍ତ୍ତା ହେଉଥିଲେ ଏ ବିଷୟରେ। ହେଲେ ପ୍ରକାରାନ୍ତରେ ସମସ୍ତେ ଏ କଥା ମାନିବାକୁ ବାଧ ହେଉଥିଲେ ଯେ ସେମାନେ ତାଙ୍କ ପରି ପରିଶ୍ରମୀ ହୋଇପାରିବେ ନାହିଁ । ଆଣ୍ଟି ଗୁଜୁରାଟରୁ ରଙ୍ଗବେରଙ୍ଗ ପ୍ଲାଷ୍ଟିକ କ୍ୟାନ ଆଣି ସମସ୍ତଙ୍କୁ ବ୍ୟାଗ ତିଆରି କରିବା ଶିଖେଇ ଦେଇଥିଲେ । ବିଭିନ୍ନ ପ୍ରକାର ଆଚାର-ଚଟଣି, ଶୁଖିଲା ଜଳଖିଆ ଠାରୁ ଆରମ୍ଭ କରି କେମିତି ଭିନ୍ନ ଭିନ୍ନ ମସଲା ଗୁଣ୍ଡ କରି ସାରା ବର୍ଷ ପାଇଁ ସାଇତି ରଖା ଯାଇପାରିବ ସେକଥା ମଧ ଶିଖାଇଥିଲେ ଆମ କଲୋନୀର ସମସ୍ତଙ୍କୁ । କୌଣସି କାମକାର୍ଯ୍ୟ କିମ୍ବା ଆବଶ୍ୟକତା ସମୟରେ ଆସି ଛିଡା ହେଉଥିଲେ ଆମ ସହିତ। ଏବେ ବି ସେକଥା ମନେ ପଡିଲେ ସେଇ ପରିବାର ପ୍ରତି ଆଦର ଓ ସମ୍ମାନରେ ମୋର ମଥା ନତ ହୋଇଯାଏ ।



ତେଣୁକରି ଆଜି ଯଦି ଦୁଇ ଗୁଜୁରାଟୀ ଭାଇ ଭାରତରୁ ଆମେରିକା ଆସି ବ୍ୟବସାୟର ଏତେ ବଡ ସାମ୍ରାଜ୍ୟ ପ୍ରତିଷ୍ଠା କରିପାରିଛନ୍ତି ତେବେ ସେଥିପାଇଁ ଯେ ତାଙ୍କର ଦୂରଦୃଷ୍ଟି, ଅକ୍ଳାନ୍ତ ପରିଶ୍ରମ ଓ ଲକ୍ଷ୍ୟ ହାସଲ ଦିଗରେ କ୍ରମାଗତ ଉଦ୍ୟମ ଦାୟୀ ଏକଥା ଆମେ ମାନିବା ନିଶ୍ଚୟ ।

ଆମେ ପହଞ୍ଚି ଯାଇଥିଲୁ ଷ୍ଟୋର ଭିତରେ। ଝିଅ ପଚାରୁଥିଲା, ମାମା କଣ କଣ ସବୁ ନେବା କୁହ । ମୁଁ ଆଖି ମେଲେଇ ଚାହୁଁଥିଲି ଚାରିଆଡେ। ବିରାଟ ବଡ ଷ୍ଟୋର । ଡାହାଣ ପଟକୁ ପନିପରିବା ଓ ଫଳମୂଳ ସେକ୍ସନ। ବାମ ପଟେ ଲାଇନ, ଲାଇନ ହୋଇ ଥୁଆ ହୋଇଥିବା ଗ୍ରୋସରି ଭର୍ତ୍ତି rack। ପଛ ପଟକୁ ଲମ୍ବା ଫ୍ରିଜ ଭିତରେ ସାଇତା ହୋଇଥିବା ଇଣ୍ଡିଆନ ଚିଜ ବା ପନିର, କ୍ଷୀର , ଅଣ୍ଡା, ବଟର ଆଦିର ସେକ୍ସନ ।

ଝିଅ ମୋ ପଛେ ପଛେ ଟ୍ରଲି ଧରି ବୁଲୁଥିଲା ଆଉ ମଝିରେ ମଝିରେ ବିଭିନ୍ନ rackରୁ କିଛି କିଛି ଜିନିଷ ଉଠେଇ ଟ୍ରଲିରେ ରଖୁଥିଲା । ହେଲେ ମୁଁ .......ମୁଁ କିନ୍ତୁ ଏକ ବିଭୋରପଣ ନେଇ ଘୁରି ବୁଲୁଥିଲି ସେଇ ଷ୍ଟୋର ଭିତରେ । ଏକ ସୁନ୍ଦର ବାସ୍ନା ମୋତେ କ୍ରମଶଃ ଅଭିଭୂତ କରୁଥିଲା । କଣ ଥିଲା ସେଇ ବାସ୍ନା .......ଏହା ବୋଧେ ଥିଲା ସେଇ ବାସ୍ନା ଯାହା ମୋତେ କେବେ ଦିନେ ଆନମନା କରୁଥିଲା ଗୁଜୁରାଟୀ ଆଣ୍ଟିଙ୍କ ଘରେ ।

(ଆରଥରକୁ)

♥ ମଧୁସୂଦନ ନଗର ପୋଷ୍ଟ ଅଫିସ, ଭୁବନେଶ୍ୱର- ୭୫୧୦୨୨
(ମୋ) ୮୨୪୯୪୩୭୨୭୬

# ନଷ୍ଟ ପଥର ଯାତ୍ରୀ-୨

**ଡ. ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି (ହାରିତସ୍)**



ମଦ ଜୀବନ ଖାଇ ଦିଏ। ଖାଇ ଦିଏ ନୁହଁ ଖାଏ । ମଣିଷ ମଦ ଖାଏ ନାହିଁ, ମଦ ମଣିଷକୁ ଖାଇ ଦିଏ । ଖାଲି ସେତିକି ନୁହେଁ, ମଦ ଖାଇଲା ଲୋକକୁ ଯେ ମଦ ଖାଏ ତା'ନୁହେଁ ବରଂ ମଦ ତାର ପରିବାର ବର୍ଗ, ଅଲିଅଳ ସନ୍ତାନସନ୍ତତି, ନିଜ ନିରିମାଖୀ ମାଇକିନା, ବୃଦ୍ଧ ବାପା, ମାଆ ସମସ୍ତଙ୍କୁ ଖାଇ ଦିଏ । ତଥାପି ରାଜସ୍ୱରେ ସହସ୍ର ସହସ୍ର କୋଟି ଟଙ୍କାର ସହଜ ରାଜସ୍ୱ ପ୍ରାପ୍ତିରେ ସରକାରଙ୍କ ଆଖି । ଏଥିରେ ବିଚରା କୁନା ପାତ୍ର କରିବ ବା କ'ଣ ? ଏମିତି ତା' ଭଳି କୋଟି କୋଟି ଲୋକ ତ' ନିଜ ଘର ପିଲା କବିଲାଙ୍କୁ ବେସାହାରା କରି ମରି ଯାଆନ୍ତି । ମରି ଯାଆନ୍ତି ନୁହେଁ, ମଦ ପିଆଇ ମରେଇ ଦିଆଯାଏ ନିଜ ସ୍ୱାର୍ଥ ସିଦ୍ଧି ପାଇଁ । କୁନା ପାତ୍ର ଜଣେ ଗୁଣ ଚିହ୍ନେରା ଗୁଣୀ ପିଲାଟିଏ । ହେଲେ କ'ଣ ହେବ, ଅଳ୍ପ ଦିନରେ ରାସ୍ତା ଭୁଲିଗଲା । ଗାଁ ନେତାଙ୍କର ଅନ୍ୟାୟ ଅନୀତିକୁ ଦୃଢ଼ ବିରୋଧ କରୁଥିଲା । ଗାଁ ରୋଡ଼, କୋଠାଘର ଓ ଶସ୍ୟ ଭଣ୍ଡାର ଘର ନିର୍ମାଣ କରୁଥିବା ନାଁରେ ଦିନ ଦ୍ୱିପ୍ରହରରେ ହେଉଥିବା ଲୁଟକୁ କେତେଦିନ ଜଗିଲା । ଠିକାଦାର ଓ ସରକାରୀ କର୍ମଚାରୀଙ୍କ ମଧୁଚନ୍ଦ୍ରିକା – ସଲାସୁତୁରାକୁ ବିରୋଧ କରି ଥାନାରେ ଓ ଉପରିସ୍ଥ ହାକିମ୍ ଅଫିସରଙ୍କ ପାଖରେ ଅଭିଯୋଗ କଲା । ଡରିଲାନି । ହଡ଼ବଡ଼େଇ ଦେଲା ରାଜନେତାଙ୍କ ଲାଇସେନ୍ସ ପ୍ରାପ୍ତ ଦିନ ଲୁଟେରାମାନଙ୍କୁ। ମୁଖପିନ୍ଧା ଟାଉଟରମାନେ ବହୁ ଅସୁବିଧାରେ ପଡ଼ି କୁନା ପାତ୍ରକୁ ରାସ୍ତାରୁ ଉଠେଇ ନେବା ପାଇଁ ଚକ୍ରାନ୍ତ କଲେ । ଲୋକ ଲଗେଇଲେ । ହେଲେ ବି କୁନା ପାତ୍ର ସବୁ ଦୁର୍ଗତିକୁ ଡେଇଁ ସେମିତି ସତ୍ୟନିଷ୍ଠ ଭାବେ ଗାଁ ସଭାସମିତିରେ ଅପରାଜେୟ ହୋଇ ଲଢ଼େଇ ଜାରି ରଖିଲା। ଏବେ କିନ୍ତୁ ଚକ୍ରାନ୍ତକାରୀଙ୍କୁ ନିର୍ବିରୋଧରେ ଚଳାଇ ନେବା ପାଇଁ ଆଉ କିଛି ବାଟ ନ ଥିଲା । ଛଳନାର ମୁଖା ପିନ୍ଧି କୁନା ପାତ୍ରକୁ ଆପଣାର କରିନେଲେ । କୁନା ପାତ୍ରର ସବୁ ସତ୍ୟ ସର୍ତ୍ତକୁ ମାନି ନେଲେ । ବନ୍ଧୁତା ବଢ଼ାଇଲେ । ଗାଡ଼ିର ପଛ ସିଟ୍‌ରେ ବସାଇ ନେଇ ସୁନ୍ଦର ସୁନ୍ଦର ବାର, ରେଷ୍ଟୁରାଣ୍ଟକୁ ବୁଲାଇଲେ ଓ ଆସ୍ତେ ଆସ୍ତେ ଏକ ପେଗ୍‌ରୁ ଦୁଇ ପେଗ୍, ଦୁଇ ପେଗ୍‌ରୁ ଚାରି ପେଗ୍ ମଦ ଗରଳକୁ ପିଆଇ ଦେଇ ତା'ର ମତିଗତି ସ୍ମୃତିକୁ ଭୁଲାଇ ତାକୁ ଆପ୍ରାଣେ ଭସ୍ମ କରିଦେଲେ। ମଦ ନିଶାରେ ଟହଲୁଥିବା କୁନା ପାତ୍ର ଆଉ କରେ କଣ...ଶୁଣ୍ଢି ପିଣ୍ଡାରେ ଲାଇସେନ୍ସ ପ୍ରାପ୍ତ ଦେଶୀ ବିଦେଶୀ ମଦ ଦୋକାନରେ ପଡ଼ି ରହି ଚେତନା ହାରିଲା । ମଦର ପଞ୍ଝାରେ କର୍ଣ୍ଣ ଭଳି ମହାରଥୀଙ୍କୁ ଶୁଆଇ ଦେଲେ ବିପକ୍ଷେ । ବ୍ରାହ୍ମଣ ଘର ବ୍ରାହ୍ମଣୀ ନିଜ ସଧବା ପଣର ଲୋଭରେ ଶୁଣ୍ଢିଘରୁ ଉଠାଇ ବୋହି ଆଣି ସୁସ୍ଥ କରାଇ ଦେବାର ଆପ୍ରାଣ ଚେଷ୍ଟା କଲା । ହେଲେ କଣ ହେବ ସରକାରୀ ମଦ – ଦେଶୀ ବିଦେଶୀରେ କି ଗରଳ ମିଶିଥିଲା କେଜାଣି ବାନ୍ତି କରି କରି ଶେଷରେ ସତ୍ୟବ୍ରତ କୁନା ପାତ୍ର ସବୁ ଦିନ ପାଇଁ ଆଖି ବୁଜିଦେଲା । ମଣିଷ କରିବ ବା କ'ଣ ଓ ତାକୁ ଛନ୍ଦି ଦେବାକୁ କାମ, କ୍ରୋଧ, ଲୋଭ ହିଁ ନାହିଁ ମଦ ମାତ୍ସର୍ଯ୍ୟ ଅଛି । ମଦ ସୁଅରେ ମୁହଁ ଧୋଇଲେ ଆଉ ମଣିଷ ମଣିଷ ହୁଏ ନାହିଁ । ତଥାପି ମଦ ଷଣ୍ଢକୁ ନା ଫକୀର ନା ରାଜନେତା, ଗାଁ ଲୋକେ କେହି ହଟାଇ ପାରନ୍ତିନି ବରଂ କେହି ନା କେହି ମଦର ଲାଳସାରେ ପଡ଼ି ନିଜର ସର୍ବନାଶ କରି ଦିଅନ୍ତି ।

ଟେମ୍ପୋଟି ଆସି ପହଞ୍ଚିଲା ସିଦ୍ଧଭୈରବୀ ମନ୍ଦିର ଛକରେ । ଗାଡ଼ିରୁ ଓହ୍ଲେଇ ଅଟୋ ବାଲାକୁ ରେଜା ପଇସା ଖୋଜି ବଢ଼ାଇ ଦେଲି ଓ ବ୍ୟାଗ୍ ସଜାଇ ଆଗକୁ ବଢ଼ିଲି । ଗାଁର ଆଉ ଅଧା କି.ମି.ରୁ ଟିକିଏ ଅଧିକ ହେବ । ଅନ୍ଧାର ରାସ୍ତା । ବାଟରେ ମଶାଣି ଆମ ଗାଁର । ମୋର ସବୁବେଳିଆ ରାସ୍ତା । କିଛି ବାଟ ଅନ୍ଧାରରେ ଆସିଛି । ମନ୍ତ୍ରିଡ଼ି ବଜାର ପାଖରୁ ବାଦ୍ୟ ଶୁଭିଲା । ତା'ସାଙ୍ଗକୁ ହରିବୋଲ ହରିବୋଲର ଶବ୍ଦ । ମନଟା ଶକ୍ ଖାଇଲା ଭଳି ହେଲା। ପାଦ ଆଗକୁ ଗଲାନି । କେଡ଼େ ସରଳ ସତ୍ୟନିଷ୍ଠ ଭାଇଟିଏ । ମଦ ଖାଇଲା ବୋଲି ସିନା ନଷ୍ଟ ହୋଇଗଲା । କିଛି ନ ହେଲା ସିନା ନାହିଁ, ତା'ର ଶବାଧାରକୁ ତ'ଥରେ ଶେଷ ଦର୍ଶନ ଦେଇ ଆସିବା ମୋର କର୍ତ୍ତବ୍ୟ କର୍ମ । କେତେଥର କହିଛି... "କୁନା ଏ ସବୁ କ'ଣ ହେଉଛି... ? ଘର, ଜୀବନ, ପରିବାର ନଷ୍ଟ ହେଇଯିବ । ଏମିତି ହେଲେ ତୁ ଆଉ କାହାର କ'ଣ କରିବୁ .... କାହାର ଦୁଃଖ ହାରିବୁ କେମିତି ? ଛି..ଏ'ଗୁଡ଼ାକ ଭଲ ନୁହେଁ । ଭଲ ମଣିଷ ହେଇ ଯାଆ, ବଦଭ୍ୟାସ ପିଆପିଇ ଛାଡ଼େ । ଘରେ ଗୁଣ୍ଡରୁ ମୁଣ୍ଡରୁ ପିଲାମାନେ ଅଛନ୍ତି । ବ୍ରାହ୍ମଣ ଘରର ଝିଅ, ବୋହୂପିଲାଟି ଅଛି । ବୁଢ଼ା ବାପ ମା'ଅଛନ୍ତି । ତୋ ଉପରେ ସେମାନଙ୍କର କେତେ ଆଶା.. ସେମାନଙ୍କ ପାଇଁ ଟିକିଏ ଭାବି ଦେଖେ । ପିଇବା ଛାଡ଼ିଦେ....ଭଲ ମଣିଷ ହେଇଯାଆ ।'' ମଦର ଗରଳ ପିଉଥିବା ମଣିଷ କ'ଣ ସତରେ ତା'ର ଅକ୍ତିଆରରୁ ଫେରି ଆସିପାରେ । ଦେଖିଲି, ସେ ଦିନରୁ କୁନା ମୋ ଆଗରେ ନ ପଡ଼ି ବାଟ ଆଡ଼େଇ ଚଲିଯାଏ । ସାମନାକୁ ଆସେନି । ଗୋରା ଚନ୍ଦନ କାଠି ଭଳି ସୁନା ବର୍ଣ୍ଣର ପାଞ୍ଚଫୁଟ ସାତ ଇଞ୍ଚର ସୁନ୍ଦର ଚେହେରାର ଶରୀର । ଦିନକୁ ଦିନ ଶୁଖି ଶୁଖି ନିଶାଖୋରରେ ଢଳି ଦୋହଲିବାରେ ଲାଗିଲା । ଆମ କଥା ଲୋଭ ଆମର ଆକର୍ଷଣ ସ୍ନେହ ଶ୍ରଦ୍ଧା ମଦର ସ୍ନେହଠାରୁ ଅଧିକା ହୋଇ ପାରିଲାନି। ଖସିଯିବା ପାଦ ତଳକୁ ତଳକୁ । ଟିକିଟିକି ପିଲା ତିନୋଟିର ଦରୋଟି ନିରୀହ ମୁହଁର ହସ ନିଷ୍କରୁଣ ଆଖିର ଭାଷା ଯାହାକୁ ଠିକଣା ବାଟକୁ ଅଣାଇ ପାରିଲାନି । ଆଉ ସେଠି ଆମ କଥା, ଆମ ଉପଦେଶ ତାକୁ କଣ ସତରେ ଠିକ୍ ରାସ୍ତାକୁ ଆଣି ପାରିବ । ପୁଣି ସାଥିରେ ତ ବହୁ ମଧୁର ଶତ୍ରୁ, ଛଦ୍ମ ବନ୍ଧୁ କୁନା ପାତ୍ରକୁ କି କଳେବଳେ କୌଶଳେ ନଷ୍ଟ କରି ଦେବାକୁ, ନିଃଶେଷ କରି ଦେଇ ସେମାନଙ୍କ ରାସ୍ତାରେ ବାଧା ଦେଉଥିବା କଣ୍ଟାଟିଏକୁ ମୂଳରୁ ଓପାଡ଼ି ସଫା କରି ଦେବାର ଇଚ୍ଛା । କ୍ରମଶଃ ଶବଧାର ସଂକୀର୍ତ୍ତନ, ହାଡ଼ିବାଦ୍ୟର ରୋଳ ଓ ହରିବୋଲ ଧ୍ୱନି ମନ୍ତ୍ରିଡ଼ି ବଜାର... ନୀଳକଣ୍ଠବନ୍ଧ ହିଡ଼, ନୀଳକଣ୍ଠେଶ୍ୱର ମନ୍ଦିର ଦେଇ ଭୈରବୀ ମନ୍ଦିର ଦକ୍ଷିଣରେ ବା ଶ୍ମଶାନ ଆଡ଼କୁ ମାଡ଼ି ଆସୁଥିଲା । ମୁଁ ମା'ଙ୍କ ଛକ ହାଇମାକ୍ସ ଲାଇଟ୍ ପୋଲ ପାଖରେ ରହି ଶବଯାତ୍ରାକୁ ଅପେକ୍ଷା କରି ନିରୀକ୍ଷଣ କଲି, ଖୋଳକରତାଳ ହରିନାମ କୀର୍ତ୍ତନ ଦଳ ପଛକୁ ଚାରି ପାଞ୍ଚ ଜଣ ଛାଡ଼ିବାଦ୍ୟର ତାଳ ଦେଇ ବାଦ୍ୟ ବାଜଣା, ତା'ପଛକୁ ଚାରି ଜଣ ଶବବାହକ କୁନା ପାତ୍ରର ନିଶାକ୍ରାନ୍ତ ଶବକୁ କାନ୍ଧରେ ବୋହି ଆଗକୁ ନିର୍ମୋକ ଭାବେ ପାଦ ବଢ଼ାଇ ଶ୍ମଶାନ ଆଡ଼କୁ ଏକ ଲୟରେ ମାଡ଼ି ଚାଲିଛନ୍ତି । ପଛରେ ଅଛନ୍ତି ଗାଁ ପର ଗାଁର ଅନେକ ଶୋକପ୍ଲୁତ ବନ୍ଧୁଉପରିଜନ, କୁନା ପାତ୍ରର ସ୍ନେହଶ୍ରଦ୍ଧାର ଅନେକ ଲୋକ । ନିଃଶବ୍ଦ ପଦବ୍ରଜ । ନିର୍ମୋକ ନିସ୍ତବ୍ଧ ସମସ୍ତଙ୍କ ଶବଯାତ୍ରାର ପରିବେଶ । କେମିତି କେଜାଣି ସମସ୍ତଙ୍କ ପଛରେ ମୋ ଅଜାଣତରେ ମୋ ଗୋଡ଼ ଦୁଇଟି ମଧ୍ୟ ଶବଯାତ୍ରାରେ ସାମିଲ ହୋଇ ଯାଇଥିଲା । ଦୁଃଖର ନିସ୍ତବ୍ଧ କଳା ଅନ୍ଧକାର ସିଦ୍ଧ ଭୈରବୀ ମନ୍ଦିର ଅଞ୍ଚଳକୁ ଯେମିତି ସ୍ଥାଣୁ କରି ଦେଇଥିଲା । ଆଖିରୁ ମୋର ଅଜାଣତରେ ଦୁଇ ଟୋପା ଲୁହ ଖସି ଆସିଥିଲା ମଦ ନିଶାର କରାଳ ମଣିଷ ବିଭତ୍ସ ରାକ୍ଷସିଆ ଚେହେରାର ସନ୍ଦର୍ଶନରେ...କୁନା ପାଇଁ ଶେଷ ଶ୍ରଦ୍ଧାଞ୍ଜଳି ଭାବରେ । ସିଦ୍ଧ ଭୈରବୀ ମନ୍ଦିର ଉପରେ ଲାଗିଥିବା ମାଇକ୍‌ରୁ ଭାସି ଆସୁଥିଲା କେମିତି ଦରଦୀ... କଣ୍ଠସ୍ୱରରୁ ମହାମନ୍ତ୍ର ସଚରାଚରକୁ ପୁଣ୍ୟ ପବିତ୍ରତାରେ ଭରିଦେବା ପାଇଁ । ମୁଁ ଶବଯାତ୍ରାରୁ ମୋର ବଡ଼ଭାଇଙ୍କ ସହ ନିଶବ୍ଦରେ ଫେରୁଥିଲି ଅନ୍ଧାରରେ । ଆମ ଗାଁ ରାସ୍ତାରେ ଘର ମୁହାଁ ହୋଇ ମଦର କରାଳ ପ୍ରାଣଘାତକ ନିଶାର ପ୍ରତିରୋଧ କରିବା ପାଇଁ ମନକୁ ଆସୁଥିଲା ଭଗବତ୍ ଗୀତାରେ ଶ୍ଳୋକଟିଏ। ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି....ନୈନଂ ଦହତି ପବକ .... ସତ କିନ୍ତୁ ମୋତେ ଲାଗୁଥିଲା ଶସ୍ତ୍ର ଅଗ୍ନି, ମରୁତ ସିନା ଆତ୍ମାକୁ ନିଃଶେଷ କରି ପାରୁନଥିଲେ ମଦ କିନ୍ତୁ ଏ ସବୁଠାରୁ ଶକ୍ତିଶାଳୀ, ସେ ଆତ୍ମାକୁ ଶରୀରକୁ ନିମିଷକରେ ଶେଷ କରି ଦିଏ ।

ସମୟ କେବେ କାହାକୁ କେଉଁଠି ଅପେକ୍ଷା କରେନି । ଘଣ୍ଟାର ସେକେଣ୍ଡ କଣ୍ଟାର ଟିକ୍‌ଟିକ୍ ଶବ୍ଦ କରି ଅନବରତ ଚାଲିଥାଏ ଆଗକୁ ଆଗକୁ ବର୍ଷାଦିନରେ ବନ୍ୟା ପ୍ଲାବିତ ନଦୀର ସ୍ରୋତ ଭଳି । ଯେଉଁଜଳ ସ୍ରୋତ ତଳକୁ ତଳକୁ ଗଡ଼ିଯାଏ ସେ କ'ଣ ଆଉ କେବେ ଫେରିଆସନା' ଉପରକୁ... । ଏଇତ ଜୀବନର ଦୃଶ୍ୟ । ଘଟଣା ଦୁର୍ଘଟଣା, ଉତ୍ଥାନ ପତନ ଦେଇ ଜୀବନର ଗତି । କେତେଦିନ ରହିବ କେତେଦିନରେ ଯିବ ସେ'କଥା କିଏ ଜାଣନ୍ତିନି। ଏହି ନିୟମ ସମସ୍ତଙ୍କ ପାଇଁ ସମାନ। ଏଥିରୁ କୁନା ପାତ୍ର କେମିତି ଅଲଗା ରହନ୍ତା । ତେଣୁ ଆମ ପୂର୍ବପୁରୁଷ, ଶାସ୍ତ୍ର ଧର୍ମ ସବୁ ଗୋଟିଏ କଥା କହିଥାନ୍ତି, ଜୀବନକୁ ଉପଭୋଗ କରୁଥିବ। ମଣିଷମାନେ ସଦାସର୍ବଦା ଗୋଟିଏ କଥାକୁ ନଜର ଦେବାର ଆବଶ୍ୟକତା ରହିଛି । କେତେବେଳେ କେଉଁଠି ନାହିଁ ଜୀବନ ସାରା ସଦାସର୍ବଦା ଗୋଟିଏ କଥାରେ ମନ ଦେବାର ଦରକାର ଯେ, ମୁଁ କେବେ କାହା ପ୍ରତି ନିଷ୍ଠୁର ହେବି ନାହିଁ କି ଜାଣ ଅଜାଣତରେ ବି ମୁଁ କାହାରି ମନରେ କିଞ୍ଚିତ ପରିମାଣର ବି ଆଘାତ ଦେବି ନାହିଁ ବରଂ ଏ ସମସ୍ତ ଶରୀରର ଜୀବନକାଳ ଅନ୍ୟର କଲ୍ୟାଣ ପାଇଁ, ସେମାନଙ୍କର ସେବା କରି କରି ପରୋପକାରରେ, ଜୀବନ ବିସର୍ଜି ଦେବି ତ'ସବୁଠୁ ଭଲ କଥା।

କୁନା ପାତ୍ରର ପରେ କୁନା ପାତ୍ରର ଘରର ସ୍ଥିତି ଯେ'କିଭଳି ଅଧୋଗତିରେ ପଡ଼ି ଘାଣ୍ଟି ହେଲା, ସେ କଥା ନ କହିଲେ ଭଲ । ରକ୍ଷଣଶୀଳ ବ୍ରାହ୍ମଣ ପରିବାର । ଘରର ସ୍ତ୍ରୀ ଲୋକମାନେ ଦିନରେ କି ରାତ୍ରିରେ ସୂର୍ଯ୍ୟ, ଚନ୍ଦ୍ର, ତାରା ଦେଖିବାର ମଉକା ନଥାଏ । ସେମାନେ ଆଉ କ'ଣ ରୋଜଗାର କରି ଘରର ପିଲାଛୁଆଙ୍କୁ ଚଳାଇବେ । ବୃଦ୍ଧ ଅଶିତି ଉର୍ଦ୍ଧ୍ୱ ବର୍ଷର ବାପା ବୁଢ଼ା ମାଷ୍ଟ୍ର ଓ ଆଖିକୁ ନ ଦିଶୁଥିବା କିଡ଼ନୀ ଓ ଅନ୍ୟ ଦୁରାରୋଗ୍ୟ ବ୍ୟାଧିରେ ସଦା ସନ୍ତୁଳି ହେଉଥିବା ମାଆ। ଗୁଣ୍ଡରୁ ମୁଣ୍ଡରୁ ହୋଇ ଦୁଇ ପୁଅ ଓ ଦୁଇ ଝିଅ । କାହାରି ବୟସ ହେଇନି କିଛି ନା କିଛି ରୋଜଗାର କରି ଘରକୁ ଆଣିବେ ବା ବୁଢ଼ା ଜେଜି ବାପାଙ୍କ ସେ କାଳରେ ପେନସନ ପଇସାକୁ ପୁଞ୍ଜି କରି ଘରକୁ କୌଣସି ମତେ ଚଳେଇ ଦେଇ ହେବ। ହାତରେ ବଙ୍କୁଲି ବାଡ଼ିଟିଏ ଧରି କୁନା ପାତ୍ରର ବାପା ସଦା ମା'ଭୈରବୀଙ୍କ ମନ୍ଦିର ମୁହଁରେ ରହି ଆଖିରୁ ଲୁହ ଝରାଇ କହୁଥିବା ଗାଁ ଲୋକେ ଶୁଣିଛନ୍ତି, 'ମା'ଲୋ ମୋ'ଆଶା ଭରସାର ମୋ'ପୁଅକୁ ତ' ଛଡ଼ାଇ ନେଲୁ । ଆଉ ମୁଁ ଏବେ କାହାକୁ ଭରସା କରି ଚଳିବି। ମୋତେ ବି ନେଇଯାଆ । ଏ କଷ୍ଟ ସମ୍ଭଳା ଯାଉନି। କୁନା ପାତ୍ର ମରିବାର ମାସେ ଦୁଇ ମାସ ମଧ୍ୟରେ ମା'ଅନ୍ଧୁଣୀ ବୁଢ଼ୀ ଆଉ ଦୁଇ ମାସ ଖଣ୍ଡେ ମଧ୍ୟରେ ଆଖିରୁ ଲୁହ ଶୁଖୁନ ଥିବା ବେଳେ କୁନା ପାତ୍ର ବାପାଙ୍କର ଅତି ନିଃସହାୟ ଭାବେ ଦେହାନ୍ତ ହୋଇଗଲା । ଆଉ ରହିଲେ ପିଲା ଚାରୋଟି । ସେମାନେ ଅନାଥ ହୋଇଗଲେ । କୌଣସି ମତେ ଅଜା ଆଈଙ୍କ ପାଖରେ ରହି ସମୟ ସହ ସଂଘର୍ଷ କରି ଜୀବନକୁ ବଞ୍ଚାଇବାକୁ ଶିଖୁଛନ୍ତି । ଏସବୁ କ'ଣ ଆମ ମଦ ଓ ଆଜିକା ରାଜନୀତି ପଣିଆ ନୁହେଁ କି ?

♥ସଂସ୍କୃତି ସଦନ, ବୟାଳୀ, ମନ୍ତ୍ରିଡ଼ି,
ମୋ: ୯୩୩୭୯୬୦୬୮୮

# ଓଡ଼ିଆ ଭାଷା ଓ ସାହିତ୍ୟ କୁଇଜ୍ ପ୍ରତିଯୋଗିତା



ମୟୂରଭଞ୍ଜ, ୦୨/୮ (ନି.ପ୍ର): ମୟୂରଭଞ୍ଜ ସାହିତ୍ୟ ପରିଷଦ ତରଫରୁ ମହାରାଣୀ ପ୍ରେମକୁମାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ଉଚ୍ଚ ବିଦ୍ୟାଳୟ ସ୍ତରୀୟ ଓଡ଼ିଆ ଭାଷା ଓ ସାହିତ୍ୟ କୁଇଜ୍ ପ୍ରତିଯୋଗିତା ଆଜି ତା:୦୨.୮.୨୦୨୫ ପୂର୍ବାହ୍ନରେ ଆୟୋଜିତ ହୋଇଯାଇଛି । ପ୍ରାରମ୍ଭରେ ଗତରାତ୍ରୀ ସାହିତ୍ୟ ପରିଷଦ ସଦସ୍ୟ ବିଶିଷ୍ଟ ଗାଳ୍ପିକ ଧନେଶ୍ୱର ପଣ୍ଡାଙ୍କ ତିରୋଧାନ ଘଟିଥିବାରୁ ଦିବଂଗତ ସିହିତ୍ୟିକଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଗୋଟିଏ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ପରିଷଦର ସଭାପତି ପଦ୍ମନାଭ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ପ୍ରତିଯୋଗିତାରେ ଅନୁଷ୍ଠାନର ସଂପାଦକ ଇଂ ମନୋଜ ଦଳବେହେରା, ଉପସଭାପତି ଜୟନ୍ତ କୁମାରୀ ଦ୍ୱାରୀ, ପୂର୍ବତନ ସଭାପତି ଅଜିତ କୁମାର କବାଟ, ପୂର୍ବତନ ଉପସଭାପତି ବୀଣାପାଣି ପଣ୍ଡା ଓ ବରିଷ୍ଠ ସଦସ୍ୟ କୈବଲ୍ୟ ପ୍ରସାଦ ମହାପାତ୍ର, ଡ. ଶଶିଧର ବିଶ୍ୱାଳ, ନରସିଂହ ବାରିକ, ବାସନ୍ତିଲତା ମହାପାତ୍ର, ଭାଗବତ ପଣ୍ଡା, ଶୈଳେନ୍ଦ୍ର ନାରାୟଣ ଜ୍ୟୋତିଷୀ, ଭାସ୍ୱତୀ ପଣ୍ଡା ଏବଂ ମିତାରାଣୀ ସାହୁ ପ୍ରମୁଖ ଯୋଗଦେଇ ପରୀକ୍ଷା ପରିଚାଳନା କରିଥିଲେ। ପ୍ରତିଯୋଗିତାରେ ଜିଲ୍ଲାସ୍ଥିତ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିବା ବେଳେ ପୂର୍ଣ୍ଣଚନ୍ଦ୍ର ଆଦର୍ଶ ବିଦ୍ୟାମନ୍ଦିରର ଦଶମ ଶ୍ରେଣୀ ଛାତ୍ରୀ ସ୍ମିତି ଟିପିରିଆ ପ୍ରଥମ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ରାଣୀଭୋଳର ଅଷ୍ଟମ ଶ୍ରେଣୀ ଛାତ୍ରୀ ତୃପ୍ତିମୟୀ ବିଶ୍ୱାଳ ଏବଂ ମହାରାଣୀ ତକତକୁମାରୀ ସରକାରୀ ଉପ୍ରା ବିଦ୍ୟାଳୟର ଅଷ୍ଟମ ଶ୍ରେଣୀର ଛାତ୍ରୀ ସ୍ୱାତୀ ରଣା ଯୁଗ୍ମ ଦ୍ୱିତୀୟ ତଥା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ତୁଳସୀଚଉରାର ନବମ ଶ୍ରେଣୀ ଛାତ୍ର ଆୟୁଷ ସାମଲ ତୃତୀୟ ସ୍ଥାନ ଅଧିକାର କରି ଶ୍ରେଷ୍ଠ ବିବେଚିତ ହୋଇଛନ୍ତି। ଆଗାମୀ ଅଗଷ୍ଟ ୧୫ ତାରିଖରେ ଜିଲ୍ଲା ପ୍ରଶାସନ ତରଫରୁ ଆୟୋଜିତ ୭୯ତମ ସ୍ୱାଧୀନତା ଦିବସ ପାଳନ ଶୁଭାବସରରେ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯିବ।

# ଶିକ୍ଷକଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ଉତ୍ସବ



ବାଲିଆପାଳ , ୦୨/୮ (ନି.ପ୍ର): ଆଦର୍ଶ ଶିକ୍ଷକ ରଞ୍ଜନ କୁମାର ପଣ୍ଡାଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ଉତ୍ସବ ଶନିବାର କାଉମାରୀ ନରସିଂହ ସହଯୋଗ ସରକାରୀ ୟୁପି ସ୍କୁଲ ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ଅନାଦି କୁମାର ପଣ୍ଡାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବ ରେ ମୁଖ୍ୟ ଅତିଥି ଭାବରେ ଶିକ୍ଷାବିତ ସନ୍ଦୀପ କୁମାର ଚାନ୍ଦ, ମୁଖ୍ୟ ବକ୍ତା ଭାବରେ ଅଧ୍ୟକ୍ଷ ପଣ୍ଡିତ ପ୍ରିୟବ୍ରତ ପଣ୍ଡା, ସମ୍ମାନିତ ଅତିଥି ଭାବରେ ଶିକ୍ଷକ ନେତା ହଳଧର ପଣ୍ଡା, ସୁଧା ସିନ୍ଧୁ ସାହୁ,ଆଦିତ୍ୟ କୁମାର ରାଉତ, ଶମ୍ଭୁନାଥ ସାହୁ, ବସନ୍ତ କୁମାର ରାଉତ ପ୍ରମୁଖ ଯୋଗ ଦେଇ ବିଦାୟୀ ଶ୍ରୀ ପଣ୍ଡାଙ୍କ ଆଦର୍ଶ ବୃତ୍ତିଗତ ଜୀବନ ସମ୍ପର୍କ ରେ ଆଲୋଚନା କରିଥିଲେ। ଶ୍ରୀ ପଣ୍ଡା ଶିକ୍ଷକ ଜାତିର ଗୌରବ ବୋଲି ମଧ୍ୟ ଅତିଥି ମାନେ କହି ଥିଲେ। ଅନୁଷ୍ଠାନ ପକ୍ଷରୁ ଶ୍ରୀ ପଣ୍ଡା ଙ୍କୁ ମାନପତ୍ର, ଉପଢୌକ ନ, ପୁରସ୍କାର ଆଦି ଦେଇ ସମ୍ବର୍ଦ୍ଧିତ କରାଯାଇ ଥିଲା। ସଲିଳ କୁମାର ଆଚାର୍ଯ୍ୟ ମଞ୍ଚ ଆହ୍ୱାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ମାୟାଧର ପରିଡା ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ଚନ୍ଦନ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## କୁଲଗାମ ଗୁଳି ବିନିମୟରେ ଦ୍ୱିତୀୟ ଆତଙ୍କୀ ନିହତ: ସେନାର ଅଭିଯାନ ଜାରି

ନୂଆଦିଲ୍ଲୀ,୧/୮ : ଦକ୍ଷିଣ କାଶ୍ମୀରର କୁଲଗାମ ଜିଲ୍ଲାର ଅଖଲ ବନାଞ୍ଚଳରେ ଚାଲିଥିବା ଗୁଳିବିନିମୟରେ ଆଉ ଜଣେ ଆତଙ୍କବାଦୀ ନିହତ ହୋଇଛି। ଏହାକୁ ମିଶାଇ ମୃତ ଆତଙ୍କବାଦୀ ସଂଖ୍ୟା ୨ରେ ପହଂଚିଛି । ଶନିବାର ଦିନ ଅଧିକାରୀମାନେ ଏହି ସୂଚନା ଦେଇଛନ୍ତି। ଶୁକ୍ରବାର ସଂଧ୍ୟା ସମୟରେ ସୁରକ୍ଷା ବଳର ଏକ ମିଳିତ ଟିମ ଆତଙ୍କବାଦୀ ଉପସ୍ଥିତି ସଂପର୍କରେ ସୂଚନା ପାଇବା ପରେ ଏହି ଅଞ୍ଚଳକୁ ଘେରି ତଲାଶି ଅଭିଯାନ ଆରମ୍ଭ କରିଥିଲେ।

# ୟୁ.ଏ.ଏସ୍.କୁ ବିରୋଧ କଲା ଉଦଳା ଶିକ୍ଷକ ସଂଘ



ଉଦଳା , ୦୨/୮ (ନି.ପ୍ର): ଉଦଳାରେ ପ୍ରାଥମିକ, ଉଚ୍ଚପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରି ମାନଙ୍କୁ ନେଇ ଗଢ଼ିଉଠିଥିବା ସଂଘ (ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡ଼େରେସନ) ସରକାରଙ୍କ ୟୁ.ଏ.ଏସ୍. ପ୍ରଚଳନକୁ ବିରୋଧ କରିଛି । ଚଳିତ ଅଗଷ୍ଟ ୧ ତାରିଖ ଶୁକ୍ରବାର ଦିନ ସଂଘ ତରଫରୁ ଏ ବାବଦରେ ସ୍ଥାନୀୟ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଜରିଆରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଏକ ପତ୍ର ପ୍ରଦାନ କରାଯାଇଛି । ବିଦ୍ୟାଳୟ ଗୁଡ଼ିକରେ ଆନୁସଙ୍ଗିକ ଭିତିଭୂମି ନଥିବା ବେଳେ ସରକାର ୟୁ.ଏ.ଏସ୍. ଲାଗୁକରିବା ଆଦୌ ଉଚିତ ହୋଇନାହିଁ ବୋଲି ସଂଘ ତରଫରୁ କୁହାଯାଇଛି । ବର୍ତ୍ତମାନ ମଧ୍ୟ ଏପରି ବହୁ ବିଦ୍ୟାଳୟ ରହିଛି ଯେଉଁଠି ୫ଟି ଶ୍ରେଣିକୁ ୨ଜଣ ଶିକ୍ଷକ ରହିଛନ୍ତି । ସେହିପରି ବିଦ୍ୟାଳୟ ମାନଙ୍କରେ କମ୍ପ୍ୟୁଟର ଶିକ୍ଷକ ନିଯୁକ୍ତ ହୋଇନଥିବା ବେଳେ ଅଧିକାଂଶ ସ୍ଥାନକୁ ନେଟୱାର୍କିଂ ବ୍ୟବସ୍ଥା ଠିକ ନାହିଁ । ବିଗତ ୨୪ ବର୍ଷ ଧରି ରାଜ୍ୟ ଶାସନରେ ଥିବା ସରକାର କେବଳ ଆଶ୍ୱାସନା ଶୁଣାଉଥିବା ବେଳେ ଶିକ୍ଷକ ମାନଙ୍କର କୌଣସି ଦାବି ପୁରଣ କରି ନାହାଁନ୍ତି ବୋଲି ଶିକ୍ଷକ ସଂଘ ତରଫରୁ କୁହାଯାଇଛି । ତେବେ ବର୍ତ୍ତମାନ ରାଜ୍ୟରେ କ୍ଷମତାରେ ଥିବା ଡ଼ବଲ ଇଂଜିନ ସରକାର ୟୁ.ଏ.ଏସ୍. ପ୍ରଚଳନକୁ ବନ୍ଦ ନକଲେ ଆଗାମି ଦିନରେ ରାଜ୍ୟବ୍ୟାପି ଆନ୍ଦୋଳନ ହେବ ବୋଲି ଚେତାବନି ଦିଆଯାଇଛି । ଆଜିର ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ପ୍ରାଥମିକ ଶିକ୍ଷକ ସଂଘର ଜିଲ୍ଲା ସଭାପତି ଆରତ କୁମାର ପରିଡ଼ା, ବ୍ଲକ ସଂଘର ସଭାପତି ଅନ୍ତର୍ଯ୍ୟାମି ବେହେରା, ସଂପାଦକ ଲଳିତ କୁମାର ବେହେରା, ଓଷ୍ଟା ସଂଘ ଉଦଳାର ସଭାପତି ମନୋରମା ନାୟକ ପ୍ରମୁଖ ନେତୃତ୍ୱ ନେଇଥିବା ବେଳେ କରୁଣାକର ନାୟକ, ମୀନାକ୍ଷି ମିଶ୍ର, କୃଷ୍ଣଚନ୍ଦ୍ର ମହାନ୍ତ, ସତ୍ୟେନ୍ଦୁ ଜେନା, ଦିପ୍ତିମୟି ପ୍ରଧାନ, ସବିତା ସେନାପତି, ରାନୁ ମହାନ୍ତି ଇତ୍ୟାଦି ସହଯୋଗ କରିଥିଲେ ।

# ଜିଲ୍ଲାସ୍ତରୀୟ ୭୯ତମ ସ୍ୱାଧୀନତା ଦିବସ ୨୦୨୫ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ବାଲେଶ୍ୱର , ୦୨/୮ (ନି.ପ୍ର): ବାଲେଶ୍ୱର ଜିଲ୍ଲା ସଦର ମହକୁମାରେ ଜିଲ୍ଲାସ୍ତରୀୟ ୭୯ତମ ସ୍ୱାଧୀନତା ଦିବସ ୨୦୨୫ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଆଜି ଅପରାହ୍ନ ୫ ଘଟିକା ସମୟରେ ସ୍ଥାନୀୟ ଜିଲ୍ଲାପାଳଙ୍କ ନୂତନ କାର୍ଯ୍ୟାଳୟ ଅଡିଟରିୟମ ଠାରେ ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୁର ବିକାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀଯୁକ୍ତ ପ୍ରିୟଦର୍ଶୀ ରାଜେଶ ବୈଠକରେ ଉପସ୍ଥିତ ସମସ୍ତ ସଦସ୍ୟ/ସଦସ୍ୟାଙ୍କୁ ଶୁଭେଚ୍ଛା ଜଣେଇବା ସହ ସ୍ୱାଧୀନତା ଦିବସ ଦିନ ହେବାକୁ ଥିବା ସମସ୍ତ କାର୍ଯ୍ୟସୂଚୀ ଏବଂ ଏହାର ପ୍ରାକ ପ୍ରସ୍ତୁତି ସମ୍ପର୍କୀୟ ସମସ୍ତ କାର୍ଯ୍ୟ ଖସଡ଼ା ବର୍ଣନା କରିଥିଲେ । ଏହି ଐତିହାସିକ ଜାତୀୟ ଦିବସକୁ ଆନନ୍ଦ ଓ ଉଲ୍ଲାସ ସହ ପାଳନ କରିବା ନିମନ୍ତେ ଦିବସ ବ୍ୟାପୀ ସମସ୍ତ କାର୍ଯ୍ୟକ୍ରମ ଗୁଡିକର ଆଲୋଚନା କରାଯାଇ ନିଷ୍ପତି ନିଆଯାଇଥିଲା । ଏହି ପ୍ରସ୍ତୁତି ବୈଠକରେ ନିଷ୍ପତି ଅନୁଯାୟୀ ସ୍ୱାଧୀନତା ଦିବସ ପାଳନ ଅବସରରେ ପ୍ରତ୍ୟୁଷ ଘ.୪ଟିକାରେ ସହରାଞ୍ଚଳରେ ରାମଧୁନ୍ ପ୍ରଚାର, ସକାଳେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରଭାତଫେରୀ, ସକାଳ ୭ଘଟିକାରୁ ଘ୭.୩୦ମି. ମଧ୍ୟରେ ସରକାରୀ ଓ ବେସରକାରୀ ଅନୁଷ୍ଠାନ ତଥା ଶିକ୍ଷାନୁଷ୍ଠାନ ମାନଙ୍କରେ ଜାତୀୟ ପତାକା ଉତୋଳନ, ସକାଳ ଘ୮.୪୫ମି. ସମୟରେ ମହାପୁରୁଷମାନଙ୍କର ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସକାଳ ଘ୯.୧୫ମି. ସମୟରେ ଜିଲ୍ଲାସ୍ତରୀୟ ସମାରୋହରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଆନୁଷ୍ଠାନିକ ଜାତୀୟ ପତାକା ଉତ୍ତୋଳନ, ଆନୁଷ୍ଠାନିକ ସମ୍ମିଳିତ ପ୍ୟାରେଡ୍ ପରିଦର୍ଶନ ଓ ଅଭିବାଦନ ଗ୍ରହଣ ଏବଂ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ୟାରେଡ୍ ରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀମାନଙ୍କୁ ମିଷ୍ଟାନ୍ନ ବଣ୍ଟନ ଏବଂ ସନ୍ଧ୍ୟାରେ ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନଠାରେ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବା ପାଇଁ ସ୍ଥିର କରା ଗଲା । ଭାରତୀୟ ତଥା ଓଡିଶା ପ୍ରଶାସନିକ ସେବା ଭଳି ଜାତୀୟ ସ୍ତରର ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଥିବା ଛାତ୍ରଛାତ୍ରୀ, କ୍ରୀଡା କ୍ଷେତ୍ରରେ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଅଂଶଗ୍ରହଣ କରି ଥିବା କ୍ରୀଡ଼ାବିତ ଇତ୍ୟାଦିଙ୍କ ପାଇଁ ସମ୍ବର୍ଦ୍ଧନା ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯିବ। ଏହି ଜାତୀୟ ଦିବସ ପାଳନ ପରିପ୍ରେକ୍ଷୀରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଦେଶାତ୍ମବୋଧ ପ୍ରବନ୍ଧ, କୁଇଜ ଓ ସଙ୍ଗୀତ ପ୍ରତିଯୋଗିତା ଆୟୋଜନ କରିବାକୁ ସ୍ଥିର କରାଯାଇଛି । ଏତଦ୍ ବ୍ୟତୀତ ସ୍ୱାଧୀନତା ଦିବସ ସମାରୋହର ସୁପରିଚାଳନା ନିମନ୍ତେ ମଞ୍ଚ ସଜ୍ଜା, ପରିମଳ, ଆଶୁ ଚିକିତ୍ସା, ଆଇନଶୃଙ୍ଖଳା, ପାନୀୟ ଜଳ, ଅତିଥିଙ୍କ ବସିବା ସ୍ଥାନ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ସୁନିଶ୍ଚିତ କରିବା ପାଇଁ ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୁର ବିକାଶ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଜାତୀୟ ଦିବସକୁ ସରସ ସୁନ୍ଦର କରିବା ପାଇଁ ପାଳନ କମିଟି ଅଧ୍ୟକ୍ଷ ତଥା ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୁର ବିକାଶ ଉପସ୍ଥିତ ସମସ୍ତ ସଦସ୍ୟ/ ସଦସ୍ୟାଙ୍କୁ ନ୍ୟସ୍ତ କରାଯାଇଥିବା ଦାୟିତ୍ୱକୁ ନିଷ୍ଠାର ସହ ତୁଲାଇବା ଓ ସହଯୋଗ କାମନା କରିଥିଲେ। ଆଜିର ଏହି ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକରେ ଜିଲ୍ଲାପରିଷଦର ସଭାପତି ଶ୍ରୀଯୁକ୍ତ ନାରାୟଣ ପ୍ରଧାନ, ବାଲେଶ୍ୱର ପୌରପାଳିକା ଅଧ୍ୟକ୍ଷା ଶ୍ରୀମତୀ ସବିତା ସାହୁ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀଯୁକ୍ତ ସୁଧାକର ନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀଯୁକ୍ତ ହେମନ୍ତ ସିଂ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀଯୁକ୍ତ ସଞ୍ଜୟ କୁମାର ରାଉତ, ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ଉପ-ଜିଲ୍ଲାପାଳ ବାଲେଶ୍ୱର ଡ. ମଧୁସ୍ମିତା ସାମନ୍ତରାୟ, ଭାରତୀୟ ପ୍ରଶାସନ ସେବା (ପ୍ରବେସନର) ଶାମଲ ଭଗତଙ୍କ ସମେତ ଜିଲ୍ଲାସ୍ତରୀୟ ସମସ୍ତ ବିଭାଗୀୟ ପଦାଧିକାରୀ, ବିଭିନ୍ନ ଗଣମାଧ୍ୟମର କର୍ମକର୍ତ୍ତା, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଏବଂ ସମାଜସେବୀ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ପରିଶେଷରେ ବୈଠକରେ ଉପସ୍ଥିତ ସମସ୍ତ ସଦସ୍ୟ/ସଦସ୍ୟାଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ୬ ଦଫା ଦାବି ନେଇ ଧାରଣା ଓ ପ୍ରତିବାଦ ସଭା

ବାଲିଆପାଳ , ୦୨/୮ (ନି.ପ୍ର): ବାଲିଆପାଳ ବ୍ଲକ ଓଡ଼ିଶା ସ୍କୁଲ, କଲେଜ, ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଶନିବାର ପୂର୍ବାହ୍ନରେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ସମଗ୍ର ଓଡ଼ିଶାରେ ସରକାର ଶିକ୍ଷା ବ୍ୟବସ୍ଥାରେ ଶିକ୍ଷକ ଏବଂ ଛାତ୍ର ଛାତ୍ରୀ ମାରଣ ନୀତି ବିରୁଦ୍ଧରେ ଏହି ପ୍ରତିବାଦ ସଭା ଓଡ଼ିଶାର ୩୧୪ ବ୍ଲକରେ କରାଯାଉଛି ବୋଲି ଓଷ୍ଟା ଜିଲ୍ଲା ସମ୍ପାଦକ ବିଜୟ କୁମାର ପାତ୍ର କହିଛନ୍ତି। ଓଡ଼ିଶାର ୧୯୪ ବିଦ୍ୟାଳୟ ପାଖାପାଖି ତିରିଶି ବର୍ଷ କାର୍ଯ୍ୟ କରିବା ପରେ ମଧ୍ୟ କୈଣସି ସରକାରୀ ଅନୁଦାନ ମିଳୁନାହିଁ। ପେନସନ ଓ ଅବସରକାଳୀନ ସୁଯୋଗ ପ୍ରଦାନ, ଅବସର ବୟସ ସୀମା ୬୦ ରୁ ୬୨ ବର୍ଷକୁ ବୃଦ୍ଧି, ଶିକ୍ଷକ ଓ ଶିକ୍ଷା କର୍ମଚାରୀ ଙ୍କ ଗ୍ରେଟ୍ ପେର ତ୍ରୁଟି ସଂଶୋଧନ, ସମସ୍ତ ନୂତନ ଓ ପୂର୍ଣ୍ଣ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡିକ ସରକାରୀକରଣ, ଶିକ୍ଷକ ନିଯୁକ୍ତି,୨୦୦୪ ରୁ ୨୦୧୩ ପର୍ଯ୍ୟନ୍ତ ନିଯୁକ୍ତି ପାଇଥିବା ଶିକ୍ଷକ ମାନଙ୍କୁ ବଢ଼ା ଦରମା ସହିତ ବରିଷ୍ଠତା ପ୍ରଦାନ ଏବଂ ପୁରୁଣା ପେନସନ ସୁବିଧା ଉପଲବ୍ଧ କରିବା ନେଇ ଏକ ଦାବି ପତ୍ର ବାଲିଆପାଳ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ସତ୍ୟରଞ୍ଜନ ଭୂୟାଁ ଜରୀଆରେ ଦିଆଯାଇଛି ।ସରକାର ଏହି ଦାବି ପୂରଣ ନକଲେ ଆଗାମୀ ଦିନରେ ହଜାର ହଜାର ସଂଖ୍ୟାରେ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀ ମାନେ ବିଧାନସଭା ସମ୍ମୁଖରେ ବିକ୍ଷୋଭ କରିବେ ବୋଲି ସମିତି ସମନ୍ୱୟର ଓଷ୍ଟା ସମ୍ପାଦକ ବିନୋଦ କୁମାର ଜେନା,ପ୍ରଶାନ୍ତ କୁମାର କରଣ, ଜନ୍ମେଜୟ ଦାସ, ଶ୍ରୀମତୀ ଅଶୋକା ନାୟକ, ଗୋପାଳ କୁମାର ପାତ୍ର, ନରେନ୍ଦ୍ର ପ୍ରଧାନ, ଅଞ୍ଜଳି ସାହୁ,ରବିନ୍ଦ୍ର ପ୍ରଧାନ,ସ୍ୟାମସୁନ୍ଦର ପରିଡ଼ା ସଞ୍ଜୟ କୁମାର ଗିରି,ତପନ କୁମାର ଗିରି ପ୍ରମୁଖ ଚେତାବନୀ ଦେଇଛନ୍ତି।

# ୫ଦଫା ଦାବିନେଇ ଶିକ୍ଷକ ସମନ୍ୱୟ ସମିତିର ଗଣଧାରଣା



ଖଇରା, ୦୨/୮ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ସମ୍ମୁଖରେ ଓଡିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ଆନୁକୂଲ୍ୟରେ ୫ଦଫା ଦାବି ନେଇ ଗଣଧାରଣା ଅନୁଷ୍ଠିତ ହୋଇ ଯାଇଛି । ଓଷ୍ଟା ଖଇରା ବ୍ଲକ ସଭାପତି ବ୍ରହ୍ମାନନ୍ଦ ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ । ଏଥିରେ ମୁକ୍ତିକାନ୍ତ ଶତପଥି,ଜିତେନ୍ଦ୍ର ବେହେରା, ମାନସ ମହାପାତ୍ର, ଭରତ ଚନ୍ଦ୍ର ଦାସ, ବିଜୟ କୁମାର ଦ୍ୱିବେଦୀ,ଜୟନ୍ତ କୁମାର ପଣ୍ଡା,ଜଗତାନନ୍ଦ ମହାପାତ୍ର, ବନମାଳୀ ବାରିକ,ପରେଶ ଦକ୍ଷିଣରାୟ, ପ୍ରଫୁଲ୍ଲ କୁମାର ଦାଶ,ଶଙ୍କର୍ଷଣ ଜେନା, ରଘୁନାଥ ନାୟକ,ରବିନ୍ଦ୍ର ମହାନ୍ତି,ତପନ କୁମାର ତ୍ରୀପାଠୀ, ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ସମେତ ବହୁ ଶିକ୍ଷକନେତା, ଶିକ୍ଷାବିତ ଯୋଗ ଦେଇ ଶିକ୍ଷକ ଙ୍କ ଦାବୀକୁ ଯଥାର୍ଥ ଦର୍ଶାଇ ଏହା ପୁରଣ କରିବାକୁ ସରକାରଙ୍କ ନିକଟରେ ଦାବୀ କରିଥିଲେ । ଶିକ୍ଷକ ସମନ୍ୱୟ ସମିତି ଆବାହକ ବିଷ୍ଣୁ ପ୍ରସାଦ ମିଶ୍ର ଆନ୍ଦୋଳନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । ଯୁଗ୍ମସମ୍ପାଦକ ପ୍ରଶାନ୍ତ କୁମାର ହୋତା ମଞ୍ଚ ଆହ୍ୱାନ ଓ ଉପସଭାପତି ଭରତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଖଇରା ଓଷ୍ଟାର ସମସ୍ତ କାର୍ଯ୍ୟକର୍ତ୍ତା, ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଶିକ୍ଷୟତ୍ରୀ, ଶିକ୍ଷକ ଓ ଶିକ୍ଷାକର୍ମଚାରୀ ଉପସ୍ଥିତ ଥିଲେ । ପରେ ଏକ ଦାବିପତ୍ର ଗୋଷ୍ଠୀ ଶିକ୍ଷାଧିକାରିଣୀଙ୍କୁ ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ମହାନଦୀ ଜଳବିବାଦ...

ବୈଠକରେ ମହାନଦୀ ଜଳ ବିବାଦର ଆପୋଷ ସମାଧାନ ଉପରେ ଗୁରୁତ୍ୱ ଦେବା ସହ ଜୁଲାଇ ୨୫ତାରିଖରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଏଙ୍କୁ ଚିଠି ଲେଖି ମହାନଦୀ ଜଳବିବାଦର ଆପୋଷ ସମାଧାନ ପାଇଁ ପ୍ରସ୍ତାବ ଦେଇଥିଲେ । କେନ୍ଦ୍ର ସରକାରଙ୍କ ସହାୟତାରେ ଦୁଇ ରାଜ୍ୟ ଆଲୋଚନା ମାଧ୍ୟମରେ ବିବାଦର ସମାଧାନ କରିବାର ସମ୍ଭାବନା ଉପରେ ଗୁରୁତ୍ୱ ଦେଇଥିଲେ । ଯାହାର ଉତ୍ତର ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ ୨୦୨୫ ଅଗଷ୍ଟ ୧(ଗତକାଲି) ତାରିଖରେ ଦେଇଛନ୍ତି । ଯେଉଁଥିରେ ସେ ଦୁଇରାଜ୍ୟ ମଧ୍ୟରେ ଥିବା ଜଳବିବାଦର ଆପୋଷ ସମାଧାନ ପାଇଁ ଓଡ଼ିଶା ଦେଇଥିବା ପ୍ରସ୍ତାବ ଏବେ ତାଙ୍କ ସରକାରର 'ବିଚାରାଧୀନ' ଥିବା ସ୍ପଷ୍ଟ କରିଛନ୍ତି । ଆଜି ଟ୍ରିବ୍ୟୁନାଲଙ୍କ ପାଖରେ ରାଜ୍ୟ ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ମଧ୍ୟ ରାଜ୍ୟ ସରକାରଙ୍କ ଉଚ୍ଚସ୍ତରୀୟ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଏବଂ ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ଆଦାନପ୍ରଦାନ ହୋଇଥିବା ଚିଠିକୁ ଉପସ୍ଥାପନ କରଇଥିଲେ । ଛତିଶଗଡ଼ ସରକାରଙ୍କ ବରିଷ୍ଠ ଓକିଲ୍ ମଧ୍ୟ ଏହି ଜଳବିବାଦର 'ଆପୋଷ ସମାଧାନ ପ୍ରସ୍ତାବ' ଏବେ ତାଙ୍କ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ସକ୍ରିୟ ବିଚାରାଧୀନ ରହିଥିବା ଟ୍ରିବ୍ୟୁନାଲଙ୍କୁ ଅବଗତ କରାଇଥିଲେ । ଆଜି ନୂଆଦିଲ୍ଲୀରେ ମହାନଦୀ ଜଳ ବିବାଦର ଶୁଣାଣି ଟ୍ରିବ୍ୟୁନାଲ ଅଧ୍ୟକ୍ଷ ଜଷ୍ଟିସ ବି.ଏମ୍. ତ୍ରିବେଦୀଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା । ଉଭୟ ରାଜ୍ୟର ଓକିଲ ଉପସ୍ଥିତ ରହି 'ଆପୋଷ ସମାଧାନ' ଦିଗରେ ଦୁଇ ରାଜ୍ୟଙ୍କ ସକରାତ୍ମକ ପଦକ୍ଷେପ ସମ୍ପର୍କରେ ଟ୍ରିବ୍ୟୁନାଲଙ୍କୁ ଅବଗତ କରାଇଥିଲେ । ଟ୍ରିବ୍ୟୁନାଲ ମଧ୍ୟ ଏହି ପଦକ୍ଷେପକୁ ସ୍ୱାଗତ କରିବା ସହ ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବର ୬ତାରିଖରେ ହେବ ଏବଂ ଉଭୟ ରାଜ୍ୟର ବିଭାଗୀୟ ସଚିବ ଉପସ୍ଥିତ ରହି ସମାଧାନର ଅଗ୍ରଗତି ସମ୍ପର୍କରେ ଅବଗତ କରାଇବାକୁ ନିର୍ଦ୍ଦେଶ ଦେଇଛନ୍ତି । ଓଡ଼ିଶାର ଆଡଭୋକେଟ୍ ଜେନେରାଲ ଶ୍ରୀ ଆଚାର୍ଯ୍ୟ କହିଥିଲେ ଯେ, ଦୁଇ ରାଜ୍ୟର ମୁଖ୍ୟ ସଚିବ ଓ ରାଜନୈତିକ ନେତୃତ୍ୱ ସ୍ତରରେ ଆଲୋଚନା ଆରମ୍ଭ ହୋଇଛି । ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀ ମଧ୍ୟ ସକାରାତ୍ମକ ମନୋଭାବ ରଖି ଆଲୋଚନା କଲେ ନିଶ୍ଚିତ ସଫଳତା ମିଳିବ । ବିଗତ ୬ ବର୍ଷ ମଧ୍ୟରେ ଟ୍ରିବ୍ୟୁନାଲ ମାଧ୍ୟମରେ କୌଣସି ଗୁରୁତ୍ୱପୂର୍ଣ୍ଣ ସମାଧାନ ହାସଲ ହୋଇପାରିନାହିଁ ଏବଂ ରାଜନୈତିକ ସ୍ତରରେ ଆଲୋଚନା ହିଁ ଏହି ବିବାଦର ସମାଧାନର ସର୍ବୋତ୍ତମ ଉପାୟ ବୋଲି ଶ୍ରୀ ଆଚାର୍ଯ୍ୟ ମତ ରଖିଥିଲେ ବୋଲି ଜାତୀୟ ସମ୍ବାଦ ସରବରାହ ସଂସ୍ଥା 'ପିଟିଆଇ' ସୂଚନା ଦେଇଛି । ରାଜ୍ୟ ଆଡଭୋକେଟ୍ ଜେନେରାଲ ଶ୍ରୀ ଆଚାର୍ଯ୍ୟ 'ପିଟିଆଇ'କୁ ସୂଚନା ଦେଇ କହିଛନ୍ତି ଯେ, ମହାନଦୀ ଜଳବିବାଦ ମାମଲାରେ ବିଗତ ୬ ବର୍ଷ ମଧ୍ୟରେ କେବଳ ଜଣେ ସାକ୍ଷୀଙ୍କୁ ପରୀକ୍ଷା କରାଯାଇଛି ଏବଂ ଅନେକ ସାକ୍ଷୀ ଏପର୍ଯ୍ୟନ୍ତ ଉପସ୍ଥାପିତ ହୋଇନାହାଁନ୍ତି । ଟ୍ରିବ୍ୟୁନାଲ ଆହୁରି ୧୦ ବର୍ଷ ଚାଲିଲେ ମଧ୍ୟ ଏହାର ସମାଧାନ ସମ୍ଭବ ନୁହେଁ । ଦେଶରେ କୌଣସି ଆନ୍ତଃରାଜ୍ୟ ଜଳ ବିବାଦର ସମାଧାନ ଟ୍ରିବ୍ୟୁନାଲ ମାଧ୍ୟମରେ ସମ୍ପୂର୍ଣ୍ଣ ହୋଇପାରିନାହିଁ । ବିବାଦର ଆପୋଷ ସମାଧାନ ପାଇଁ କେନ୍ଦ୍ର ସରକାର ଓ କେନ୍ଦ୍ର ଗୃହମନ୍ତ୍ରୀଙ୍କ ସହାୟତା ଓଡ଼ିଶା ସରକାର ଲୋଡ଼ିଛନ୍ତି । କେନ୍ଦ୍ର ଜଳଶକ୍ତି ମନ୍ତ୍ରୀଙ୍କ ସହ ମଧ୍ୟ ଆଲୋଚନା କରାଯାଇଛି । ଓଡ଼ିଶା ଓ ଛତିଶଗଡ଼ରେ ବିଜେପି ସରକାର କ୍ଷମତାରେ ଥିବାରୁ ଏହି ଆଲୋଚନାରେ କେନ୍ଦ୍ରର ହସ୍ତକ୍ଷେପ ଏକ ସମାଧାନର ପଥ ପ୍ରଶସ୍ତ କରିପାରିବ ତଥା ଏହି ବିବାଦ ଶୀଘ୍ର ଆପୋଷ ସମାଧାନ ହେବ ବୋଲି ଆମେ ଆଶାବାଦୀ ଥିବା ଶ୍ରୀ ଆଚାର୍ଯ୍ୟ କହିଛନ୍ତି ।

### ପି.ଏମ୍ କିଷାନ ଯୋଜନା...

ନିଧି କାର୍ଯ୍ୟକ୍ରମରେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇ ରାଜ୍ୟର ଚାଷୀ ଭାଇଭଉଣୀମାନଙ୍କୁ ପି.ଏମ୍ କିଷାନ ସହାୟତା ରାଶିର ୨୦ତମ କିସ୍ତି ପ୍ରଦାନ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଉତ୍ତରପ୍ରଦେଶର ବାରଣାସୀଠାରେ ଉପସ୍ଥିତ ରହି ପି.ଏମ୍ କିଷାନର କିସ୍ତି ବାବଦରେ ସାରା ଦେଶର ୯.୭ କୋଟି ଚାଷୀଙ୍କୁ ୨୦୦୦ ଟଙ୍କା ଲେଖାଏଁ ହିସାବରେ ସମୁଦାୟ ୨୦ ହଜାର ୫୦୦ କୋଟି ଟଙ୍କା ପ୍ରଦାନ କରିଛନ୍ତି। ଏହି ଅବସରରେ ଭୁବନେଶ୍ୱରସ୍ଥିତ ଆଇ.ସି.ଏ.ଆର୍-ସିଫାଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇ ପ୍ରାୟ ୩୪ ଲକ୍ଷ ୮୫ ହଜାରରୁ ଉର୍ଦ୍ଧ୍ୱ କୃଷକଙ୍କୁ ହି ସହାୟତା ରାଶି ପ୍ରଦାନ କରିଛନ୍ତି। ସମସ୍ତ ଯୋଗ୍ୟ ହିତାଧିକାରୀମାନଙ୍କୁ ୨,୦୦୦ ଟଙ୍କା ଲେଖାଏଁ ହିସାବରେ ମୋଟ ୬୯୭ କୋଟି ଟଙ୍କା ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, 'ଆମ ସରକାର ହେଉଛି ଲୋକଙ୍କ ସରକାର ଏବଂ ଚାଷୀ ଭାଇ ଭଉଣୀଙ୍କ ସରକାର । ଆମ ସରକାର ମାତ୍ର ବର୍ଷକ ମଧ୍ୟରେ ଆପଣମାନଙ୍କ ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରିଛନ୍ତି । ଆପଣମାନେ ଏହାର ସୁଫଳ ମଧ୍ୟ ପାଉଛନ୍ତି । ସି.ଏମ୍ କିଷାନରେ ଆମ ରାଜ୍ୟର ୫୦ଲକ୍ଷରୁ ଅଧିକ ଚାଷୀ ବର୍ଷକୁ ୪୦୦୦ ଟଙ୍କା ଲେଖାଏଁ ସହାୟତା ପାଉଛନ୍ତି। ପି.ଏମ୍ କିଷାନ ଓ ସି.ଏମ୍ କିଷାନକୁ ମିଶାଇ ଚାଷୀଭାଇମାନେ ବର୍ଷକୁ ୧୦ ହଜାର ଟଙ୍କା ଲେଖାଏଁ ସହାୟତା ଦିଆଯାଉଛି।' 'ପି.ଏମ କିଷାନ ଯୋଜନାର ୨୦ତମ କିସ୍ତି ଚଳିତ ବର୍ଷ ଅପ୍ରେଲରୁ ଜୁଲାଇ ଅବଧି ପାଇଁ ପ୍ରଦାନ କରାଯାଉଛି। ଏହି ଅର୍ଥ ସିଧାସଳଖ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ହସ୍ତାନ୍ତର କରାଯାଉଛି । ଏହି ପ୍ରକ୍ରିୟାରେ ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ବ୍ୟବହାର ହେଉଥିବାରୁ ସ୍ୱଚ୍ଛତା ବଜାୟ ରହୁଛି । ଏଥିରେ ସମସ୍ତ ଚାଷୀ; ସେ କ୍ଷୁଦ୍ରଚାଷୀ ହୁଅନ୍ତୁ ବା ମଧ୍ୟମ କିମ୍ବା ବଡ଼ ଚାଷୀ, ସମସ୍ତଙ୍କୁ ଏହାର ସୁଫଳ ମିଳୁଛି। ସହରାଞ୍ଚଳର ଚାଷୀମାନେ ମଧ୍ୟ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇଛନ୍ତି। ଆଜିର ଏହି ଦିନକୁ ଆମେ "ପି.ଏମ କିଷାନଦିବସ" ଭାବରେ ସାରା ଦେଶ ତଥା ରାଜ୍ୟରେ ପାଳନ କରୁଛୁ । ଏଥି ସହିତ ରାଜ୍ୟର ସମସ୍ତ ଜିଲ୍ଲା, ବ୍ଲକ ଓ ପଞ୍ଚାୟତରେ ମଧ୍ୟ "ପି.ଏମ କିଷାନ ଦିବସ" ପାଳନ କରାଯାଉଛି। ପି.ଏମ୍ କିଷାନ ଯୋଜନାରେ ସମସ୍ତ ଯୋଗ୍ୟ ଚାଷୀଙ୍କୁ ଅନ୍ତର୍ଭୁକ୍ତ କରିବା ମୋର ଲକ୍ଷ୍ୟ' ବୋଲି ସେ କହିଛନ୍ତି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ କହିଥିଲେ ଯେ, ଓଡ଼ିଶାକୁ 'ଏଗ୍ରିକଲଚର ଟୁଡ଼େ' ପୁରସ୍କାର ମିଳିଛି । ୩୪,୮୫,୮୮୧ ଚାଷୀଙ୍କୁ ୬୯୭ କୋଟି ଟଙ୍କା ଦିଆଯାଉଛି । ଏହି ରାଶିରେ ଚାଷୀମାନେ ବିହନ ସାର କିଣିବେ । ରାଜ୍ୟ ସରକାର କୃଷକଙ୍କ ଆୟକୁ ଦୁଇଗୁଣା କରିବା ପାଇଁ ଚେଷ୍ଟିତ । ପଇସା ଆୟ କରିବା ସହିତ ସ୍ୱାସ୍ଥ୍ୟ ଉପରେ ଧ୍ୟାନ ଦେଇ ଜୈବ ଚାଷ କରିବା ଆବଶ୍ୟକ ବୋଲି ଉପମୁଖ୍ୟମନ୍ତ୍ରୀ ସିଂହଦେଓ କହିଛନ୍ତି । ଉଲ୍ଲେଖଯୋଗ୍ୟ, କାର୍ଯ୍ୟକ୍ରମରେ କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡକ୍ଟର ଅରବିନ୍ଦ ପାଢ଼ୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ପିପିଲି ବିଧାୟକ ଆଶ୍ରୀତ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୂଳପତି ପ୍ରଫେସର ପ୍ରଭାତ କୁମାର ରାଉଳ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, ଆଇ.ସି.ଏ.ଆରର ଡେପୁଟି ଡାଇରେକ୍ଟର ଜେନେରାଲ ଡକ୍ଟର ଜେ.କେ ଜେନା, ଆଇ.ସି.ଏ.ଆର-ସିଫାର ଡାଇରେକ୍ଟର ଡକ୍ଟର ପି.କେ ସାହୁ, ଉଦ୍ୟାନ କୃଷି ଡାଇରେକ୍ଟର ସୁବ୍ରତ କୁମାର ପଣ୍ଡା, ଖୋର୍ଦ୍ଧା ଜିଲ୍ଲାପାଳ ଅମ୍ରିତ ଋତୁରାଜ ଓ ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ପ୍ରମୁଖ ମଞ୍ଚାସୀନ ଥିଲେ।

### ରୁଷିଆ-ଆମେରିକା ...

ଆମେରିକା ଭିଏତନାମରେ ନିଜର ସାମରିକ ଉପସ୍ଥିତି ବୃଦ୍ଧି କରିଥିଲା। ସେହି ସମୟରେ, ଆମେରିକା ଏବଂ ସୋଭିଏତ୍ ୟୁନିଅନ୍ ମଧ୍ୟରେ ମହାକାଶ ଦୌଡ଼ ମଧ୍ୟ ତୀବ୍ର ଥିଲା। ୧୯୫୯ ମସିହାରେ ୟୁରି ଗାଗାରିନଙ୍କୁ ମହାକାଶକୁ ପଠାଇ ରୁଷିଆ ଆମେରିକାକୁ ଆଶ୍ଚର୍ଯ୍ୟ କରିଥିଲା। ଏପରି ପରିସ୍ଥିତିରେ,ଆମେରିକୀୟ ରାଷ୍ଟ୍ରପତି ଜନ୍ ଏଫ୍ କେନେଡିଙ୍କ ଉପରେ କମ୍ୟୁନିଷ୍ଟ ଶକ୍ତି ବିରୁଦ୍ଧରେ ଦୃଢ଼ ଭାବରେ ଠିଆ ହେବା ପାଇଁ ଚାପ ମଧ୍ୟ ପଡ଼ିଥିଲା। ୧୯୬୧ ମସିହାରେ କ୍ୟୁବାରେ ଆମେରିକାର ବିଫଳ ବେ ଅଫ୍ ପିଗ୍ସ ଷଡ଼ଯନ୍ତ୍ର ପରେ, ସୋଭିଏତ୍ ୟୁନିଅନ୍ କ୍ୟୁବାକୁ ସାମରିକ ସୁରକ୍ଷା ଯୋଗାଇବାକୁ ନିଷ୍ପତ୍ତି ନେଇଥିଲା। ୧୯୬୨ ମସିହା ଜୁଲାଇ ମାସରେ, ସୋଭିଏତ୍ ନେତା ନିକିତା କ୍ରୁଷ୍ଚେଭ୍ ଏବଂ କ୍ୟୁବାର ଫିଡେଲ୍ କାଷ୍ଟ୍ରୋଙ୍କ ମଧ୍ୟରେ ଏକ ଗୁପ୍ତ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା ଯେ, ସୋଭିଏତ୍ ୟୁନିଅନ୍ କ୍ୟୁବାରେ ପରମାଣୁ କ୍ଷେପଣାସ୍ତ୍ର ମୁତୟନ କରିବ। ଉଦ୍ଦେଶ୍ୟ ସ୍ପଷ୍ଟ ଥିଲା, ଯଦି ଆମେରିକା ପୁଣି ଆକ୍ରମଣ କରେ, ତେବେ ରୁଷିଆ କ୍ୟୁବାକୁ ସୁରକ୍ଷା ଦେଇପାରିବ। ଦି ଗାର୍ଡିଆନର ଏକ ରିପୋର୍ଟ ଅନୁଯାୟୀ, ମେ' ୧୯୬୨ ମସିହାରେ ସୋଭିଏତ୍ ୟୁନିଅନ୍ (ରୁଷିଆ) କ୍ୟୁବାରେ ପରମାଣୁ ଅସ୍ତ୍ର ନିୟୋଜନ କରିବାକୁ ପ୍ରସ୍ତାବ ଦେଇଥିଲା, ବିପ୍ଳବରୁ ମୁକ୍ତ ହୋଇଥିବା କ୍ୟୁବା ସରକାର ତୁରନ୍ତ ଏଥିରେ ରାଜି ହୋଇଯାଇଥିଲା। ସେହି ସମୟରେ, କ୍ୟୁବା ଆମେରିକାଠାରୁ ନିଜକୁ ରକ୍ଷା କରିବା ପାଇଁ ସମସ୍ତ ପ୍ରକାର ପ୍ରୟାସ କରି ନିଜର ସଶସ୍ତ୍ର ବାହିନୀକୁ ମଜବୁତ କରୁଥିଲା ଏବଂ ଯେକୌଣସି ଆକ୍ରମଣକୁ ରୋକିବା ପାଇଁ ଏକ ରଣନୀତି ପ୍ରସ୍ତୁତ କରିଥିଲା।

### ଏମ୍ସ ଦିଲ୍ଲୀରେ ଚିକିତ୍ସାଧୀନ...

ସେ ପରିବାର ଲୋକଙ୍କ ସହିତ କଥା ହୋଇ ରାଜ୍ୟ ସରକାର ସମସ୍ତ ପ୍ରକାରର ସହଯୋଗର ହାତ ବଢ଼ାଇବେ ବୋଲି କହିଥିଲେ। ବଲଙ୍ଗା ଘଟଣାରେ ପୁଲିସ ପକ୍ଷରୁ ସୋସିଆଲ ମିଡିଆ ଏକ୍ସରେ ବିସ୍ଫୋରକ ସୂଚନା ପ୍ରଦାନ କରାଯାଇଛି। ପୁଲିସ କହିଛି, ବଲଙ୍ଗା ଘଟଣାରେ ପୀଡ଼ିତା ଝିଅଙ୍କ ମୃତ୍ୟୁ ଖବର ଶୁଣି ଆମେ ଅତ୍ୟନ୍ତ ଦୁଃଖିତ । ଏହି ଘଟଣାରେ ପୁଲିସ ପକ୍ଷରୁ ତଦନ୍ତ ନିଷ୍ଠାର ସହ କରାଯାଇଛି। ତଦନ୍ତ ଶେଷ ପର୍ଯ୍ୟାୟରେ ପହଞ୍ଚି ସାରିଛି। ବର୍ତ୍ତମାନ ପର୍ଯ୍ୟନ୍ତ ହୋଇଥିବା ତଦନ୍ତ ଅନୁଯାୟୀ ଅନ୍ୟ କୌଣସି ବ୍ୟକ୍ତିଙ୍କ ସମ୍ପୃକ୍ତି ନ ଥିବା ସ୍ପଷ୍ଟ ହୋଇଛି। ଏଣୁ ସମସ୍ତଙ୍କୁ ଅନୁରୋଧ ଯେ,ଏହି ଦୁଃଖଦ ମୁହୂର୍ତ୍ତରେ ଏ ସମ୍ବନ୍ଧୀୟ କୌଣସି ସମ୍ବେଦନଶୀଳ ମନ୍ତବ୍ୟ ନ ଦିଅନ୍ତୁ। ଆସନ୍ତାକାଲି ଦିଲ୍ଲୀ ଏମ୍ସରେ ତାଙ୍କର ମୃତଦେହ ବ୍ୟବଚ୍ଛେଦ କରାଯିବ। ସୁରକ୍ଷା ଦୃଷ୍ଟିରୁ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ,ରାଜ ଭବନଠାରୁ ଏଜି ଛକ ପର୍ଯ୍ୟନ୍ତ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏନେଇ ବଲଙ୍ଗା ପୀଡ଼ିତାଙ୍କ ବାପା କହିଛନ୍ତି ମୋ ଝିଅ ମାନସିକ ସ୍ଥିତି ଯୋଗୁ ଜୀବନ ନେଇଛି। ଏହାକୁ ନେଇ ରାଜନୀତି କରନ୍ତୁ ନାହିଁ ବୋଲି ସେ ଅନୁରୋଧ କରିଛନ୍ତି। ବଲଙ୍ଗା ଘଟଣାରେ ପୁଲିସ ପକ୍ଷରୁ ସୋସିଆଲ ମିଡିଆ ଏକ୍ସରେ ବିସ୍ଫୋରକ ସୂଚନା ପ୍ରଦାନ କରାଯାଇଛି। ପୁଲିସ କହିଛି, ବଲଙ୍ଗା ଘଟଣାରେ ପୀଡ଼ିତା ଝିଅଙ୍କ ମୃତ୍ୟୁ ଖବର ଶୁଣି ଆମେ ଅତ୍ୟନ୍ତ ଦୁଃଖିତ । ଏହି ଘଟଣାରେ ପୁଲିସ ପକ୍ଷରୁ ତଦନ୍ତ ନିଷ୍ଠାର ସହ କରାଯାଇଛି। ତଦନ୍ତ ଶେଷ ପର୍ଯ୍ୟାୟରେ ପହଞ୍ଚି ସାରିଛି। ବର୍ତ୍ତମାନ ପର୍ଯ୍ୟନ୍ତ ହୋଇଥିବା ତଦନ୍ତ ଅନୁଯାୟୀ ଅନ୍ୟ କୌଣସି ବ୍ୟକ୍ତିଙ୍କ ସମ୍ପୃକ୍ତି ନ ଥିବା ସ୍ପଷ୍ଟ ହୋଇଛି। ଏଣୁ ସମସ୍ତଙ୍କୁ ଅନୁରୋଧ ଯେ,ଏହି ଦୁଃଖଦ ମୁହୂର୍ତ୍ତରେ ଏ ସମ୍ବନ୍ଧୀୟ କୌଣସି ସମ୍ବେଦନଶୀଳ ମନ୍ତବ୍ୟ ନ ଦିଅନ୍ତୁ।

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ସିଆରସିସିଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ

ବାଲିଆପାଳ , ୦୨/୮ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଜଗାଇ କୈଳାସ ଚନ୍ଦ୍ର ପ୍ରାଥମିକ ବିଦ୍ୟାଳୟ ପରିସରରେ ଶନିବାର ପୂର୍ବାହ୍ନରେ ପାକମୁଡି ନୋଡାଲ ସ୍କୁଲର ପ୍ରଧାନ ଶିକ୍ଷକ ବରେନ୍ଦ୍ର କୁମାର ଘଡାଇଙ୍କ ପୌରହିତ୍ୟରେ ସିଆରସିସି ଜ୍ୟୋତିପ୍ରକାଶ ଜେନାଙ୍କର ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଅନୁଷ୍ଠିତ ସଭାରେମୁଖ୍ୟ ବକ୍ତା ଭାବେ ଜଗାଇ ପଦ୍ମଲୋଚନ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଜୟ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ଜଗାଇ ସରସ୍ୱତୀ ଶିଶୁ ମନ୍ଦିରର ପ୍ରଧାନ ଗୁରୁଜୀ ରବୀନ୍ଦ୍ର କୁମାର ପଣ୍ଡା ପ୍ରମୁଖ ଯୋଗଦେଇ ବିଦାୟୀ ସିଆରସିସି ଶ୍ରୀ ଜେନା ଜଣେ ମିଷ୍ଟଭାଷୀ, କର୍ତ୍ତବ୍ୟନିଷ୍ଠ ଓ ସମୟାନୁବର୍ତ୍ତୀ ଥାଇ ନିଜର ଉତ୍ତମ କାର୍ଯ୍ୟ ଦକ୍ଷତା ପ୍ରଦର୍ଶନ କରିବା ସହିତ ଅନ୍ୟକୁ ଭଲପାଇବା ମଧ୍ୟରେ ନିଜ ଅଧୀନରେ ଥିବା ବିଦ୍ୟାଳୟ ଗୁଡିକୁ ସଠିକ ଢଙ୍ଗରେ ଗଢି ତୋଳିବାରେ ତାଙ୍କର ଭୂମିକା ଅତୁଳନୀୟ ବୋଲି ବକ୍ତବ୍ୟରେ କହିଥିଲେ । ଏହି ଅବସରରେ ଅତିଥି ମାନଙ୍କ ଦ୍ୱାରା ଶ୍ରୀ ଜେନାଙ୍କୁ ଉତ୍ତରୀୟ ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରଯାଇଥିବା ବେଳେ ନୂଆ ସିଆରସିସି ଭାବରେ କାର୍ଯ୍ୟରେ ଯୋଗ ଦେଇଥିବା ଶ୍ରୀପତିତପାବନ ପ୍ରଧାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସ୍ୱାଗତ କରାଯାଇଥିଲା । ଜଗାଇ କ୍ଲଷ୍ଟର ଅଧୀନ ରେ ଥିବା ସମସ୍ତ ସରକାରୀ ବେସରକାରୀ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ,ସହକାରୀ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ପ୍ରାରମ୍ଭରେ ଅତିଥି ମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା । ବଡତାଳପଦା ନୋଡାଲ ସ୍କୁଲର ପ୍ରଧାନ ଶିକ୍ଷକ ତ୍ରିଲୋଚନ ସାହୁ ସ୍ୱାଗତ ଭାଷଣ ଓ କୁହ୍ଲାଚଡ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଅମୂଲ୍ୟକୁମାର କରଣ ଧନ୍ୟବାଦ ଅର୍ପଣ କରିଥିଲେ ।

# ଛଅ ଦଫା ଦାବି ନେଇ ସ୍କୁଲ କଲେଜ ଶିକ୍ଷକ ଶିକ୍ଷା କର୍ମଚାରୀ ସମନ୍ୱୟ ସମିତି ତରଫରୁ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ପ୍ରତିବାଦ ସଭା



ଜଳେଶ୍ୱର, ୦୨/୮ (ନି.ପ୍ର): ସମସ୍ତ ଯୋଗ୍ୟ ବିବେଚିତ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକୁ ଅନୁଦାନ ପ୍ରଦାନ।ସମସ୍ତ ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡ଼ିକରୁ ଅବସର ନେଇଥିବା ଓ ଅବସର ନେବାକୁ ଯାଉଥିବା ଶିକ୍ଷକ ଓ ଶିକ୍ଷାକର୍ମଚାରୀ ମାନଙ୍କୁ ଚାକିରି ସର୍ତ୍ତାବଳୀ, ପେନସନ୍ ଓ ଅବସରକାଳୀନ ସୁବିଧା ସୁଯୋଗ ପ୍ରଦାନ କରିବା।ଅବସର ବୟସସୀମା ୬୦ ରୁ ୬୨ ବର୍ଷକୁ ବୃଦ୍ଧି କରିବା। ଶିକ୍ଷକ ଓ ଶିକ୍ଷାକର୍ମଚାରୀଙ୍କ ଗ୍ରେଡପେରେ ଥିବା ଅସଙ୍ଗତି ଦୂର କରିବା। ସମସ୍ତ ନୂତନ ଓ ପୂର୍ଣ୍ଣ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡ଼ିକୁ ସରକାରୀକରଣ ଏବଂ ଶିକ୍ଷକ ନିଯୁକ୍ତି କରିବା। ୨୦୦୪ ରୁ ୨୦୧୩ ମଧ୍ୟରେ ନିଯୁକ୍ତି ପାଇଥିବା ଚୁକ୍ତିଭିତ୍ତିକ ଶିକ୍ଷକମାନଙ୍କୁ ୬ଟି ନେସନାଲ୍ ଇନ୍‌କ୍ରିମେଣ୍ଟ ସହିତ ବରିଷ୍ଠତା ପ୍ରଦାନ ଓ ନୂତନ ପେନସନ୍ ପରିବର୍ତ୍ତେ ପୁରାତନ ପେନସନ୍ ସ୍କିମ୍‌ର ପୁନଃ ପ୍ରଚଳନ କରିବା ପ୍ରଭୃତି ଛଅ ଦଫା ଦାବି ନେଇ ଶିକ୍ଷକ ସିକ୍ଷୟତନ ଓ ଶିକ୍ଷା ବ୍ୟବସ୍ଥାରେ ଥିବା ଅସଙ୍ଗତିକୁ ଦୂର କରିବା ଉଦ୍ଦେଶ୍ୟରେ ଓଡିଶା ସ୍କୁଲ କଲେଜ ଶିକ୍ଷକ ଶିକ୍ଷା କର୍ମଚାରୀ ସମନ୍ୱୟ ସମିତି ଜଳେଶ୍ୱର ତରଫରୁ ଜଳେଶ୍ୱର ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ପ୍ରତିବାଦ ସଭା ଜଳେଶ୍ୱର ଓଷ୍ଟାର ସଭାପତି ଶ୍ରୀଯୁକ୍ତ ସୁକୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜଳେଶ୍ୱର ଓଷ୍ଟାର ସଂପାଦକ ହରେକୃଷ୍ଣ ଜେନା, ରାଇବଣିଆ ଓଷ୍ଟାର ସଂପାଦକ ହରମୋହନ ମହନ୍ତ, ଜଳେଶ୍ୱର ଓଲ ଓଷ୍ଟାର ସଂପାଦକ କୁମୁଦ ରଞ୍ଜନ ଜେନା, ବାଲେଶ୍ୱର ଜିଲ୍ଲା ଓଷ୍ଟା ସଭାପତି ମନୋରଂଜନ ଦାସ, ଗୌରୀ ବାଳା ଦତ୍ତ,କନ୍ୟା କୁମାରୀ ପାଳ, ଅଞ୍ଜନା ଦାସ ଅଧିକାରୀ, କୁନ୍ତଳା ସାମଲ,ଜୟନ୍ତି ପରିଡ଼ା, ସବିତା ରାଣୀ ପଣ୍ଡା, ହରିପଦ ସିଂହ, ଅରବିନ୍ଦ ସାମଲ, ବିଜୟ କୁମାର ଗିରି, ବିନୋଦ ବିହାରି ମହାପାତ୍ର, କେଶବ ଚନ୍ଦ୍ର ପରିଡା, ପ୍ରଦୀପ କୁମାର ଜେନା, ହରିଶଙ୍କର ମହାନ୍ତି, ରବିନ୍ଦ୍ର ପାଳ, ଶ୍ୟାମ ସୁନ୍ଦର ଦେ ପ୍ରମୁଖ ଶତାଧିକ ସ୍କୁଲ କଲେଜ ଶିକ୍ଷକ ଶିକ୍ଷା କର୍ମଚାରୀ ମାନେ ଉପସ୍ଥିତ ରହି ଧାରଣା ଓ ପ୍ରତିବାଦ କରିଥିଲେ।

# ଅବସରପ୍ରାପ୍ତ ଶିକ୍ଷକ ହେବେ ଅତିଥି ଶିକ୍ଷକ

ଭୁବନେଶ୍ୱର, ୦୨/୮ (ନି.ପ୍ର): ରାଜ୍ୟର ଅବସରପ୍ରାପ୍ତ ୬୩୮୭ ଶିକ୍ଷକଙ୍କୁ ଅତିଥି ଶିକ୍ଷକ ଭାବେ ନିଯୁକ୍ତି ମିଳିବ। ଅନୁଦାନପ୍ରାପ୍ତ, ବ୍ଲକଗ୍ରାଂଟ ହାଇସ୍କୁଲ ସହ ସଂସ୍କୃତ ଟିଓଏଲ ସ୍କୁଲରେ ନିଯୁକ୍ତି ମିଳିବ। ଏନେଇ ମାଧମିକ ଶିକ୍ଷା ନିର୍ଦ୍ଦେଶାଳୟକୁ ଚିଠି ଲେଖି ଜଣାଇଛି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ । ନୂଆ ଟିଜିଟି ନିଯୁକ୍ତ ହେବା ଯାଏଁ ଅବସରପ୍ରାପ୍ତ ଶିକ୍ଷକ ପାଠ ପଢ଼ାଇବେ। ନିଜ ଅଂଚଳରେ ଫାଙ୍କା ଥିବା ପଦବୀ ବିଷୟରେ ଡିଇଓ ଅବଗତ କରିବେ। ଖାଲି ପଦବୀରେ ଟିଜିଟି ନିଯୁକ୍ତ ହେଲେ ଅତିଥି ଶିକ୍ଷକ ଅପସାରିତ ହେବେ।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା



ବାସୁଦେବପୁର, ୦୨/୮ (ନି.ପ୍ର): ବାସୁଦେବପୁର ହନୁମାନ ବାଟିକା ଠାରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ୨୮ ତମ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ଶିକ୍ଷାବିତ୍ ସୁଶୀଲ କୁମାର ପାତ୍ର, ଶିକ୍ଷାବିତ୍ ଉପେନ୍ଦ୍ର ପ୍ରସାଦ ପାଢୀ, ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାରଣା, ପ୍ରଧାନ ଆଚାର୍ଯ୍ୟ ମଦନ ମୋହନ ମହାନ୍ତ ପ୍ରମୁଖ ବିଶେଷ ଅତିଥି ଭାବେ ଯୋଗ ଦେଇଥିଲେ ଓ ଛାତ୍ର ଛାତ୍ରୀ ମାନଙ୍କ ବିଭିନ୍ନ ପ୍ରକଳ୍ପ କୁ ଉଚ୍ଚ ପ୍ରଶଂସା କରିଥିଲେ। ଏହି ଉତ୍ସବରେ ଅତିଥି ପରିଚୟ ପ୍ରଦାନ କରିଥିଲେ ଗୁରୁଜୀ ରବୀନ୍ଦ୍ର କୁମାର ବେହେରା। ଗୁରୁଜୀ ଭଗବାନ ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ବିଜ୍ଞାନ ମେଳା ରେ ୧୦୧ ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ଗଣିତ ପ୍ରଶ୍ନମଞ୍ଚ ୧୩, ସଂସ୍କୃତି ଜ୍ଞାନ ପ୍ରଶ୍ନ ମଞ୍ଚ ୧୮, ବିଜ୍ଞାନ ପ୍ରଶ୍ନ ମଞ୍ଚ ୧୩, ଗଣିତ ସଂସ୍କୃତି ଜ୍ଞାନ ଓ ବିଜ୍ଞାନ ପ୍ରଶ୍ନ ବାଚନ ୯ ଜଣ, ଗଣିତ ପ୍ରୟୋଗ ୩ ଜଣ, ବିଜ୍ଞାନ ପ୍ରୟୋଗ ୫ ଜଣ, ମୂର୍ତ୍ତି କଳା ୧୧ ଜଣ ଶିଶୁ ଏହି ଉତ୍ସବରେ ଅଂଶ ଗ୍ରହଣ କରିଥିଲେ। ବହୁ ସଂଖ୍ୟାରେ ଛାତ୍ର ଛାତ୍ରୀ ଯୋଗ ଦେଇଥିଲେ। ସମସ୍ତ ଗୁରୁଜୀ ଗୁରୁମା ଉତ୍ସବ ପରିଚାଳନା କରିବାରେ ସହଯୋଗ କରିଥିଲେ।

# ଝୋଟ କାରଖାନା ଶ୍ରମିକ ସଙ୍ଘ ପକ୍ଷରୁ ଅରୁଣ ଦେଙ୍କ ସ୍ମୃତିସଭା

## ବାଲେଶ୍ୱର ମାଟିର ବରପୁତ୍ର ଥିଲେ ଅରୁଣ



ରୂପସା, ୦୨/୮ (ନି.ପ୍ର): ରୂପସା ଝୋଟ କାରଖାନା ଶ୍ରମିକ ସଙ୍ଘ ପକ୍ଷରୁ ପୂର୍ବତନ ବିଧାୟକ ତଥା ଶ୍ରମିକ ସଂଘର ସଭାପତି ସ୍ୱର୍ଗତ ଅରୁଣ ଦେଙ୍କ ଚତୁର୍ଥ ବାର୍ଷିକୀ ଶ୍ରାଦ୍ଧ ଦିବସ ଶନିବାର ସଙ୍ଘ କାର୍ଯ୍ୟାଳୟ ପରିସରରେ ପାଳିତ ହୋଇଯାଇଛି । ସ୍ମୃତିସଭାରେ ସଂଘର ସଭାପତି ଆଇନଜୀବି ଶାନ୍ତନୁ କୁମାର ଦାସ ଅଧ୍ୟକ୍ଷତା କରି ସ୍ୱର୍ଗତ ଦାଦା ବାଲେଶ୍ୱର ମାଟିର ବରପୁତ୍ର ଓ ସାଧାରଣ ଲୋକଙ୍କ ନେତା ଥିଲେ ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି କାରଖାନା ପରିଚାଳକ ସଞ୍ଜୟ କୁମାର ସାହୁ , କାରଖାନା ଇନ ଚାର୍ଜ ସୁରେନ୍ଦ୍ର କୁମାର ବେହେରା, ପୂର୍ବତନ ଜିଲା ପରିଷଦ ସଭ୍ୟ ବରଦା ପ୍ରସନ୍ନ ପଟ୍ଟନାୟକ,ମୁଖ୍ୟ ଉପଦେଷ୍ଟା ଦେବବ୍ରତ ବିଶ୍ୱାଳ, ଜିଲା ପରିଷଦ ସଦସ୍ୟ ସଞ୍ଜୟ ସେଠୀ , ପୂର୍ବତନ ସରପଞ୍ଚ ମନୋରଞ୍ଜନ ମହାପାତ୍ର, ସାମ୍ବାଦିକ ବାଞ୍ଛାନିଧି ଦେ, କାରଖାନାର କୋଷାଧ୍ୟକ୍ଷ ଅରୂପ ଖାନ ପ୍ରମୁଖ ଯୋଗ ଦେଇ ଶ୍ରମିକ ନେତା ଅରୁଣ ଦେ ରାଜ୍ୟ ରାଜନୀତିରେ ଜଣେ ଆଦର୍ଶ ଜନ ନେତା ଥିଲେ ବୋଲି ବକ୍ତବ୍ୟରେ କହିଥିଲେ । ସଂଘର ସାଧାରଣ ସମ୍ପାଦକ ରଜନୀକାନ୍ତ ବିଶ୍ୱାଳ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଉପ ସଭାପତି ରଘୁନାଥ ସାହୁ,କୋଷାଧ୍ୟକ୍ଷ ଅନ୍ତର୍ଯ୍ୟାମୀ ମହାପାତ୍ର,ପୂର୍ବତନ ସମ୍ପାଦକ ଦୀପକ କୁମାର ପଣ୍ଡା,ନିମନ୍ତ୍ରିତ ସଂଗଠକ ରାଜେଶ କୁମାର ଗିରି,ସଂଗଠନ ସମ୍ପାଦକ ସନାତନ ପ୍ରଧାନ, ତପନ ସାହୁ, ରାଜେନ୍ଦ୍ର ଦାସ ଓ ନିରଞ୍ଜନ ଦାସ, ସହ ସମ୍ପାଦକ ଜଗନ୍ନାଥ ନାୟକ, ମନୋରଞ୍ଜନ ସିଂହ, ପ୍ରଦୀପ ଜେନା ଓ ସୁକୁମାର ବାରିକଙ୍କ ସମେତ ଇସି କମିଟି ସଭ୍ୟ ଯୋଗ ଦେଇ ତାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

# ଝାଡଖଣ୍ଡ ମୁକ୍ତିମୋର୍ଚ୍ଚାର ବେତନଟୀ ବ୍ଲକ ସଭାପତି ହେଲେ ଆଦିବାସୀ ନେତା ଡୋମାନ ହେମ୍ବ୍ରମ

ବେତନଟୀ, ୦୨/୮ (ନି.ପ୍ର): ଝାଡଖଣ୍ଡ ମୁକ୍ତିମୋର୍ଚ୍ଚାର ବେତନଟୀ ବ୍ଲକ ସଭାପତି ଭାବେ ମନୋନୀତ ହେଲେ ଆଦିବାସୀନେତା ଡୋମାନ ହେମ୍ବ୍ରମ । ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚାର ଜିଲ୍ଲା ସଭାପତି କୃଷ୍ଣଚନ୍ଦ୍ର ଦାସ ବେତନଟୀ ବ୍ଲକ ସମେତ ମୟୂରଭଞ୍ଜ ଜିଲ୍ଲାର ଅନ୍ୟାନ୍ୟ ବ୍ଲକ ପାଇଁ ସଭାପତି ମାନଙ୍କର ତାଲିକା ରାଜ୍ୟ ସଭାପତି ଅଞ୍ଜନୀ ସୋରେନଙ୍କ ନିକଟକୁ ପଠାଇଥିଲେ। ଜିଲ୍ଲାସଭାପତିଙ୍କ ପକ୍ଷରୁ ଦିଆଯାଇଥିବା ବ୍ଲକସଭାପତି ମାନଙ୍କର ତାଲିକାକୁ ରାଜ୍ୟସଭାପତି ଅଞ୍ଜନୀ ସୋରେନ ଅନୁମୋଦନ କରିବାପରେ ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚାର ବେତନଟୀ ସମେତ ବିଭିନ୍ନ ବ୍ଲକର ସଭାପତି ମାନଙ୍କର ନାମ ଦଳପକ୍ଷରୁ ବିଧବଦ୍ଧ ଭାବେ ଘୋଷଣା କରାଯାଇଛି । ବେତନଟୀ ବ୍ଲକସଭାପତି ଭାବେ ଆଦିବାସୀନେତା ଡୋମାନ ହେମ୍ବ୍ରମଙ୍କ ନାମ ବିଧିବଦ୍ଧ ଭାବେ ଘୋଷଣା କରାଯିବା ପରେ ବିଭିନ୍ନ ମହଲରୁ ତାଙ୍କ ନିକଟକୁ ଛୁଟିଛି ଶୁଭେଚ୍ଛାର ସୁଅ । ଦଳପକ୍ଷରୁ ରବୀନ୍ଦ୍ରନାଥ ମାଣ୍ଡି, ମୁସୁ ମୁର୍ମୁ, ଦୁର୍ଗା ମୁର୍ମୁ, ପୀଥ ମୁର୍ମୁ, ସାଗୁନ ମୁର୍ମୁ, ସମରାୟ ଟୁଡୁ, ସଞ୍ଜୟ କିସ୍କୁ, ଦାସ ମାଇଁ, ସହର ମାଣ୍ଡି ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ଡୋମାନ ହେମ୍ବ୍ରମଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

# ମଧ୍ୟାହ୍ନ ଭୋଜନରେ ମିଳିବ ଫଳ

ଭୁବନେଶ୍ୱର, ୦୨/୮ (ନି.ପ୍ର): ସ୍କୁଲରେ ପିଲାଙ୍କୁ ମଧ୍ୟାହ୍ନଭୋଜନରେ ଏଣିକି ମିଳିବ ଫଳ। ଯେଉଁମାନେ ଅଣ୍ଡା ନ ଖାଉଛନ୍ତି ସେମାନଙ୍କୁ ଫଳ ଦିଆଯିବ। ସମସ୍ତ ଜିଲା ଶିକ୍ଷା ଅଧିକାରୀଙ୍କୁ ଏନେଇ ଚିଠି କରାଯାଇଛି। ଶିଶୁ ବାଟିକାରୁ ଦଶମ ଶ୍ରେଣୀ ଛାତ୍ର ଛାତ୍ରୀ ମାନଙ୍କ ପାଇଁ ଏହା ଲାଗୁ ହେବ। ପିଲାଙ୍କୁ କଦଳୀ, ଆମ୍ବ, ସେଓ ଭଳି ଅନ୍ୟ ଫଳ ମଧ୍ୟ ଦିଆଯାଇପାରିବ।

# ପ୍ରଧାନମନ୍ତ୍ରୀ କିଷାନ ଯୋଜନା ଚାଷୀଙ୍କ ପାଇଁ ଏକ ବରଦାନ: ଗଡକରୀ

ନୂଆଦିଲ୍ଲୀ, ୦୨/୮ : କେନ୍ଦ୍ର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରୀ ନୀତିନ ଗଡକରୀ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି (ପିଏମ-କିଷାନ) ଯୋଜନାକୁ ଦେଶର ଚାଷୀଙ୍କ ପାଇଁ ଏକ ବରଦାନ ବୋଲି ବର୍ଣ୍ଣନା କରିଛନ୍ତି। ସେ କହିଛନ୍ତି ଯେ ଏହି ଯୋଜନା ଅଧୀନରେ ଚାଷୀମାନଙ୍କୁ ନିରନ୍ତର ଆର୍ଥିକ ସହାୟତା ଦିଆଯାଉଛି, ଯାହା ସେମାନଙ୍କ ଜୀବନ ଜୀବିକାରେ ଉନ୍ନତି ଆଣିଛି। ଗଡକରୀ ଶନିବାର ତାଙ୍କ ଏକ୍ସ ପୋଷ୍ଟରେ ଲେଖିଛନ୍ତି ଯେ ପ୍ରଧାନମନ୍ତ୍ରୀ କିଷାନ ଯୋଜନା ଚାଷୀ କଲ୍ୟାଣ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଏବଂ ଏହା ଚାଷୀଙ୍କ ଆର୍ଥିକ ଅବସ୍ଥାକୁ ମଜବୁତ କରିଛି। ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ବାରାଣସୀରେ ଆୟୋଜିତ ଏକ କାର୍ଯ୍ୟକ୍ରମ ସମୟରେ ପ୍ରଧାନମନ୍ତ୍ରୀ-କିଷାନ ଯୋଜନାର ୨୦ତମ କିସ୍ତି ଜାରି କରିଛନ୍ତି। ଏହି ସମୟରେ, ସାରା ଦେଶର ୯.୭ କୋଟିରୁ ଅଧିକ ଚାଷୀଙ୍କ ବ୍ୟାଙ୍କ ଆକାଉଂଟକୁ ସିଧାସଳଖ ୨୦,୫୦୦ କୋଟି ଟଙ୍କା ସ୍ଥାନାନ୍ତରିତ ହୋଇଛି। ଏହି ରାଶି ସହିତ, ମୋଟ ୧୦୦୦ କୋଟିରୁ ଅଧିକ ଟଙ୍କା ସ୍ଥାନାନ୍ତରିତ ହୋଇଛି। ଏହି ଯୋଜନା ଅଧୀନରେ ଏପର୍ଯ୍ୟନ୍ତ ଚାଷୀମାନଙ୍କୁ ୩.୯୦ ଲକ୍ଷ କୋଟି ଟଙ୍କା ଦିଆଯାଇଛି। ଗଡକରୀ କହିଛନ୍ତି ଯେ ଏହି କଲ୍ୟାଣକାରୀ ଯୋଜନା ଚାଷୀଙ୍କ ଆର୍ଥିକ କ୍ଷମତା ସହିତ ସେମାନଙ୍କ ଜୀବନକୁ ପରିବର୍ତ୍ତନ କରୁଛି।

# ପାରାଦୀପ ବନ୍ଦରକୁ ଚଳିତ ବର୍ଷର ସର୍ବଶ୍ରେଷ୍ଠ ବୃହତ୍ତ ବନ୍ଦରମାଳା ସମ୍ମାନ




ପାରାଦୀପ, ୦୨/୮ (ନି.ପ୍ର): ଦେଶର ଏକ ନମ୍ବର ମାନ୍ୟତା ପାଇଥିବା ପାରାଦୀପ ବନ୍ଦର କୁ ଆଉ ଏକ ମର୍ଯ୍ୟାଦାଜନକ ସମ୍ମାନରେ ସମ୍ମାନୀତ କରାଯାଇଛି ।ଏନେଇ ମୁମ୍ବାଇ ଠାରେ ଗତ ଶୁକ୍ରବାର ଏକଜିମ୍ ଇଣ୍ଡିଆ ପକ୍ଷରୁ ଆୟୋଜିତ ୧୫ତମ ବାର୍ଷିକ ସମାରୋହରେ ପାରାଦୀପ ବନ୍ଦରକୁ ଶ୍ରେଷ୍ଠ ବୃହତ୍ତ ବନ୍ଦର ମାଳା ସମ୍ମାନ ପ୍ରଦାନ କରାଯାଇଛି । ଭାରତୀୟ ନୌବାଣିଜ୍ୟିକ କ୍ଷେତ୍ରରେ ପାରାଦୀପ ବନ୍ଦର ସମଗ୍ର ଦେଶରେ ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରିଛି । ଏହି ସମ୍ମାନ ପାରାଦୀପ ବନ୍ଦରର ଦକ୍ଷତା, ପଣ୍ୟ ପରିବହନ କ୍ଷେତ୍ରରେ ଯେଉଁ ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରିଛି ଏହା ତାହାର ପ୍ରତିଫଳନ । ପାରାଦୀପ ବନ୍ଦର ଯାତାୟତ ପ୍ରବନ୍ଧକ ଜି, ଏଡିସନ୍ ପାରାଦୀପ ବନ୍ଦର ପକ୍ଷରୁ ଏହି ସ୍ୱତନ୍ତ୍ର ସମ୍ମାନ ଗ୍ରହଣ କରିଛନ୍ତି । ମାଳା ସମ୍ମାନ ଏକ ମର୍ଯ୍ୟାଦାଜନକ ପୁରସ୍କାର ଦେଶର ବୃହତ୍ତ ଶିଳ୍ପ ସଂସ୍ଥାମାନଙ୍କର ଦକ୍ଷତା ଓ କାର୍ଯ୍ୟଶୈଳିକୁ ଦେଖି ପୁରସ୍କୃତ କରିଥାଏ । ଏହି ପୁରସ୍କାର ପାରାଦୀପ ବନ୍ଦରକୁ ମିଳିବା ପରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ କଠିନ ପରିଶ୍ରମର ଫଳ ପାରାଦୀପ ବନ୍ଦରକୁ ମିଳିଛି ବୋଲି କହିଛନ୍ତି । ପାରାଦୀପ ବନ୍ଦରକୁ ଏହା ଏକ ପ୍ରେରଣା ବୋଲି କହିଛନ୍ତି। ଆଗାମୀ ଦିନରେ ଆମେ ଏହି ଭଳି କାର୍ଯ୍ୟଧାରାକୁ ବଜାୟ ରଖିବୁ ବୋଲି କହିଛନ୍ତି । ପାରାଦୀପ ବନ୍ଦର ଏହାର କାର୍ଯ୍ୟ ଦକ୍ଷତା, କ୍ଷମତାରେ ବୃଦ୍ଧି କରି ଆଗାମୀ ଦିନମାନଙ୍କରେ ସମଗ୍ର ବିଶ୍ୱର ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦିତ କରିବ ବୋଲି ଅଧ୍ୟକ୍ଷ ଶ୍ରୀ ହରନାଦ କହିଛନ୍ତି ।

# ପିଏମ କିସାନ ସମ୍ମାନ ନିଧି ପ୍ରଦାନ ଉତ୍ସବ ପାଳିତ

ବାଲେଶ୍ୱର , ୦୨/୮ (ନି.ପ୍ର): ସକାଳ ୧୦ଟାରେ ବାଲେଶ୍ୱର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ପିଏମ କିସାନ ସମ୍ମାନ ନିଧି ପ୍ରଦାନ ଉତ୍ସବ ପାଳିତ ହୋଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ବାଲେଶ୍ୱର ଲୋକସଭା ସାଂସଦ ପ୍ରତାପ ଷଡଙ୍ଗୀ ଉପସ୍ଥିତ ଥିଲେ ଓ ସେ ଏହାର ଅଧକ୍ଷତା କରିଥିଲେ ।ଏହି କାର୍ଯ୍ୟକ୍ରମରେ ମାନ୍ୟବର ବିଧାୟକ, ବାଲେଶ୍ୱର ସଦର ମାନସ କୁମାର ଦତ୍ତ, ମାନ୍ୟବର ବିଧାୟକ, ନୀଳଗିରି ସନ୍ତୋଷ ଖଟୁଆ, ବାଲେଶ୍ୱର ଜିଲ୍ଲାପାଳ ଓ ଜିଲ୍ଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ ମଧ ବିଶିଷ୍ଟ ଅତିଥି ଭାବେ ଉପସ୍ଥିତ ଥିଲେ ।ଏହି ଅବସରରେ ଉତ୍ତର ପ୍ରଦେଶର ବାରାଣସୀରୁ ଜାତୀୟ ସ୍ତରରେ ଅନୁଷ୍ଠିତ ମୁଖ୍ୟ କାର୍ଯ୍ୟକ୍ରମର ସିଧା ପ୍ରସାରଣ ହୋଇଥିଲା ଯେଉଁଠାରେ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏକ କ୍ଲିକ୍ ଦ୍ୱାରା ପିଏମ କିସାନ ସମ୍ମାନ ନିଧି ଯୋଜନା ଅନ୍ତର୍ଗତ ୨୦ତମ କିସ୍ତି ରେ ଦେଶର ୯ କୋଟି ୭୦ ଲକ୍ଷରୁ ଅଧିକ ଚାଷୀଙ୍କୁ ମୋଟ ୨୦,୫୦୦ କୋଟି ଟଙ୍କାର ରାଶି ଡିବିଟି ମାଧ୍ୟମରେ ହସ୍ତାନ୍ତର କରିଥିଲେ। ବାଲେଶ୍ୱର ଜିଲ୍ଲାରେ ସର୍ବମୋଟ ୨,୪୩,୬୯୪ ଜଣ ହିତାଧିକାରୀ ଥିଲେ ସେଥିମଧ୍ୟରୁ ଭୋଗରାଇ ରେ ସର୍ବାଧିକ ୪୦୪୫୭, ଖଇରା ରେ ୨୬୧୪୪, ବାଲିଆପାଳ ରେ ୨୪୩୩୮, ସଦର ରେ ୨୧୨୦୭, ସିମୁଳିଆ ରେ ୧୯୬୬୪, ବସ୍ତା ରେ ୧୯୯୮୯, ଜଳେଶ୍ୱର ରେ ୨୧୧୯୯, ରେମୁଣା ରେ ୧୬୮୯୮, ବାହାନଗା ରେ ୧୫୪୧୨, ସୋରୋ ରେ ୧୫୧୪୫, ଓଉପଦା ରେ ୧୦୫୩୯ ଓ ନୀଳଗିରି ରେ ୧୨୭୦୨ ଜଣ ହିତାଧିକାରୀ ଥିଲେ। ଶେଷରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ତୁଷାରକାନ୍ତି ତୁଙ୍ଗ ସମସ୍ତ ଅତିଥିଙ୍କୁ ଧନ୍ୟବାଦ୍ ଅର୍ପଣ କରି ଉତ୍ସବର ସାର୍ଥକତା ବ୍ୟକ୍ତ କରିଥିଲେ।

# ଅର୍ଗାନିକ ଚାଉଳରେ ପ୍ରସ୍ତୁତ ହେବ ଅଭଡ଼ା

ଭୁବନେଶ୍ୱର, ୦୨/୮ (ନି.ପ୍ର): ଅର୍ଗାନିକ ଚାଉଳରେ ଅଭଡ଼ା ପ୍ରସ୍ତୁତ ପାଇଁ ରାଜ୍ୟ ସରକାର ଯୋଜନା କରୁଛନ୍ତି। ଏଥିପାଇଁ ରାଜ୍ୟ ସରକାର ୫ ବର୍ଷିଆ ବିସ୍ତୃତ ଯୋଜନା ପ୍ରସ୍ତୁତ କରିଛନ୍ତି। ଏଥିପାଇଁ ୮ଟି ଜିଲ୍ଲା କନ୍ଧମାଳ, ମାଲକାନଗିରି, କୋରାପୁଟ, ରାୟଗଡ଼ା, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ ଓ ବଲାଙ୍ଗୀର ରେ ଅର୍ଗାନିକ ଫାର୍ମିଂ କରାଯିବ। ବଳଭଦ୍ର ଜୈବିକ ଚାଷ ମିଶନ ଅଧୀନରେ ୧୧୩ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳାରେ ୪୨ପ୍ରକଳ୍ପ ପ୍ରଦର୍ଶିତ

ବସ୍ତା, ୦୨/୮ (ନି.ପ୍ର): ବସ୍ତା ଥାନା ଅଧିନସ୍ଥ ହଳଦୀପଦା ରମାକାନ୍ତବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ରେ କୁନିକୁନି ପିଲା ମାନଙ୍କୁ ନେଇ ଜ୍ଞାନବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ନିଳମଣି ମହାବିଦାଳୟର ଗଣିତ ଅଧ୍ୟାପକ ଶ୍ରବଣ କୁମାର ନାୟକ, ପଦାର୍ଥ ବିଜ୍ଞାନ ଦାଇତ୍ୱରେ ଥିବା ବାସନ୍ତୀ ସାହୁ ଯୋଗ ଦେଇଥିବାବେଳେ ପରିଚାଳନା ସମିତିର ସଭାପତି କାର୍ତ୍ତିକଚନ୍ଦ୍ର ବାରିକ ସମ୍ପାଦକ ଗଣେଶ୍ୱର ସାହୁ ଯୁଗ୍ମ ସମ୍ପାଦକ ମହେନ୍ଦ୍ର ସାହୁ କୋଷାଧ୍ୟକ୍ଷ ଶରତଚନ୍ଦ୍ର ଜେନା ପ୍ରଧାନ ଆଚାର୍ଯ୍ୟା ସାଗରିକା ଜେନା ବିଜ୍ଞାନ ପ୍ରମୂଖ ଦିପକ କୁମାରସାହୁ ଉପସ୍ଥିତଥିଲେ । ମୋଟ ୪୨ଟି ପ୍ରକଳ୍ପ ପିଲାମାନେ ପ୍ରଦର୍ଶିତ କରିଥିଲେ । ସମସ୍ତ ଗୁରୁଜି ଗୁରୁମା କୁନିକୁନି ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

# ଗୋଷ୍ଠୀ ଶିକ୍ଷାଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶିକ୍ଷକଙ୍କ ଧାରଣା




ନୀଳଗିରି, ୦୨/୮ (ନି.ପ୍ର): ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସଙ୍ଘ ପକ୍ଷରୁ ନୀଳଗିରି ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି । ସୂଚନା ମୁତାବକ ସମସ୍ତ ଯୋଗ୍ୟ ବିବେଚିତ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକରେ ଅନୁଦାନ ପ୍ରଦାନ ଶିକ୍ଷକ ଶିକ୍ଷୟତ୍ରୀ ରହିଛନ୍ତି । ପୂର୍ବ ସରକାର ଓ ବର୍ତ୍ତମାନର ସରକାର ସେମାନଙ୍କୁ ଅବହେଳା କରିଛନ୍ତି। ଫଳରେ ୬ଦଫା ଦାବୀନେଇ ଶିକ୍ଷକ ମାନେ ଆଜି ଧାରଣାରେ ବସିଥିଲେ।ମୁଖ୍ୟ ଦାବୀ ଗୁଡିକ ହେଉଛି ସମସ୍ତ ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକରୁ ଅବସର ନେଇଥିବା ଓ ଅବସର ନେବାକୁ ଯାଉଥିବା ଶିକ୍ଷକ ଓ ଶିକ୍ଷାକର୍ମଚାରୀମାନଙ୍କୁ ଚାକିରି ସର୍ତ୍ତାବଳୀ, ପେନସନ୍ ଓ ଅବସରକାଳୀନ ସୁବିଧା ସୁଯୋଗ ପ୍ରଦାନ କରାଯାଉନାହିଁ । ଅବସର ବୟସସୀମା ୬୦ ରୁ ୬୨ ବର୍ଷକୁ ବୃଦ୍ଧି କରାଯାଉ । ଶିକ୍ଷକ ଓ ଶିକ୍ଷାକର୍ମଚାରୀଙ୍କ ଗ୍ରେଡ୍‌ପେରେ ଥିବା ଅସଙ୍ଗତି ଦୂରୀକରଣ କରିବା । ସମସ୍ତ ନୂତନ ଓ ପୂର୍ଣ୍ଣ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡ଼ିକୁ ସରକାରୀକରଣ ଏବଂ ଶିକ୍ଷକ ନିଯୁକ୍ତି କରିବା । ୨୦୦୪ ରୁ ୨୦୧୩ ମଧ୍ୟରେ ନିଯୁକ୍ତି ପାଇଥିବା ଚୁକ୍ତିଭିତ୍ତିକ ଶିକ୍ଷକମାନଙ୍କୁ ୬ଟି ନ୍ୟାସନାଲ ଇନ୍‌କ୍ରିମେଣ୍ଟ ସହିତ ବରିଷ୍ଠତା ପ୍ରଦାନ ଓ ନୂତନ ପେନସନ୍ ପରିବର୍ତ୍ତେ ପୁରାତନ ପେନସନ୍ ସ୍କାମ୍‌ର ପୁନଃ ପ୍ରଚଳନ କରାଯିବା ପାଇଁ ଦାବୀ କରାଯାଇଥିଲା । ଯଦି ଆଗମୀ ଦିନରେ ସରକାର ଏ ସମସ୍ତ ଦାବି ପୂରଣ ନକରନ୍ତି ତାହାଲେ ଜିଲ୍ଲା ଓ ରାଜଧାନୀ ରେ ଆନ୍ଦୋଳନ ତୀବ୍ରତର ହେବ ବୋଲି କହିଛନ୍ତି ଶିକ୍ଷକ ସଂଘର କର୍ମଚାରୀମାନେ। ଏହି ଧାରଣାରେ ଶିକ୍ଷକ ଭାସ୍କର ଚନ୍ଦ୍ର ଜେନା, ପ୍ରମୋଦ କୁମାର ସାହୁ, ସୁରେନ୍ଦ୍ର ପାତ୍ର, ଅଜୟ ପରିଡା,ବିଶ୍ୱନାଥ ନାୟକ, ପ୍ରଫୁଲ ମହାପାତ୍ର, ସୁଦୀପ କୁମାର ପଣ୍ଡା, ସୂର୍ଯ୍ୟ କୁମାର ପଣ୍ଡା, ପ୍ରଶାନ୍ତ ବିଶ୍ୱାଳ, କମଳା କାନ୍ତ ଦାସ, ସରୋଜ ସୁନ୍ଦର ସିଂହ, ଖଗେଶ୍ୱର ଆରୁଖ, ଜୀତେନ୍ଦ୍ର ଉପାଧ୍ୟାୟ,ରମାକାନ୍ତ ପାଣିଗ୍ରାହୀ ଓ ଅନ୍ୟ ସଦସ୍ୟ ମାନେ ଉପସ୍ଥିତ ରହିଥିଲେ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା।

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida